
ହୃଦୟ-6

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

✽ ଦ୍ୱିତୀୟ ପୁଷ୍ପ ✽ ତୃତୀୟ ପାଖୁଡ଼ା ✽ କେଶବାବ୍ଦ ଚତ୍ୱାରିଂଶତ୍ ✽

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ
ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ।
ମୁଦ୍ରଣ : ଇନ୍ ପ୍ରିଣ୍ଟ, ଚାନ୍ଦିନୀଚୌକ, କଟକ ।
ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା ॥
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ଇନ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ॥

✽ ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ଦଶ ମୁଦ୍ରାଞ୍ଜଳି ✽

# ପ୍ରବେଶ ପରିଚିତି

❋ ଦ୍ୱିତୀୟ ପୁଷ୍ପ ❋

ତୃତୀୟ ପାଖୁଡ଼ା

କେଶବାବ୍ଦ : ଚତ୍ୱାରିଂଶତ୍

ତୃତୀୟ ସଂସ୍କରଣ, ଚୈତ୍ର ପୂର୍ଣ୍ଣିମା ୨୦ ଏପ୍ରିଲ ୨୦୦୮

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ଵରଂ ଵରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ ।
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ସିଂହଦ୍ୱାର** | |
| ମଙ୍ଗଳାଷ୍ଟକମ୍ | ୧ |
| ଶ୍ରୀପଦ ବନ୍ଦନା | ୧ |
| ଅଥ ଶ୍ରୀଗୁରୁ ନମସ୍କାରମ୍ | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| **ଶ୍ରୀମନ୍ଦିର** | |
| ଉଦ୍‌ବୋଧନୀ ସଙ୍ଗୀତ | ୫ |
| ଚରମ ପ୍ରଚ୍ଛଦପଟ ସମ୍ପର୍କରେ : କଳ୍ପବୃତ୍ତାନ୍ତ | ୬ |
| ଆମର ଲକ୍ଷ ଚରମ ପ୍ରାପ୍ତି : ସଂସାରୀର ଧର୍ମଜୀବନ | ୧୦ |
| ବନ୍ଦେ ମହାପୁରୁଷ ! ତେଚରଣାରବିନ୍ଦମ୍ : ରାମଦାସଙ୍କୁ ଅଚ୍ୟୁତ | ୧୪ |
| ପୂର୍ବଖଣ୍ଡର ଉଦ୍ଧୃତାଂଶର ବ୍ୟାଖ୍ୟା | ୧୫ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗର୍ଭଗୃହ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ : ମାତୃତ୍ୱର ଆହ୍ୱାନ | ୧୭ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚୟ- ସକଳଘଟେ ନାରାୟଣ | ୨୧ |
| ଭରିଷ୍ୟତଃ ! ଜାଗ୍ରତଃ !! : ସ୍ୱପ୍ନ | ୨୪ |
| ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନକୁ ମୋହ | ୨୭ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ : ଜନନୀ ଜଠର ଜଗାଯ୍ତୁ | ୩୧ |
| କେଶବ କୈବଲ୍ୟ କଣିକା | ୩୫ |
| ଶ୍ରୀ ଶ୍ରୀ ଠାକୁରଙ୍କ ଲେଖନୀରୁ | ୩୭ |
| କଲ୍ୟାଣ ହେଲି ତୋତେ | ୪୦ |
| ପୁରାଣ ପୃଷ୍ଠାରୁ : ଶାଶ୍ୱତ ଜନକ ପୂର୍ବ ବୃତ୍ତାନ୍ତ | ୪୪ |
| ଜିଜ୍ଞାସା - ଜିଜ୍ଞାସୁ : ଶ୍ରୀଶ୍ରୀଗୁରୁଦେବମାନଙ୍କ ସହିତ ନାନା ପ୍ରସଙ୍ଗ | ୫୩ |
| **ନୀଳଚକ୍ର** | |
| 'ଚରମ'ର ସଂକେତ | ୫୭ |
| ଆଶ୍ରମ ସନ୍ଦେଶ | ୫୯ |



## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।
୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।
୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।
୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।
୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର      ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ      ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ      ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା      ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।




ଓଁ ନମୋ ଭଗବତେ ଯଦୁନନ୍ଦନାୟ ! ଓଁ ନମୋ ଭଗବତେ ସୁକାନ୍ତିପୁତ୍ରାୟ !! ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!

## ମଙ୍ଗଳାଷ୍ଟକମ୍

ଓଁ ଶ୍ରୀବତ୍ସ ଚିହ୍ନେନ ବିରାଜିତଂ ହୃଦମ୍ ।
ଶ୍ରୀଖଣ୍ଡ ଘୃଷ୍ଟେନ ଲଲାଟ ମଣ୍ଡିତମ୍ ।
ଭକ୍ତାନୁରାଗଂ ବ୍ରହ୍ମମୟଂ ସଦା ହରିମ୍,
ତଂ କେଶବ ନୌମି ବରପ୍ରଦଂ ସଦା ॥

## ଶ୍ରୀପଦ ବନ୍ଦନା

ଶ୍ରୀପଦ ଅଟଇ ଧ୍ୟାନର ମୂଳ ।
ଶ୍ରୀପଦ ଯୁଗଳ ଶ୍ରୀଗୁରୁକୁଳ ॥ ୧ ॥
ଶ୍ରୀପଦ ପୀଠରେ କର ପ୍ରଣାମ ।
ଶ୍ରୀପଦରେ ଅନ୍ତେ ନିଅ ବିଶ୍ରାମ ॥ ୨ ॥
ଶ୍ରୀପଦ କଳିରେ ଚରମ ସିନା ।
ଶ୍ରୀପଦ କେ'ଉଭେ କରୁଣା ବିନା ॥ ୩ ॥
ଶ୍ରୀପଦ ପଙ୍କଜ ପ୍ରତ୍ୟକ୍ଷ ଗୁରୁ ।
ଶ୍ରୀପଦ ଧ୍ୟାନରେ ଜୀବନ ସରୁ ॥ ୪ ॥
ଶ୍ରୀପଦରେ ଅର୍ଘ୍ୟ ଅଞ୍ଜଳି ଦେଇ ।
ଶ୍ରୀପଦ ପ୍ରତ୍ୟକ୍ଷ ତାହା ନିଅଇ ॥ ୫ ॥
ଶ୍ରୀପଦ ପାଦୁକା ଗୁରୁ ମୂରତି ।
ଶ୍ରୀପଦରୁ କ୍ଷରେ ପରା ଶକତି ॥ ୬ ॥
ଶ୍ରୀପଦରେ ଲାଖିଥିଲେ ଭକତି ।
ଶ୍ରୀପଦ ଦିଅଇ ଚରମ ଗତି ॥ ୭ ॥
ଶ୍ରୀପଦ ଦର୍ଶନ ମାତ୍ରେ ମୁକତି ।
ଶ୍ରୀପଦ ଶ୍ରୀଗୁରୁସ୍ୱାମୀ ଶ୍ରୀପତି ॥ ୮ ॥
ଶ୍ରୀପଦ ସେବାରେ କଳୁଷ କ୍ଷୟ ।
ଶ୍ରୀପଦ ଯୁଗାନ୍ତେ ଅଟେ ଅକ୍ଷୟ ॥ ୯ ॥
ଶ୍ରୀପଦ ପ୍ରାନ୍ତରେ ତ୍ୟାଗ ବରତ ।
ଶ୍ରୀପଦ ପୀୟୁଷ କ୍ଷରିବ ସତ ॥ ୧୦ ॥
ଶ୍ରୀପଦ ଅଟଇ ପରମ ଧାମ ।
ଶ୍ରୀପଦ ତତ୍ତ୍ୱଟି ପରମ ତମ ॥ ୧୧ ॥
ଶ୍ରୀପଦ ଚଳାଇ ନିଏ ସୁପଥେ ।
ଶ୍ରୀପଦ ଅଟଳ ରଖେ ଶପଥେ ॥ ୧୨ ॥
ଶ୍ରୀପଦ ପାଦୁକା ପ୍ରତ୍ୟକ୍ଷ ଗୁରୁ ।
ଶ୍ରୀପଦ ଧ୍ୟାୟି ଏ ଜୀବନ ସରୁ ॥ ୧୩ ॥
ଶ୍ରୀପଦ ପ୍ରାନ୍ତେ କର ସମର୍ପଣ ।
ଶ୍ରୀପଦ ଅଟେ ଶରଣ ରକ୍ଷଣ ॥ ୧୪ ॥
ଶ୍ରୀପଦ ମହିମା ନୁହେଁ ଗୋଚର ।
ଶ୍ରୀପଦ ସୁଧା ତହୁଁ ଅଗୋଚର ॥ ୧୫ ॥
ଶ୍ରୀପଦରେ ରଖିଥିଲେଟି ଲୟ ।
ଶ୍ରୀପଦ ଖଣ୍ଡଇ ସକଳ ଭୟ ॥ ୧୬ ॥
ଶ୍ରୀପଦ ପୀଠେ ସାଷ୍ଟାଙ୍ଗ ପ୍ରଣାମ ।
ଶ୍ରୀପଦ ଧ୍ୟାନ ଅଟଇ ଉତ୍ତମ ॥ ୧୭ ॥
ଶ୍ରୀପଦରୁ ଝରେ ସକଳ ସିଦ୍ଧି ।
ଶ୍ରୀପଦ ରଚ୍ଛ ଭକତି ବାରିଧି ॥ ୧୮ ॥
ଶ୍ରୀପଦରେ ଗୁନ୍ଥା ସର୍ବ ବିଭୂତି ।
ଶ୍ରୀପଦରେ ବିଜେ ତିନି ମୂରତି ॥ ୧୯ ॥
ଶ୍ରୀପଦରେ ବ୍ରହ୍ମାଣ୍ଡ ମାଳମାଳ ।
ଶ୍ରୀପଦ ପାଇଁ ଭକତ ପାଗଳ ॥ ୨୦ ॥
ଶ୍ରୀପଦ ସତତ ଲୟରେ ରହୁ ।
ଶ୍ରୀପଦ ପ୍ରାନ୍ତରେ ଏ ଜୀବ ଥାଉ ॥ ୨୧ ॥

# ଅଥ ଶ୍ରୀଗୁରୁ ନମସ୍କାରମ୍

ନମାମି ଯଦୁନନ୍ଦନଂ ନମାମି ସୁକାନ୍ତିସୁତମ୍ ।
ନମାମି ଭକ୍ତବତ୍ସଳଂ ପ୍ରଭୁପାଦଂ ନମାମ୍ୟହମ୍ ॥ ୧ ॥
ନମାମି ବରଦହସ୍ତଂ ନମାମି ଅଭୟପଦମ୍ ।
ନମାମି କେଶବଚନ୍ଦ୍ରଂ ସ୍ୱର୍ଣ୍ଣକ୍ଷେତ୍ରାଧୀଶଂ ତତମ୍ ॥ ୨ ॥
ନମାମି ଜନ୍ମସିଦ୍ଧକଂ ନମାମି ବ୍ରହ୍ମସ୍ୱରୂପମ୍ ।
ନମାମି ଜଗଦ୍‌କର୍ତ୍ତାରଂ ଜଗନ୍ନାଥଂ ନମାମ୍ୟହମ୍ ॥ ୩ ॥
ନମାମି ଭାବ ଗ୍ରାହିଣଂ ନମାମି ଦୁଃଖନାଶନମ୍ ।
ନମାମି ଭକ୍ତ ବାନ୍ଧବଂ ମୁକ୍ତି ପ୍ରଦାୟକଂ ତମେ ॥ ୪ ॥
ନମାମି କରୁଣାକରଂ ନମାମି ଜ୍ଞାନସାଗରମ୍ ।
ନମାମି କଲ୍ମଷହରଂ କାରୁଣିକଂ ନମାମ୍ୟହମ୍ ॥ ୫ ॥
ନମାମି ଯୁଗାବତାରଂ ନମାମି କୃପାସାଗରମ୍ ।
ନମାମ୍ୟଭୟଦାତାରଂ କେଶବଂ ତ୍ୱାଂ ନଃ ରକ୍ଷକମ୍ ॥ ୬ ॥
ନମାମି ରସ ସାଗରଂ ନମାମି ତ୍ୱାଂ ପ୍ରାଣେଶ୍ୱରମ୍ ।
ନମାମି ରକ୍ତିମାଧରଂ ଶାନ୍ତାକାରଂ ନମାମ୍ୟହମ୍ ॥ ୭ ॥
ନମାମି ପରମେଶ୍ୱରଂ ନମାମି ପରମଂ ଗୁରୁମ୍ ।
ନମାମି ତମହଂ ଦେବଂ ଦେବଗଣାଧୀଶଂ ତମେ ॥ ୮ ॥



# ମୁଖଶାଳା

## ସମ୍ପାଦକୀୟ

**ଓଁ ନମୋ ଭଗବତେ ଯଦୁନନ୍ଦନାୟ କେଶବଚନ୍ଦ୍ରାୟଃ !!!**

ଅବ୍ୟକ୍ତ ପୁରୁଷ ବ୍ୟକ୍ତ ହୋଇ ଧୂଳିର ଧରଣୀରେ ନରନାରାୟଣ ରୂପରେ ବ୍ୟକ୍ତ ଲୀଳା ରଚନା କରିଚାଲିଛନ୍ତି । ଆରାଧ୍ୟର ଆରାଧନା ପାଇଁ ଆଜି କୁଣ୍ଠିତ କାତର ସମାଜ । ଇଷ୍ଟଦେବର ଉପାସନା ବିନା ଅଭୀଷ୍ଟସିଦ୍ଧି ଅଳୀକ ସ୍ୱପ୍ନ ମାତ୍ର ନୁହେଁ କି ? ଈଶ୍ୱର ଉପାସନା ଓ ସାଧନା ବ୍ୟତୀତ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଈଶ୍ୱରୋପଲବ୍ଧି କରାଯାଇପାରିନି, ପାରେନା । ଉଗ୍ର ବ୍ୟକ୍ତିକୈନ୍ଦ୍ରିକ ସ୍ୱାର୍ଥପର ଜୀବନଯାତ୍ରାରେ ପରମାର୍ଥର ଶାଶ୍ୱତ ଶାନ୍ତ ଶୀତଳ ସ୍ପର୍ଶ ଉପଲବ୍ଧ ହୁଏନା, ହୋଇପାରେନା । ଉର୍ଜସ୍ୱଳ ବ୍ୟକ୍ତିତ୍ୱ ନିମନ୍ତେ ନିଃସ୍ୱାର୍ଥପର ସେବା, ତ୍ୟାଗ, ଦାନ, ବ୍ରତ ସହିତ ନିବିଡ଼ ତପଶ୍ଚରଣ କରିବା ଏକାନ୍ତ ପ୍ରୟୋଜନ । ଋଣ ପରିଶୋଧ ନିମନ୍ତେ ପଞ୍ଚମହାଯଜ୍ଞାନୁଷ୍ଠାନ ଅବଶ୍ୟ କରଣୀୟ । ଋ ଉପଲବ୍ଧିର ଏହା ହିଁ ସର୍ବପ୍ରଥମ ସୋପନ । ଏକାକୀ ସାଧନର ଯୁଗ ଅତିବାହିତ ହୋଇଯାଇଛି । ଐକ୍ୟରକ୍ଷାର ସମୟ ଉପଗତ । ଓତଃପ୍ରୋତ ଓଁକାରର ଅନୁରଣନ ଶ୍ରବଣ ନିମନ୍ତେ ଆପଣାକୁ ପ୍ରସ୍ତୁତ କରି ତୋଳିବାର ଏହା ହିଁ ଏକମାତ୍ର ସତ୍ୟପଥ । ଔପସର୍ଗିକ ପୂଜାର୍ଚ୍ଚନା ଏଥିନିମନ୍ତେ ବାଧ୍ୟବାଧକତା ନୁହେଁ ।

କଙ୍କରିଳ ଜୀବନଯାତ୍ରା ପଥ । ଖଞ୍ଜ ସମାଜର ସାବଲୀଳ ଗତି ଏଥି ବ୍ୟାହତ । ଗଣ୍ଡିଧନ ହୋଇଛି ବିଷୟ ଜଂଜାଳ । ଘନ ଅନ୍ଧକାରରେ ଅନ୍ଧୀଭୂତ ଜୀବ ଆଶା ଛାଡ଼ି ନିରାଶାକୁ ଆଦରିବା ସହଜ ନୁହେଁ କିମ୍ବା ସରଳ ମଧ୍ୟ ନୁହେଁ । ଚମତ୍କାରିତା ପାଇଁ ପ୍ରାୟ ସମସ୍ତେ ପାଗଳ ଛବିଳ ଦୃଶ୍ୟରେ ଥୋକେ ସତ୍ୟପଥରୁ ବିଚ୍ୟୁତ । ଜଡ଼ତାରେ ଅନେକେ ନିର୍ବୋଧ ଏବଂ ନିଶ୍ଚେଷ୍ଟ । ଝଞ୍ଜାର ପଦଧ୍ୱନି ଅଦୂରରେ । ଟଙ୍କିଳ ପଥରେ ଏ ସକଳ ବାଧାବନ୍ଧ ଅତିକ୍ରମି ଯିବା ଆୟାସସାଧ୍ୟ ନୁହେଁ କି ? ଠକାଠକି କରି ବର୍ତ୍ତିଯିବାର ପଥରୁଦ୍ଧ, ସାବଧାନ ! ଠକିବାକୁ ଚେଷ୍ଟାକଲେ ହିଁ ଠକିଯିବ । ଡଗର ଆମର 'ଚରମ' - ଏହା ଅଗ୍ରଦୂତ ଓ ପ୍ରଚାରକ ସାଜି ଆମର ଆଭିମୁଖ୍ୟ ବିଶ୍ୱବକ୍ଷରେ ଘୋଷଣା କରୁଛି । ଢମ କରି ଲକ୍ଷ୍ୟପଥରୁ ବିଚ୍ୟୁତ ହେଲେ ଇପ୍ସିତ ପ୍ରାପ୍ତି ହେବ କାହୁଁ ?

ଣର ଅର୍ଥ ଜ୍ଞାନ, ନିର୍ଣ୍ଣୟ ଏବଂ ଭୂଷଣ - ତେଣୁ ନିର୍ଣ୍ଣୟାତ୍ମକ ଜ୍ଞାନରେ ଭୂଷିତ ହେଲେ ହିଁ ଦିବ୍ୟଜ୍ଞାନରୁ ଦିବ୍ୟଚକ୍ଷୁ ଲାଭ କରିବ ଓ ପର୍ଯ୍ୟାୟକ୍ରମରେ ବିଭୂତିଯୋଗରୁ ଶ୍ରେଣୀ ଅତିକ୍ରମ କରି ବିଭୂତିଯୋଗ ପରେ ହିଁ ବିଶ୍ୱରୂପ ଦର୍ଶନ ହେବ । ତହୁଁ ଭକ୍ତି, ମୁକ୍ତି ସବୁ ହିଁ ସମ୍ଭବ ହେବ । ଥକିପଡ଼ି ଅଥୟ ହେଲେ ଚରମପ୍ରାପ୍ତି ହେବ କି ? ଥୟଧରି ଲକ୍ଷ୍ୟପଥରେ ଆଗେଇ ଯିବାକୁ ହିଁ ହେବ । ଦକ୍ଷତାର ଅଭିବୃଦ୍ଧି ନିମନ୍ତେ ସତତ ଚେଷ୍ଟିତ

ହୁଅ । ଧନ, ମାନ, ଜ୍ଞାନ ସବୁକିଛି ଯାହାଙ୍କ କୃପାରୁ ଯାହାଠାରୁ ପ୍ରାପ୍ତ ହୋଇଛ, ତାଙ୍କରି ପଦ୍ମପାଦପୀଠରେ ସମର୍ପଣ କରିଦିଅ, କେବଳ ବଚନରେ ନୁହେଁ, ବାସ୍ତବରେ ଦେଖିବ, ଚରମପ୍ରାପ୍ତି ପଥରେ ଆଗେଇ ଯାଉଛ । ନତମସ୍ତକରେ ମହାପ୍ରଭୁ ଶ୍ରୀ ଶ୍ରୀ ଠାକୁରଙ୍କର ନିର୍ଦ୍ଦେଶିତ ପଥରେ ଅଗ୍ରସର ହେଲେ ବିଷୟ ବିଷବନ୍ଧନ ତୁଟିଯିବ, ତୁମେ ମୁକ୍ତ ହୋଇଯିବ, ଭକ୍ତ ହୋଇଯିବ, ଲୋଡ଼ା କେବଳ ମନୋଭାବ ସୃଷ୍ଟି, ତ୍ୟାଗ କରିବାର ମନୋବୃତ୍ତି । ପରମାର୍ଥ ନିମନ୍ତେ ସ୍ୱାର୍ଥ ତ୍ୟାଗ କରିବାକୁ ହୁଏ, ହାତଖୋଲା ଦାନ ଦିଅ, ଅକୁଣ୍ଠିତ ତ୍ୟାଗ କର, ପରମେଶ୍ୱରଙ୍କୁ ଆପଣା ହୃଦୟରେ ଉ ଲବ୍ଧି କରିବ ହିଁ କରିବ । ଫଳତଃ ତମ ଆଚରଣ ଏପରି ହୋଇଯିବ ଯେ, ଟଙ୍କାସୁନା ଇତ୍ୟାଦି ସମ୍ପତ୍ତି ତ କୁ ଅସାର ବୋଧ ହେବ, ତମର ଅର୍ଜ୍ଜିତ ଓ ସଂଚିତ ସମ୍ପତ୍ତି ତମେ ଶ୍ରୀଗୁରୁଙ୍କ ପାଦପୀଠରେ ଅକାତରରେ ଥୋଇ ଦେଇଯିବ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ । ବରାଭୟ ତମକୁ ସେତେବେଳେ ସ୍ୱତଃ ପ୍ରାପ୍ତ ହେବ । ଏହି ଗୋଟିଏ ଜନ୍ମରେ ତମେ ନିର୍ବାଣ ପ୍ରାପ୍ତ ହେବ । ତମର ପୁନର୍ଜ୍ଜନ୍ମର ବନ୍ଧନ ମୋଚନ ହୋଇଯିବ । ଏହା ଧ୍ରୁବସତ୍ୟ । ଭରସା ରଖ, ଭୟଶୂନ୍ୟ ହୋଇଯିବ, ନିର୍ଭର କରି ନିର୍ଭୀକ ହୋଇଯିବ ।

ମଙ୍ଗଳମୟ ମହାମହେଶ୍ୱର ଆଜି ନରତନୁରେ ଦିବ୍ୟଭାବ ଧାରଣ କରି ପାପୀତାପୀଙ୍କୁ ଦୁଃଖ, ଶୋକ, ରୋଗ, ଜରା, ମୃତ୍ୟୁରୁ ଉଦ୍ଧାର କରିବା ପାଇଁ ଧରାଧାମକୁ ଅବତରି ଆସିଛନ୍ତି । ଯମ, ନିୟମ, ଆସନ, ପ୍ରତ୍ୟାହାର, ପ୍ରାଣାୟାମ, ସମାଧି ଇତ୍ୟାଦି ସ୍ତର ଅତିକ୍ରମ କରି ଜ୍ୟୋତିଃ ଦର୍ଶନ ନିମନ୍ତେ ସାଷ୍ଟାଙ୍ଗ ପ୍ରଣାମ ଯଥାବିଧି ଆସନ, ମୁଦ୍ରା, ମନ୍ତ୍ର, ଲୟ, ଧ୍ୟେୟ ସହିତ କରି ଅଷ୍ଟାଙ୍ଗ ଯୋଗସିଦ୍ଧ ହେବ । ଏ ମହାଘୋର କଳିକାଳରେ ପରିତ୍ରାଣ ଲାଭର ଏକମାତ୍ର ପଥ । ରକ୍ଷାକର୍ତ୍ତା ଦୁଇବାହୁ ବଢ଼ାଇ କୋଳେଇ ନେବା ପାଇଁ ଅପେକ୍ଷା କରି ରହିଛନ୍ତି, ଥରେ ମାତ୍ର ଦୃଢ଼ ବିଶ୍ୱାସର ସହିତ ଶ୍ରୀଚରଣପୀଠରେ ଆତ୍ମସମର୍ପଣ କର, ନିଜର ସବୁକିଛି ହୃଦୟର ଆବେଗର ସହିତ ଶ୍ରୀପାଦପୀଠରେ ଅଂଜଳି ଦିଅ, ଭୟ କରିବାକୁ କିଛି ହିଁ ନ ଥିବ । ଲକ୍ଷ୍ୟ ସ୍ଥିରକର, ଲୟ ସ୍ଥିରକର, ଲକ୍ଷ୍ୟଭେଦ ହେବ ହିଁ ହେବ । ଶକ୍ତିର ତନୟ ତମେ, ତମେ ଅମୃତର ପୁତ୍ର, ସ୍ଥୂଳମୃତ୍ୟୁ ପରେ ମଧ୍ୟ ତମେ ସୂକ୍ଷ୍ମ ଅମୃତ ଲାଭ କରି ଅମର ହୋଇଯିବ, ବିଶ୍ୱାସ କର, ଦୃଢ଼ବିଶ୍ୱାସ । ଷଡ଼ବର୍ଗର ଉତ୍ପାତରେ ଉତ୍ପୀଡ଼ିତ ହେବାକୁ ପଡ଼ିବନି । ସଞ୍ଚରଣ ଶକ୍ତି ବଳରେ ବିଶ୍ୱପିତାଙ୍କର କରୁଣା ତମ ନତଶିରରେ ଅବାରିତ ଆଶିଷ ବୃଷ୍ଟି କରିବ, ତମର ଅଭିଷେକ ହୋଇଯିବ । ହରିନାମ କୀର୍ତ୍ତନ କର, ମହାମନ୍ତ୍ର ଗାନ କର, ତମ ଅନ୍ତଃକରଣ ବିଶୁଦ୍ଧ ସୁନାମୁଣ୍ଡା ପରି ଝଟକି ଉଠିବ । କ୍ଷଣଭଙ୍ଗୁର ଜାଗତିକ ସୁଖଭୋଗ ବାସନା ତ୍ୟାଗ କର, ଚିରନ୍ତନ ଶାଶ୍ୱତ ଅମୃତ - 'ଚରମ' ପ୍ରାପ୍ତି ନିଶ୍ଚୟ ହେବ ।

କିମଧିକମ୍ !

**ସମ୍ପାଦନା**

# ଶ୍ରୀମନ୍ଦିର

## ଉଦ୍‌ବୋଧନୀ ସଙ୍ଗୀତ

ବିଶ୍ୱ ଗଉରବ ଦିବ୍ୟାତ୍ମାଗଣଙ୍କୁ
କୋଳେଧରି ସ୍ୱର୍ଣ୍ଣକ୍ଷେତ୍ର ।
ଯୁଗଶେଷେ ଯୁଗ ପୁରୁଷ ସମ୍ଭୂତ
ଲୀଳା କରନ୍ତି ଗୁପତ ॥୦॥

ପୁରାଣ ପ୍ରସିଦ୍ଧ ସିଦ୍ଧ ସାଧୁଙ୍କର
ଲେଖନୀ ନିଃସୃତ ବାଣୀ ।
କଳିଖେଳ ପାଇଁ ସାଜେ ପଟୁଆର
ଗୁପ୍ତ ବ୍ରହ୍ମସଂଘ ପୁଣି ॥
ଝରିଆ କୂଳରେ ଏକ ପରେ ଏକ
ଆସି ହେଲେଣି ଏକତ୍ର ॥୧॥

ସନାତନ ଧର୍ମ ସନାତନୀ ଧ୍ୱଜା
ଉଡୁଅଛି ଫରଫର
ସଦା କହୁଅଛି ସମତା ମମତା
ଭାବକୁ ହୃଦରେ ଧର ॥
ଜାତି ବାଡ଼ଭାଙ୍ଗି ସ୍ୱଧର୍ମ ଧରିବା
ସୁମରିଣ ଗୁରୁମନ୍ତ୍ର ॥୨॥

ଆସହେ ପତିତ, ଆସହେ ଦଳିତ,
ବାହୁମେଳି ଡାକେ ସଂଘ ।
ଶୁଭ ଦିନେ ଆଜି ସର୍ବଶୁଭ ହେଜି
ରହିବା ହୋଇଣ ବୋଧ ॥
ଅତିଥିଗଣଙ୍କ ଗହଣେ ଗହଣ
ଫେରିଆସୁ ସୁପ୍ରଭାତ ॥୩॥

# ଚରମର ପ୍ରଚ୍ଛଦପଟ ସଂପର୍କରେ

'ଚରମ'ର ପ୍ରଚ୍ଛଦପଟ ସମ୍ପର୍କରେ -ଏକ ଧାରାବାହିକ ଆକର୍ଷଣ । ବ୍ରହ୍ମ ଜିଜ୍ଞାସୁ ଆଧ୍ୟାତ୍ମପ୍ରେମୀ ସଦାତ୍ମାମାନଙ୍କୁ ''ଚରମ''ର ପ୍ରଥମ ସଂଖ୍ୟାଠାରୁ ଏଯାବତ୍ ପତ୍ରିକାର ପ୍ରଚ୍ଛଦପଟରେ ପରିବେଷିତ ସଙ୍କୋଚଧର୍ମୀ ଚିତ୍ର ମାଧ୍ୟମରେ ସୃଷ୍ଟି ରହସ୍ୟର ବିଭିନ୍ନ ବିଭାବ ଓ ବିଭବ ଅବଗତ କରାଇବା ଦିଗରେ ଏହି ସ୍ତମ୍ଭର ଭୂମିକା ଅନନ୍ୟ ସାଧାରଣ । ଏହା ପାଠ କରି ଜ୍ଞାନ ଲାଭ କରିବା ସହିତ ଲୟ ଓ ଧ୍ୟେୟ ସ୍ଥିର କରି ଉପକୃତ ହେଲେ ସମ୍ପାଦନା ପରମ ସନ୍ତୋଷ ଲାଭ କରିବ ।

## ଜନ୍ମ ବୃତ୍ତାନ୍ତ

କାରଣଜଗତର କେନ୍ଦ୍ରସ୍ଥ ବିନ୍ଦୁ ଜ୍ୟୋତିର୍ମୟ । ତାହା ବିଶ୍ୱବ୍ୟାପୀ । ଅତି ଭୟଙ୍କର କୋଟି ସୂର୍ଯ୍ୟସମ ତାହାର ତେଜ । ଏହି ଅବ୍ୟକ୍ତ ବିନ୍ଦୁ ହିଁ ବିଶ୍ୱ ସୃଷ୍ଟିର କାରଣ । ଏହାର ଜ୍ୟୋତି ମଧ୍ୟରେ ତ୍ରିଲୋକ ଲୀନ ହୋଇ କାରଣଜଗତରେ ଥାଏ । ଏହା ଊର୍ଦ୍ଧ୍ୱରେ ଗୋଲୋକ ନଗରୀ ମଣ୍ଡଳାକାରରେ ତିନିକୋଟି ଯୋଜନ ପର୍ଯ୍ୟନ୍ତ ସୁବିସ୍ତୃତ । ଏହି ଗୋଲୋକ ମଣ୍ଡଳର ସମୁଜ୍ଜ୍ୱଳ ପ୍ରଭା ସର୍ବଦା ତ୍ରିଲୋକ ମଣ୍ଡଳକୁ ପ୍ରତିଭାତ କରିଅଛି । ଏହି ଗୋଲୋକ ମଣ୍ଡଳରେ ଜରା, ବ୍ୟାଧି, ମୃତ୍ୟୁ, ଶୋକ, ତାପ ଇତ୍ୟାଦିର ଭୟ ଆଦୌ ନାହିଁ । ଗୋଲୋକ ମଣ୍ଡଳର ନିମ୍ନକୁ ଦକ୍ଷିଣ ଭାଗରେ ପଞ୍ଚାଶକୋଟି ଦୂରରେ ବୈକୁଣ୍ଠପୁର ଓ ବାମ ଭାଗରେ ଶିବଲୋକ ଅବସ୍ଥିତ । ବୈକୁଣ୍ଠପୁର କୋଟିଏ ଯୋଜନ ପର୍ଯ୍ୟନ୍ତ ବିସ୍ତୃତ । ଏଠାରେ ଲକ୍ଷ୍ମୀନାରାୟଣ ବିରାଜମାନ କରିଅଛନ୍ତି । ଶିବଲୋକ ମଧ୍ୟ କୋଟିଏ ଯୋଜନ ପର୍ଯ୍ୟନ୍ତ ବିସ୍ତୃତ । ଗୋଲୋକପୁରୀ ସଦାନନ୍ଦମୟ, ଜ୍ୟୋତିର୍ମୟ ଏବଂ ମନୋହର ଅଟେ । ଯୋଗୀମାନେ ଯୋଗାସନରେ ସମାସୀନ ହୋଇ ଜ୍ଞାନନେତ୍ରରେ ଏହି ଜ୍ୟୋତି ଦର୍ଶନ କରନ୍ତି । ଧ୍ୟାନମଗ୍ନ ଯୋଗୀମାନେ ଏକାନ୍ତ ଅନ୍ତରରେ ବ୍ରହ୍ମରୂପକୁ ସତ୍ୱର ଧ୍ୟାନ କରି ପରାତ୍ପର ବ୍ରହ୍ମରୂପ ଚିନ୍ତନ କରି ଏବଂ ଜ୍ୟୋତି ସେବା କରି ଆନନ୍ଦରେ ମଗ୍ନ ହୁଅନ୍ତି । ଧ୍ୟାନମଗ୍ନ ମହାତ୍ମାମାନେ ଜ୍ୟୋତି ମଧ୍ୟରେ ମନୋହର ମୂର୍ତ୍ତି ଦର୍ଶନ କରନ୍ତି । ଯୋଗୀଗଣ ଜ୍ଞାନନେତ୍ରରେ ଜଳଦବରଣ ମନୋହର ମୂର୍ତ୍ତି ଦର୍ଶନ କରନ୍ତି । ତହିଁ ପୁରୁଷୋତ୍ତମ ବିରାଜମାନ କରିଅଛନ୍ତି । ରକ୍ତପଦ୍ମସମ ତାଙ୍କର ନେତ୍ରଯୁଗଳ, ଅନୁପମ ଈଷତ୍‌ହାସ୍ୟ ଶୋଭିତ ତାଙ୍କର ବଦନ କମଳ, ତାଙ୍କ ରୂପଶୋଭା ନିକଟରେ ପୂର୍ଣ୍ଣିମା ଚନ୍ଦ୍ର ମଧ୍ୟ ହାରିଯାଏ । କୋଟି କାମ ଜିଣି ତାଙ୍କର ସୁନ୍ଦର ସୁଠାମ ରୂପ । ଦ୍ୱିଭୁଜରେ ଉତ୍ତମ ପୀତବସ୍ତ୍ର ଶୋଭିତ । ତାଙ୍କର ଲୀଳାଭାବ ଅତୀବ ମନୋହର । ବକ୍ଷଦେଶରେ କୌସ୍ତୁଭ ଶୋଭିତ । ତାଙ୍କର କଣ୍ଠଦେଶରେ ଅତି ଶୋଭାବନ ବର୍ଣ୍ଣମାଳା ଶୋଭା ପାଉଛି । ସେ ହିଁ ପରାତ୍ପର ସଚ୍ଚିଦାନନ୍ଦ ବ୍ରହ୍ମ । ସେ ହିଁ ଇଚ୍ଛାମୟ, ଦୟାବତାର । ସେ ହିଁ ପରମାତ୍ମା ଓ ସର୍ବବୀଜର ସେ ହିଁ ସର୍ବାଧାର । ସେ ହିଁ ଭକ୍ତଗଣ ତ୍ରାଣକାରୀ ସନାତନ ପୁରୁଷ । ସେ ହିଁ ନିର୍ଗୁଣ, ନିଷ୍କ୍ରିୟ ପୂର୍ଣ୍ଣତମ ପରଂବ୍ରହ୍ମ । ସେ ହିଁ ମହା ନିର୍ବିକାର ବିଶ୍ୱନିୟନ୍ତା । ରାସମଣ୍ଡଳାଧିପତି ସେହି ହିଁ । ଭକ୍ତଗଣଙ୍କର କୃପା ଅର୍ଥରେ ସେ ହିଁ କଲ୍ୟାଣ ଦାନ କରନ୍ତି । ସେହି ହିଁ କଲ୍ୟାଣଜନକ, ମଙ୍ଗଳସ୍ୱରୂପ ଶୁଭପ୍ରଦ ଏବଂ ଅରୂପ, ସ୍ୱରୂପ । ସେ ହିଁ ପରମାନନ୍ଦ । ଅଯୋନିସଂଭୂତ ବ୍ରହ୍ମସ୍ୱରୂପ ଅବ୍ୟକ୍ତ । ସେ

ସିଦ୍ଧିର ଈଶ୍ୱର, ସିଦ୍ଧିର ସ୍ୱରୂପ, ସିଦ୍ଧିପ୍ରଦ ଏବଂ ବିଶ୍ୱରୂପ । ତାଙ୍କର ଜନ୍ମମୃତ୍ୟୁ କିଛି ହିଁ ନାହିଁ । ସେ ସର୍ବଶକ୍ତିମାନ ନିରାକାର ନିର୍ଗୁଣ ଗୋସାଇଁ । ସେହି ପୁରୁଷ ପ୍ରଧାନ ହିଁ କାରଣ ସ୍ୱରୂପ କାରଣ ଜଗତର କେନ୍ଦ୍ରରେ ବିନ୍ଦୁ ସ୍ୱରୂପ ସର୍ବଦା ପ୍ରତିଭାତ । ସେ ପ୍ରକୃତିର ଅତୀତ । ସେ ସତ୍ୟରୂପୀ ଏକମାତ୍ର ପରାତ୍ପର ବ୍ରହ୍ମ ଚରାଚରବ୍ୟାପ୍ତ ।

ସେହି ଶୂନ୍ୟ ବାରେ ମାତ୍ର ଦେଖ ଲୟକରି ।
ସେହି ମହାଶୂନ୍ୟେଛନ୍ତି କେଶବ ଶ୍ରୀହରି ॥

କାରଣଜଗତରୁ ନିରାକର ବିନ୍ଦୁ ବ୍ରହ୍ମଙ୍କ ଅନ୍ତରରେ ଇଚ୍ଛାର ଉଦୟ ହେଲା । ସେହି ଇଚ୍ଛାରୁ ମୃତ୍ୟୁମାନ ଗୁଣତ୍ରୟ ଜନ୍ମ ନେଲେ । ଦକ୍ଷିଣ ପାର୍ଶ୍ୱରୁ ସକଳ ଭାବମୟ ଉଦୟ ହେଲେ । ଗୁଣତତ୍ତ୍ୱ ପରେ ମହାତତ୍ତ୍ୱ ଏବଂ ମହାତତ୍ତ୍ୱ ପରେ ଅହଂକାର ଜାତ ହେଲା । ଅହଂକାର ପରେ ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ ଇତ୍ୟାଦି ଜନ ହେଲେ । ପ୍ରଥମେ ସତ୍ତ୍ୱ, ରଜ, ତମ ସୃଷ୍ଟି ହେଲା । ତାହା ତ୍ରିଗୁଣ ନାମରେ ବିଖ୍ୟାତ ହେଲା । ଦକ୍ଷିଣ ଅଙ୍ଗରୁ ଅପୂର୍ବ ରୂପମୟ ଶ୍ରୀନାରାୟଣ ଜନ୍ମଗ୍ରହଣ କଲେ । ବାମ ଭାଗରୁ ସ୍ଫଟିକବରଣ ପଞ୍ଚମୁଖ ଦିଗମ୍ବର ଶିବଙ୍କର ଉଦ୍ଭବ ହେଲା ସେହି ଦେବ ହିଁ ସର୍ବଜ୍ଞାନମୟ ମହାଦେବ ଅଟନ୍ତି । ତତ୍ପରେ ନାଭିପଦ୍ମରୁ ବ୍ରହ୍ମାଙ୍କର ଉଦ୍ଭବ ହେଲା । ସେ ହିଁ ନିରାକାରଙ୍କର ଇଚ୍ଛାରୁ ସ୍ରଷ୍ଟାରୂପେ ବିଖ୍ୟାତ ।

**ତିନିଗୁଣ** - ସତ୍ତ୍ୱ, ରଜ, ତମ-ରୁ ସୂକ୍ଷ୍ମଜଗତ ବା ଓଁକାରମଣ୍ଡଳରେ ସତ୍ତ୍ୱଗୁଣରେ ଲକ୍ଷ୍ମୀନାରାୟଣ ପାଳନ ଦାୟିତ୍ୱ, ରଜଗୁଣରେ ବ୍ରହ୍ମାସାବିତ୍ରୀ ସର୍ଜନା ( ସୃଜନ) ଦାୟିତ୍ୱ ଏବଂ ତମଗୁଣରେ ଈଶ୍ୱରପାର୍ବତୀ ପ୍ରଳୟ ଦାୟିତ୍ୱ ଗ୍ରହଣ କଲେ । ଏହାପରେ ଏହି ତ୍ରିଦେବଦେବୀ ଓଁକାର ମଣ୍ଡଳରୁ ଅବ୍ୟକ୍ତ ମଣ୍ଡଳସ୍ଥିତ ମଧ୍ୟସ୍ଥ ବିନ୍ଦୁ ସ୍ୱରୂପ ପରଂବ୍ରହ୍ମଙ୍କୁ ଯୋଡ଼ହସ୍ତରେ ନତମସ୍ତକରେ ସ୍ତୁତି ବନ୍ଦନା କଲେ ।

ଗୁଣର ଅତୀତ ତୁମେ ଅଟହେ ଗୋସାଇଁ ।
ଜଗତେ ତୁମ ସମାନ ଆନ କେହି ନାହିଁ ॥
ଅମର ଅଜୟ ତୁମେ ଗୋବିନ୍ଦ ଆଖ୍ୟାନ ।
ଅବ୍ୟକ୍ତ କାରଣ ରୂପ ଆହେ ମତିମାନ ॥
କର୍ମର ସ୍ୱରୂପ ତୁମେ ଗୋପ ବେଶଧାରୀ ।
ହ୍ରାସ ନାହିଁ ବୃଦ୍ଧି ନାହିଁ ହେଉ ବା କାଣ୍ଡାରୀ ॥
ସୁଶୀଳ ଯୁବକ ରୂପେ ତୁମେ ଦଣ୍ଡଧର ।
ଗୋପୀକାନ୍ତ ହୋଇ ଗୋପୀ ବାଞ୍ଛା ପୂର୍ଣ୍ଣକର ॥
କନ୍ଦର୍ପ ନିନ୍ଦିତ ରୂପ ଅତି ମନୋରମ ।
ନବଘନ ଶ୍ୟାମ ବର୍ଣ୍ଣ ସୁନ୍ଦର ସୁଠାମ ॥
ରାସୋଲ୍ଲାସେ ଅଟ ରାସମଣ୍ଡଳ ଈଶ୍ୱର ।
ବୃନ୍ଦାବନେ ବାସ ତବ କାନନ ମଧ୍ୟର ॥

ବିରାଜିତ ହୁଅ ରାସ ମଣ୍ଡଳ ମଧ୍ୟରେ ।
ପାଦେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରେ ।।

ଅବ୍ୟକ୍ତମଣ୍ଡଳର କେନ୍ଦ୍ର ବିନ୍ଦୁସ୍ଥିତ ନିତ୍ୟରାଧା ନିତ୍ୟକୃଷ୍ଣ ସନାତନ ଅବ୍ୟକ୍ତପୁରୁଷଙ୍କ ବକ୍ଷରୁ ଧର୍ମର ଉଦ୍ଭବ ହେଲା । ଧର୍ମ ଶୁକ୍ଳବର୍ଣ୍ଣ, ଜଟାଧାରୀ, ସହସ୍ରବଦନ, ସର୍ବସାକ୍ଷୀ, ସର୍ବଦ୍ରଷ୍ଟା ଓ ସକଳ କାରଣ ଅଟନ୍ତି । ସେ ସମଦର୍ଶୀ, ହିଂସାଦ୍ୱେଷହୀନ, ଜ୍ଞାନୀ, ଧର୍ମପ୍ରଦ ଓ ଧର୍ମ ପ୍ରବୀଣ ଅଟନ୍ତି । ସେହି ଧର୍ମ ପରମାତ୍ମାଙ୍କ ଅଂଶରୁ ଜାତ । ନିରାକାର ଅବ୍ୟକ୍ତ ସନାତନ ପୁରୁଷ ନିତ୍ୟକୃଷ୍ଣଙ୍କ ସମ୍ମୁଖରେ ଧର୍ମ ସ୍ତବଗାନ କଲେ :-

ଆହେ କୃଷ୍ଣ ପରମାତ୍ମା କରୁଛି ବନ୍ଦନ ।
ନର ଦେହ ଧରି ସେବା କରେ ଯେଉଁ ଜନ ।।
ସଂସାର ଯାତନା ତାକୁ କେଭେ ନ ଲଗାଅ ।
ବ୍ୟାପିଣ ରହିଛ ତୁମ୍ଭେ ଏହି ବିଶ୍ୱମୟ ।।
ଅଖଣ୍ଡ ବ୍ରହ୍ମାଣ୍ଡ ଯାହା କଲି ଦରଶନ ।
ସର୍ବ ଜୀବରେ ତୁମ୍ଭର ସ୍ଥିତି ଭଗବାନ ।।
ସ୍ଥାବର ଜଙ୍ଗମ ଆଦି ଯେତେ ରହିଅଛି ।
ତୁମ୍ଭଦ୍ୱାରା ସୃଷ୍ଟି ସ୍ଥିତି ପ୍ରଳୟ ହେଉଛି ।।
ପରମ ଆନନ୍ଦମୟ ତୁମ୍ଭେ ସନାତନ ।
ଅକ୍ଷୟ ଅଚ୍ୟୁତ ଦେବ ଅଖିଳ ଭଞ୍ଜନ ।।
ପୁରୁଷ ପ୍ରଧାନ ତୁମେ ଗୋପର ଈଶ୍ୱର ।
ଗୋପାଳ ଗୋପେଶ ତୁମେ ଆହେ ଗଦାଧର ।।
ନିରନ୍ତର ଅବସ୍ଥିତି କରି ବୃନ୍ଦାବନେ ।
ଅତି ପ୍ରୀତି କର ଦାନ ଗୋପୀଙ୍କର ମନେ ।।
ନବଘନ ଶ୍ୟାମ ବର୍ଣ୍ଣ ଆହେ ସନାତନ ।
ଭକ୍ତିଭରେ ହୃଦେ ଧରି ତୁମ ଶ୍ରୀଚରଣ ।।

ଧର୍ମଙ୍କର ବାମପାର୍ଶ୍ୱରୁ କନ୍ୟାଟିଏ ଜାତ ହେଲା । କୋଟିଏ ଚନ୍ଦ୍ରମାସମ ତାହାର ରୂପକାନ୍ତି । ସୁନ୍ଦରପଣରେ ସେ ଦ୍ୱିତୀୟ କମଳା । ନିତ୍ୟକୃଷ୍ଣଙ୍କ ମୁଖରୁ ପୁଣି କନ୍ୟାଟିଏ ଜନ୍ମହେଲା । ତାଙ୍କର ରୂପଛବି ଶୁକ୍ଳମୟ । ଏହି ଦୁଇକନ୍ୟା ମୂର୍ତ୍ତି ଏବଂ ସରସ୍ୱତୀ ନାମରେ ଖ୍ୟାତ ହେଲେ । ଏହାପରେ ପରମାତ୍ମାଙ୍କ ମନ ମଧ୍ୟରୁ ଜଗତ୍‌ମାତା ଅନ୍ନପୂର୍ଣ୍ଣା ମହାଲକ୍ଷ୍ମୀଙ୍କର ଉଦ୍ଭବ ହେଲା । ଅବ୍ୟକ୍ତପୁରୁଷଙ୍କର ବୁଦ୍ଧିରୁ ପ୍ରକୃତି ଜାତ ହେଲା । ଏହି ପ୍ରକୃତିଦେବୀ ହିଁ ସର୍ବ ଅଧିଷ୍ଠାତ୍ରୀ । ସେ ହିଁ ଆଦିମାତା । ନିଦ୍ରା, ତୃଷ୍ଣା, କ୍ଷୁଧା, ଦୟା କ୍ଷମା ଇତ୍ୟାଦି ବିଭିନ୍ନ ଶକ୍ତିରୂପରେ ସେ ଖ୍ୟାତ ଓ ପ୍ରତିଭାତ ହେଲେ । ତାଙ୍କୁ ଦୁର୍ଗତିନାଶିନୀ ଦୁର୍ଗା ରୂପରେ ପୂଜାର୍ଚ୍ଚନା କରାଯାଉଅଛି ।

ଏହାପରେ ପୁଣି ଏକ ଅଦ୍ଭୁତ ଘଟଣା ଘଟେ । ନିତ୍ୟକୃଷ୍ଣଙ୍କର ଜିହ୍ୱାଗ୍ରରେ ପାପତାପହରା ମନୋରମା ଦେବୀ ସାବିତ୍ରୀ ସୃଷ୍ଟି ହେଲେ । ସନାତନ ପୁରୁଷଙ୍କର ମାନସରୁ କନ୍ଦର୍ପ(ମନ୍ମଥ) ଜନ୍ମ ହେଲେ । ତାଙ୍କ ଦୃଷ୍ଟିରୁ ରତି ଜାତ ହୋଇ କାମଦେବ କନ୍ଦର୍ପଙ୍କର ଘରଣୀ ରୂପେ ଖ୍ୟାତ ହେଲେ ।

ଏହିପରି ଭାବରେ କ୍ରମାନ୍ୱୟରେ ପଞ୍ଚଭୂତ - ଶୂନ୍ୟ, ମରୁତ, ତେଜ, ଜଳ ଓ କ୍ଷିତି ଶକଟଙ୍କ ମଣ୍ଡଳ ବା ସ୍ଥୂଳଜଗତରେ ସୃଷ୍ଟି ହେଲେ । ନାନାଦି ଦେବାଦେବୀ, ପ୍ରେତାଦି ମଧ୍ୟ ସୃଷ୍ଟି ହେଲେ । ସୃଷ୍ଟି ସର୍ଜନା କରିବା ନିମନ୍ତେ ବିଧାତା ବ୍ରହ୍ମାଙ୍କୁ ଆଦେଶ ଦେଇ ବ୍ରହ୍ମାଙ୍କ ଗଳାରେ ନିଜମାଳା ଆଦରର ସହିତ ଆନନ୍ଦ ମନରେ ପିନ୍ଧାଇ ଦେଲେ । ତହୁଁ ବ୍ରହ୍ମା ସ୍ୱର୍ଗ, ପାତାଳ, ସାଗର ଇତ୍ୟାଦି ସୃଷ୍ଟିକଲେ । ତହୁଁ ବେଦଶାସ୍ତ୍ର ଯୁଗ ଓ ସମୟ ଆଦିର ଉତ୍ପତ୍ତି ହେଲା । ପୁଲସ୍ତ୍ୟ, ପୁଲହ, ଅତ୍ରି, କ୍ରତୁ, ଅରଣି, ଅଙ୍ଗିରା, ଭୃଗୁଦେବ, ଦକ୍ଷ, କର୍ଦ୍ଦମ, ପଞ୍ଚଶଙ୍ଖ, ବିଧୂ ଗରୁଡ଼, ନାରଦ, ମରୀଚି, ଅପାନ୍ତ, ବଶିଷ୍ଠ, ପ୍ରଚେତା, ହଂସ, ଯତ୍ନ ଇତ୍ୟାଦି ଋଷିଗଣ ଜନ୍ମ ହେଲେ । ମରୀଚିଙ୍କ ମାନସ ପୁତ୍ର ରୂପେ କଶ୍ୟପ ସୃଷ୍ଟି ହେଲେ । ଅତ୍ରିଙ୍କ ଠାରୁ ଚନ୍ଦ୍ର, ପ୍ରଚେତାଙ୍କ ଠାରୁ ଗୌତମ, ପୁଲସ୍ତ୍ୟଙ୍କ ଠାରୁ ମୈତ୍ରୀ, ମନୁଙ୍କ ଔରସରୁ ଶତରୂପାଙ୍କ ଠାରୁ ତିନିଗୋଟି କନ୍ୟା ଜାତହେଲେ । ସେହି ତିନି କନ୍ୟାଙ୍କର ନାମ ଆକୃତି, ଦେବହୂତି ଓ ପ୍ରସୂତି । ତା'ପରେ ଦୁଇ ପୁତ୍ର ଜାତ ହେଲେ । ଜଣଙ୍କର ନାମ ପ୍ରିୟବ୍ରତ ଓ ଅନ୍ୟ ଜଣକର ନାମ ଉତ୍ତାନପାଦ । ଉତ୍ତାନପାଦଙ୍କ ବୀର୍ଯ୍ୟରୁ ଧ୍ରୁବ ଜନ୍ମହେଲେ । କର୍ଦ୍ଦମଙ୍କ ଔରସରୁ ଦେବହୂତିଙ୍କ ଗର୍ଭରୁ କପିଳମୁନି ଜାତ ହେଲେ । ଏହିପରି ଭାବେ ଏକାଦଶ ରୁଦ୍ର ଜନ୍ମ ହେଲେ । ଧର୍ମଙ୍କର ପତ୍ନୀ ରୂପେ ଶାନ୍ତି, ପୁଷ୍ଟି, ଧୃତି, ତୁଷ୍ଟି, କ୍ଷମା, ଶ୍ରଦ୍ଧା, ମତି ଏବଂ ସ୍ମୃତି ଅଷ୍ଟମହାସତୀ ରୂପେ ଖ୍ୟାତ ହେଲେ । ଶାନ୍ତିଦେବୀଙ୍କର ସନ୍ତୋଷ ନାମରେ ଏକ ସନ୍ତାନ ଜାତ ହେଲା । ପୁଷ୍ଟିଙ୍କର ସନ୍ତାନ ମହାନ, ଧୃତିଙ୍କ ସନ୍ତାନ ଧୈର୍ଯ୍ୟ, ତୁଷ୍ଟିଙ୍କର ଦୁଇପୁତ୍ର ହର୍ଷ ଏବଂ ଦର୍ପ, କ୍ଷମା ଗର୍ଭରୁ, ସହିଷ୍ଣୁ, ଶ୍ରଦ୍ଧାର ପୁତ୍ର ଧାର୍ମିକ, ମତି ଉଦରରୁ ଜ୍ଞାନ ନାମକ ପୁତ୍ର, ସ୍ମୃତି ଗର୍ଭରୁ ଜାତିସ୍ମର ଜନ୍ମ ହେଲେ ।

କଶ୍ୟପଙ୍କ ଔରସରୁ ଅଦିତି ଗର୍ଭରୁ ଦେବତାଗଣ, ଦିତିଙ୍କ ଗର୍ଭରୁ ଅସୁରଗଣ ଏବଂ କଦ୍ରୁ ଗର୍ଭରୁ ସର୍ପକୁଳ ଓ ବିନତା ଗର୍ଭରୁ ବିହଙ୍ଗଗଣ ଜାତ ହେଲେ । ସୁରଭୀ ଜଠରରୁ ଗୋ-ମହିଷାଦି ଜନ୍ମନେଲେ ଏବଂ ସରମା ଉଦରରୁ କୁକୁରାଦି ପଶୁ ଜାତ ହେଲେ । ମନୁଙ୍କଠାରୁ ମାନବଗଣ ଜାତ ହେଲେ ।

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*''ଆମର ଲକ୍ଷ୍ୟ ଚରମ ପ୍ରାପ୍ତି'' ସ୍ତମ୍ଭରେ ''ଚରମ''ର ବିଭିନ୍ନ ପୃଷ୍ଠର ବିଭିନ୍ନ ପାକ୍ଷୁଦ୍ବାରେ ନିୟମିତ ଧାରାବାହିକ ଭାବରେ ଭିନ୍ନ ଭିନ୍ନ ଶୀର୍ଷକରେ ଆମର ପରମାର୍ଥୀ ଦର୍ଶନ, ଆଧ୍ୟାତ୍ମିକ ଜୀବନ, ସାଧନ ପ୍ରକ୍ରିୟା, କର୍ମଯୋଗ ସହିତ ଶ୍ରେୟ ଜୀବନଦର୍ଶନ ଏବଂ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ତତ୍ତ୍ୱ, ଦର୍ଶନ, ଭାବାଦର୍ଶ ସମ୍ବଳିତ ଲେଖାମାନ ଯଥାବିଧି ପ୍ରକାଶ ପାଉଛି । ମୁକ୍ତି, ମୋକ୍ଷ, ନିର୍ବାଣ, ମହାନିର୍ବାଣ ଏବଂ/ବା ଚରମପ୍ରାପ୍ତି ନିମନ୍ତେ ପ୍ରତ୍ୟେକଙ୍କୁ ସଂସାର ତ୍ୟାଗ କରିବାକୁ ପଡ଼େ ନାହିଁ । ଗୃହୀ/ସଂସାରୀ ହୋଇ ମଧ୍ୟ ଏହି ଲକ୍ଷ୍ୟ ଲାଭ କରାଯାଇପାରେ । ଏହା ସହଜ ଏବଂ ସ୍ୱାଭାବିକ ଜୀବନଧାରା । ''ସଂସାରୀର ଧର୍ମଜୀବନ'' ଶୀର୍ଷକରେ ଗୃହୀ ସନ୍ନ୍ୟାସୀ ହେବାର ଦିଗ୍‌ଦର୍ଶନ ଦିଆଯାଇଛି ମାତ୍ର । ମୁମୁକ୍ଷୁ ଦିବ୍ୟାତ୍ମାଗଣଙ୍କର ନୈମିତ୍ତିକ ସେବା, ଆରାଧନା ଓ ସାଧନ ମାର୍ଗରେ ଏହା ସହାୟକ ହେଲେ, ଆମେ କୃତାର୍ଥ ହେବୁ ।''*

## ସଂସାରୀର ଧର୍ମଜୀବନ

**ସଂ**ସାର ( ସମ୍- ସୃ + ଅ) + ଇନ୍ = ସଂସାରୀ ଅର୍ଥାତ୍ ଗୃହୀ ବା ସଂସାରାଶ୍ରମୀ । ଅର୍ଥାତ୍ ସଂସାରଧର୍ମ ଯେ ପାଳନ କରନ୍ତି, ସେ ହିଁ ସଂସାରୀ । ଏହି ଅର୍ଥରେ ଦେଖିଲେ ଅଧୁନାତନ ମାନବ ସମାଜରେ ସଂସାରୀ କାହାନ୍ତି । ନିଷ୍କାପର ଭାବରେ ସଂସାରଧର୍ମ ପାଳନ ପ୍ରକୃତ ସଂସାରୀର ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ । କିନ୍ତୁ, ଏପରି ନିଷ୍କାପର ସଂସାରଧର୍ମ କର୍ତ୍ତବ୍ୟ ଜ୍ଞାନରେ କିଏ କେଉଁଠି ପାଳନ କରୁଛି । ଆଜି ଆମେ ଯେଉଁମାନଙ୍କୁ ସଂସାରୀ ବୋଲି କହୁଛୁ, ସେମାନେ କିନ୍ତୁ ପ୍ରକୃତ ଅର୍ଥରେ ସଂସାରୀ ନୁହନ୍ତି । ସେମାନେ ବିଷୟୀ, ସେମାନେ ଜଞ୍ଜାଳୀ । ଇନ୍ଦ୍ରିୟଗ୍ରାହ୍ୟ ବିଷୟପ୍ରତି ସେମାନେ ଅତୀବ ଆସକ୍ତ । ତେଣୁ ସେମାନେ ନାନାଦି ଜଂଜାଳଗ୍ରସ୍ତ, ଫଳତଃ ବ୍ୟସ୍ତ, ବିବ୍ରତ, ଅଶାନ୍ତ ଏବଂ ବିଷାଦଗ୍ରସ୍ତ । ସଂସାରକୁ ସାର ମଣି ସାଂସାରିକ ବିଷୟ ପ୍ରତି ଆସକ୍ତ ହୋଇ କ୍ଷଣିକ ଅନିତ୍ୟ ଇନ୍ଦ୍ରିୟଗ୍ରାହ୍ୟ ସୁଖରେ ପ୍ରମତ୍ତ ହେଲେ ସଂସାର ଧର୍ମ ପାଳନ ହୁଏ ନାହିଁ, ବରଂ ଏହାଦ୍ୱାରା ସଂସାର ଧର୍ମପାଳନ ବ୍ୟାହତ ହୁଏ । ଏହା ଆଜିକାଲିର ପଣ୍ଡିତମନ୍ୟ ଉଚ୍ଚଶିକ୍ଷିତ ତଥାକଥିତ ସମାଜପତିମାନଙ୍କ ମଧ୍ୟରୁ କେତେଜଣ ଅବା ଉପଲବ୍ଧି କଲେଣି ?

ସଂସାର ଧର୍ମ ଏତେ ସହଜ ନୁହେଁ ଯେ, ସଂସାରରେ ରହି ସମସ୍ତେ ତାହା ନିଷ୍ଠାର ସହିତ ପାଳନ କରିପାରିବେ । ତେଣୁ, ପ୍ରକୃତ ସଂସାରୀ ଆଜି ଦୁର୍ଲଭ, ବିରଳ । ପୁଣି, ସଂସାର ଛାଡ଼ି ବଣଜଙ୍ଗଲ ପର୍ବତ ଗୁମ୍ଫା ବା ମଠ ଆଶ୍ରମ ଆଦିକୁ ଯାଇ ସେଠାରେ ଆଉ ଗୋଟିଏ ସଂସାର କରି ବସିବାର ନାମ ସନ୍ନ୍ୟାସ ନୁହେଁ । ଘରେ ରହି ଗୃହସ୍ଥାଶ୍ରମ କରି ମଧ୍ୟ ସନ୍ନ୍ୟାସୀ ହେବା ସମ୍ଭବ । କେବଳ ବିଷୟାସକ୍ତି ନ ଥିଲେ ହିଁ ହେଲା । ଘରଦ୍ୱାର ଛାଡ଼ି ଅନ୍ୟତ୍ର ରହି ଯଦି ଏହି ବିଷୟାସକ୍ତି ରହିଲା ତ କଥା ସରିଲା । ସେ ନା ସଂସାରୀ ନା ସନ୍ନ୍ୟାସୀ ହେଲା ! ଏ କୂଳ, ସେ କୂଳ, ଦୁଇକୂଳ ହରାଇ ସେ ମଝି ନଈରେ ବୁଡ଼ି ମରିବା ହିଁ ସାର ମଣିଲା । ତା'ପାଇଁ ସଂସାର ହେଲା ନା ଅସାର ହେଲା । ତା'ର ବାରବାର୍ଷର ତପସ୍ୟା ପଣ୍ଡ ହେଲା । ତେଣୁ, କୁହାଯାଇଛି ସଂସାରକୁ ସାର ନ ମଣି, ସଂସାର ଯେ ଅସାର ଏହି ଭାବରେ ରହି ନିର୍ଲିପ୍ତ, ନିର୍ବିକାର, ନିରାସକ୍ତ ଭାବରେ ସାଂସାରିକ କ୍ରିୟାକଳାପ କରିଯିବା ହିଁ ପ୍ରକୃତ ସଂସାରୀର ଲକ୍ଷଣ । ଏ ଲକ୍ଷଣ ଆଜି କେତେ ଜଣ ଗୃହୀକଠାରେ ଦେଖିବାକୁ ମିଳୁଛି ?

ସଂସାରରେ ରହି ଗୃହସ୍ଥାଶ୍ରମ କରି ପଞ୍ଚମହାଯଜ୍ଞର ଅନୁଷ୍ଠାନ ସଂସାରୀର ଧର୍ମ । ଦେବଯଜ୍ଞ, ଋଷିଯଜ୍ଞ ପିତୃଯଜ୍ଞ, ନୃଯଜ୍ଞ ଏବଂ ଭୂତଯଜ୍ଞ ଅବଶ୍ୟ ପ୍ରତ୍ୟେକ ଗୃହୀ ସଂସାରୀଙ୍କ ପକ୍ଷରେ ନିତାନ୍ତ କର୍ତ୍ତବ୍ୟ । ସଂସାରୀମାନେ ସଂସାର କରି ଏହି ପଞ୍ଚଯଜ୍ଞର ଅନୁଷ୍ଠାନ କଲେ ତଦ୍ଵାରା ଧର୍ମଲାଭ ଏବଂ ସୁଖ ସମୃଦ୍ଧି ଲାଭ ହୁଏ । ଏହି ପଞ୍ଚ ମହାଯଜ୍ଞର ସରଳୀକୃତ ସାଧନା ହେଉଛି ଧର୍ମଧାରା ଧରି ନିତ୍ୟନୈମିତ୍ତିକ ଉପାସନା, ଧ୍ୟାନ, ଧାରଣା, ଜପ, ବୀଜମନ୍ତ୍ରର ମାନସଜପ, ସାଷ୍ଟାଙ୍ଗ ପ୍ରଣାମ, କୃତାଞ୍ଜଳି ଅର୍ଘ୍ୟପ୍ରଦାନ, ଗୁରୁଦ୍ୱାରରେ ବିଶ୍ୱକଲ୍ୟାଣ ନିମନ୍ତେ ସଂଘୀୟ ଓ ପରିଷଦ୍ ଅନ୍ତର୍ଭୁକ୍ତ କାର୍ଯ୍ୟନିର୍ବାହ ନିମନ୍ତେ ଦାନ, ତ୍ୟାଗ, ସେବା, ଭ୍ରାତୃତ୍ୱପ୍ରେମ, ଅତିଥିସତ୍କାର, ଜୀବଜନ୍ତୁ ପାଳନ ରକ୍ଷଣ, ବାଡ଼ିବଗିଚା ନିର୍ମାଣ ଇତ୍ୟାଦି । ଏ ସକଳ କର୍ମ ନିଷ୍ଠାର ସହିତ ଅନାସକ୍ତ ଭାବରେ କାର୍ଯ୍ୟକାରୀ କଲେ ଆଜିର ବିଷମ ସାମାଜିକ ବ୍ୟବସ୍ଥା ମଧ୍ୟରେ ସଂସାର ଧର୍ମ ଯଥାର୍ଥ ଭାବରେ ପାଳନ କରାଯାଇପାରିବ । ମାତ୍ର, ଆସକ୍ତି, ମୋହ ଏବଂ ମାୟାର ପାଶ ଏତେ ନିବିଡ଼ ହୋଇଯାଇଛି ଯେ, ଅନେକ ମୁକ୍ତି ମୋକ୍ଷ ନିର୍ବାଣ ନିମନ୍ତେ ବ୍ୟାକୁଳ ହୋଇ ମଧ୍ୟ ମାୟାମୋହର ବନ୍ଧନରୁ ଖସିବା ପାଇଁ ତିଳେମାତ୍ର ଉଦ୍ୟମ କରୁନାହାନ୍ତି । ଏହାର ଏକମାତ୍ର କାରଣ ପୂର୍ବପୂର୍ବ ଜନ୍ମଜନ୍ମାନ୍ତରର ଅଭ୍ୟାସରୁ ଏପରି ହେଉଛି । ସେମାନେ ସେହିଭଳି ଜୀବକୋଷ ଧରି ଧରାଧାମକୁ ଖସିଛନ୍ତି । ସେମାନଙ୍କର ବିକେନ୍ଦ୍ରିୟ କୋଠରୀର ଦ୍ୱାର ଉନ୍ମୁକ୍ତ ରହିଛି । ସତ୍ୟେନ୍ଦ୍ରିୟ କୋଠରୀର ଦ୍ୱାର ଆଦୌ ଖୋଲିନାହିଁ । ଧାରାଧରି ନିୟମିତ ବିଧିମତ ନିଷ୍ଠାପରତାର ସହିତ ଆନ୍ତରିକ ଭାବରେ ଅଭ୍ୟାସଯୋଗ ପାଇଁ ଆସନ, ମୁଦ୍ରା, ମନ୍ତ୍ର ସହିତ ଧ୍ୟାନ, ଜପ, ସାଷ୍ଟାଙ୍ଗ ପ୍ରଣାମ, କୃତାଞ୍ଜଳି ଅର୍ଘ୍ୟ ଓ ଅର୍ଘ୍ୟଫଳ ଧୌତ ଜଳପାନ କରିବା ଫଳରୁ କ୍ରମଶଃ ଏହି ଜଡ଼ଭାବ କଟିଯିବ । ସଂସାରୀ ତ୍ୟାଗୀ, ଦାନୀ ଓ ପ୍ରେମୀ ହୋଇଯିବ । ଯାହାର ଏ ସବୁ ହେଉନାହିଁ, ସ୍ପଷ୍ଟ ବୁଝିବାକୁ ହେବ, ସେ ଯଥାର୍ଥ ଭାବରେ ଧାରା ଧରି ଅଭ୍ୟାସ କର୍ମଯୋଗ କରୁନାହିଁ । ଅଥବା, ଏଥିରେ ତାହାର ନିଷ୍ଠା ନାହିଁ । ତେଣୁ, ତାକୁ ମୁକ୍ତି, ମୋକ୍ଷ ନିର୍ବାଣ ପ୍ରାପ୍ତି ତା'ର ହେବ କେଉଁଠୁ ?

ଶ୍ରୀମଦ୍‌ଭାଗବଦ୍ ଗୀତାର ତୃତୀୟ ଅଧ୍ୟାୟ (କର୍ମଯୋଗଃ) ର ନବମ ଓ ଦଶମ ଶ୍ଳୋକରେ ଅଛି -

''ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।
ତଦର୍ଥଂ କର୍ମ କୌନ୍ତେୟ ! ମୁକ୍ତସଙ୍ଗଃ ସମାଚର ।। ୯/୩ ।।

ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।
ଅନେନ ପ୍ରସବିଷ୍ୟ ଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ।।''୧୦/୩ ।।

- ଯଜ୍ଞ ଅର୍ଥାତ୍ ଈଶ୍ୱରଙ୍କ ପ୍ରୀତି ନିମିତ୍ତ ଅନୁଷ୍ଠିତ କର୍ମ ବ୍ୟତୀତ ଅନ୍ୟ କର୍ମ ବନ୍ଧନର କାରଣ ଅଟେ । ଅତଏବ ହେ କୌନ୍ତେୟ ! ତୁମେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅପିତଚିତ୍ତ ହୋଇ ଅନାସକ୍ତ ଭାବରେ କର୍ମାନୁଷ୍ଠାନ କର । ସୃଷ୍ଟିର ପ୍ରାକ୍‌କାଳରେ ପ୍ରଜାପତି ବ୍ରହ୍ମା ଯଜ୍ଞ ସଙ୍ଗରେ ପ୍ରଜା ସୃଷ୍ଟି କଲେ ଏବଂ କହିଲେ ଏହି ଯଜ୍ଞଦ୍ୱାରା ତୁମେମାନେ ଉତ୍ତରୋତ୍ତର ବର୍ଦ୍ଧିତ ହୁଅ । ଏହି ଯଜ୍ଞ ତୁମ୍ଭମାନଙ୍କର ସର୍ବାଭୀଷ୍ଟପ୍ରଦ ହେଉ - ଅର୍ଥାତ୍ ଏପରି ଭାବରେ ଯଜ୍ଞାନୁଷ୍ଠାନ କଲେ ତୁମ୍ଭେମାନେ ସର୍ବାଭୀଷ୍ଟ ଲାଭ କରିବ ।

ଏହି ସର୍ବାଭୀଷ୍ଟ କ'ଣ ? ଏହାହିଁ ହେଉଛି 'ଆମର ଲକ୍ଷ୍ୟ : ଚରମପ୍ରାପ୍ତି' । ତେଣୁ ଚରମପ୍ରାପ୍ତି ହେଉ ବା ମୁକ୍ତି ମୋକ୍ଷ ନିର୍ବାଣପ୍ରାପ୍ତି ହେଉ, ସେଥି ନିମନ୍ତେ ପ୍ରଦତ୍ତଧାରା ଏବଂ କର୍ମଯୋଗ ଅଭ୍ୟାସ ହିଁ ଈଶ୍ୱରଙ୍କ ପ୍ରୀତି ନିମିତ୍ତ କର୍ମାନୁଷ୍ଠାନ ବା ଯଜ୍ଞ । ଆଚାର୍ଯ୍ୟ ଶଙ୍କର କହିଛନ୍ତି, ''ଯଜ୍ଞୋ ବୈବିଷ୍ଣୁଃ ଇତି ଶ୍ରୁତେର୍ଯଜ୍ଞ ଈଶ୍ୱରଃ ।'' ଏ

ସ୍ଥାନରେ ଯଜ୍ଞ ଅର୍ଥ ବିଷ୍ଣୁ । ବିଷ୍ଣୁଙ୍କର ପ୍ରୀତିକାମନାରେ କର୍ମ ଛଡ଼ା ଅନ୍ୟକର୍ମ ବନ୍ଧନର କାରଣ ହୁଏ । ଏହି ବନ୍ଧନ ଥିବା ପର୍ଯ୍ୟନ୍ତ ମୁକ୍ତି ମିଳିପାରେ ନାହିଁ  ଭଗବାନ **ଶ୍ରୀକୃଷ୍ଣ ହିଁ** ଅନ୍ୟ ଏକ ସ୍ଥାନରେ ଅର୍ଜୁନଙ୍କୁ କହିଛନ୍ତି :-

''ଯତ୍‌କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ ତପସ୍ୟସି କୌନ୍ତେୟ ! ତତ୍ କୁରୁଷ୍ୱ ମଦର୍ପଣମ୍ ।।୯/୨୭।।

ଅର୍ଥାତ୍, ହେ କୌନ୍ତେୟ, ଯାହା କିଛି ସ୍ୱଭାବତଃ ବା ଶାସ୍ତ୍ରାନୁସାରେ କର, ଯାହା ଭୋଜନ କର, ଯାହା ହୋମ କର, ଯାହା ଦାନ କର, ଯାହା ତପସ୍ୟା କର, ସେ ସମସ୍ତ ମୋତେ ଅର୍ପଣ କର । ଅତଏବ ତୁମେ ଯାହା କର ଅର୍ଥାତ୍ ସ୍ୱତଃ ଗମନାଦି ବା ଯାହା ଆହାର କର, ଯାହା ଶୌଚ ବା ସ୍ମାର୍ତ୍ତ ହୋମ କର, ଯେଉଁ ସ୍ୱର୍ଣ୍ଣ-ଅନ୍ନ ଘୃତାଦି ବ୍ରାହ୍ମଣମାନଙ୍କୁ ଦାନ କରିଥାଅ ଏବଂ ଯାହା କିଛି ତପସ୍ୟାଚରଣ କର, ସେ ସମସ୍ତ ମୋଠାରେ ସମର୍ପଣ କର ।

ଏହିପରି ଭାବରେ **ଶ୍ରୀଶ୍ରୀଶ୍ରୀଗୁରୁସ୍ୱାମୀଙ୍କ** ଠାରେ ସମସ୍ତକର୍ମ ଅର୍ପଣ କଲେ, ଶୁଭାଶୁଭ କର୍ମବନ୍ଧନରୁ ମୁକ୍ତ ହେବ ଏବଂ ଦେହଧରି ବା ଦେହାନ୍ତେ ମୋତେ ହିଁ ପ୍ରାପ୍ତ ହେବ । ଏହା ହିଁ ଚରମପ୍ରାପ୍ତି । ଏଣୁ ସବୁକାମ ହିଁ ନିଷ୍କାମ ଭାବରେ ଯଜ୍ଞବୁଦ୍ଧିରେ **ଶ୍ରୀଶ୍ରୀଶ୍ରୀ** ଠାକୁରଙ୍କ ପ୍ରୀତିଅର୍ଥରେ କରିବା ପ୍ରତ୍ୟେକ ସଂସାରୀ ପକ୍ଷରେ ସର୍ବୋତ୍ତମ ଧର୍ମପାଳନ ଅଟେ । ଏପରି ନ କରି କିଛି ତ୍ୟାଗ ଦାନ ସେବା ନିଷ୍ଠାର ସହିତ ନ କରି ଆପଣାର ସମସ୍ୟା ଦର୍ଶାଇ ଫାଙ୍କାରେ ଫାଙ୍କାରେ ଚଳୁଥିଲେ ଠକିଯିବ ନିଶ୍ଚୟ । ମୁକ୍ତି ମୋକ୍ଷ ନିର୍ବାଣ ବା ଚରମପ୍ରାପ୍ତି ପାଇଁ ତୁଚ୍ଛାକୁ ବ୍ୟାକୁଳ ହେଲେ କ'ଣ ତାହା ବିନା ନିଷ୍କାମ କର୍ମରେ ପ୍ରାପ୍ତ ହୋଇଯିବ କି ?

ଗୀତାର ତୃତୀୟ ଅଧ୍ୟାୟର ଦଶମ ଶ୍ଳୋକଟି ନିଷ୍କାମ ଭାବରେ ବିଷ୍ଣୁ ପ୍ରୀତ୍ୟର୍ଥେ କର୍ମାନୁଷ୍ଠାନର ଫଳଶ୍ରୁତି ସ୍ୱରୂପ । ପ୍ରଜାପତି ଯେତେବେଳେ ପ୍ରଜା ସୃଷ୍ଟି କରନ୍ତି, ସେତେବେଳେ ପ୍ରଜାରକ୍ଷାର୍ଥ ସେମାନଙ୍କର ପ୍ରବୃତ୍ତି ସାଧନ କର୍ମନୀତି ଏହିପ୍ରକାର ଉପଦେଶ ଛଳରେ ନିର୍ଦ୍ଦେଶ ଦିଅନ୍ତି । ଯେଉଁ ଶୁଭ କର୍ମାନୁଷ୍ଠାନରେ ନିଜର ତଥା ଅପର ପ୍ରାଣୀର ହିତ ସାଧନ ହୁଏ, ତାହା ହିଁ ଯଜ୍ଞ । ଏତାଦୃଶ ବିଶ୍ୱକଲ୍ୟାଣକର କର୍ମରେ ସ୍ୱାର୍ଥବୁଦ୍ଧିର ଲେଶମାତ୍ର ସ୍ପର୍ଶ ନ ଥାଏ ।

ପ୍ରଜାପତି ବ୍ରହ୍ମା ପ୍ରଜା ସୃଷ୍ଟିକରି ପରସ୍ପର କଲ୍ୟାଣକର ଯଜ୍ଞାନୁଷ୍ଠାନର ନିର୍ଦ୍ଦେଶ ଦେଇ ମାନବର ମହାହିତ ସାଧନ କରିଛନ୍ତି ଏବଂ ମଣିଷକୁ ସମାଜବଦ୍ଧ ଜୀବରେ ପରିଣତ କରିଛନ୍ତି । ଯେକୌଣସି ମହତ୍ କାର୍ଯ୍ୟ କରିବାକୁ ହେଲେ ଦଶଜଣଙ୍କର ସାହାଯ୍ୟ ପ୍ରୟୋଜନ ହୁଏ ଏବଂ ଅନେକ ମନ ଓ ଶକ୍ତି ଏକୀଭୂତ ହେଲେ ହିଁ ତାହାରି ଫଳରେ ବଡ଼ ବଡ଼ କାର୍ଯ୍ୟ ନିର୍ବିଘ୍ନରେ ସମ୍ପାଦିତ ହୋଇଥାଏ ।  ''ସଂଘମ୍ ଶରଣମ୍ ଗଚ୍ଛାମି'' ସୂତ୍ରରେ ଏହା ହିଁ ସଂଘୀୟ ସଂହତି ଓ ଐକ୍ୟଭାବ । ଏହାଦ୍ୱାରା ବିଶ୍ୱଭ୍ରାତୃତ୍ୱର ପଥ ଉନ୍ମୁକ୍ତ ହୁଏ । ଏହିପରି ଭାବରେ ପରସ୍ପରର ସାହାଯ୍ୟରେ ଭାବର ଆଦାନପ୍ରଦାନ ମାଧ୍ୟମରେ ଆମ୍ଭେମାନେ ଆତ୍ମକୈନ୍ଦ୍ରିକ ବା ସ୍ୱାର୍ଥବୁଦ୍ଧି ସମ୍ପନ୍ନ ନୀଚ ପ୍ରବୃତ୍ତିର ବଶବର୍ତ୍ତୀ ନ ହୋଇ ସମାଜକୈନ୍ଦ୍ରିକ, ରାଷ୍ଟ୍ରକୈନ୍ଦ୍ରିକ ତଥା ବିଶ୍ୱକୈନ୍ଦ୍ରିକ ହେବାର ଶିକ୍ଷାଲାଭ କରୁ ଓ ତାହା ଅଭ୍ୟାସଗତ କରି ତହିଁରେ ଅଭ୍ୟସ୍ତ ହୋଇଗଲେ ଆମର ସାଧନାରେ ସିଦ୍ଧି ମିଳିଯାଏ । ଏହି ସ୍ତରରେ ମାନବ ସମାଜ ଅନ୍ୟାନ୍ୟ ଜନ୍ତୁ ସମାଜ ଠାରୁ ଭିନ୍ନ, ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠ । ଏହା ବ୍ୟତୀତ ମଣିଷ ସମାଜ ଓ ପଶୁ ସମାଜ ଭିତରେ ପାର୍ଥକ୍ୟ ଅନ୍ୟ କିଛି ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯଦିଓ ଇତର ପ୍ରାଣୀମାନଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ଧରଣର ସଂହତି ଶକ୍ତିର ବିକାଶ ଦେଖାଯାଏ - ସେମାନେ ମଧ୍ୟ ଦଳବଦ୍ଧ ହୋଇ ଏକତା ରକ୍ଷାକରି ରହିବା ଜାଣିଛନ୍ତି - ତଥାପି,

ତାହା କିନ୍ତୁ କେବଳ ଅନ୍ୟର କବଳରୁ ନିଜକୁ ରକ୍ଷା କରିବା ନିମିତ୍ତ ଉଦ୍ଦିଷ୍ଟ । ପଶୁକୁଳର ଏକତା ପରୋପକାର ବା ବିଶ୍ୱକଲ୍ୟାଣ ଅଥବା ଆତ୍ମିକ ଉନ୍ନୟନ ନିମନ୍ତେ ଅଭିପ୍ରେତ ନୁହେଁ ।

ବଙ୍ଗୀୟ କବି କାମିନୀ ରାୟ ବଡ଼ ସୁନ୍ଦର ଭାବରେ ଲେଖିଛନ୍ତି :

''ଆପନାରେ ଲୟେବିବ୍ରତ ରହିତେ ଆସେନାଇ କେହ ଅବନୀପରେ ।
ସକଲେର ତରେ ସକଲେ ଆମରା ପ୍ରତ୍ୟେକେ ଆମରା ପରେର ତରେ ।।''

ଓଡ଼ିଶାର ବରେଣ୍ୟ ମହାପୁରୁଷ ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ :

''ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ ।
ବିଶ୍ୱହିତେ ତା'ର ପ୍ରତି ରକ୍ତ ବିନ୍ଦୁ

ବ୍ରହ୍ମା କହିଛନ୍ତି , ''ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ'' - ଏହି ବାଣୀ ମଧ୍ୟରେ ଶୁଣାଯାଏ ବିଶ୍ୱମାନବତାର ଝଙ୍କାର । ବ୍ରହ୍ମାଙ୍କର ଏହି ନିର୍ଦ୍ଦେଶଟି ହିଁ କ୍ରମ ରୂପ ନେଇଛି ସମାଜତନ୍ତ୍ର ରୂପେ ଏବଂ ଏହା ପ୍ରଜାତାନ୍ତ୍ରିକ ସମାଜ ଗଠନର ସାର୍ଥକ ଇଙ୍ଗିତ ଅଟେ । ଅର୍ଜିତ ଜିନିଷର ପରସ୍ପର ମଧ୍ୟରେ ଆଦାନପ୍ରଦାନ ଓ ସମଭାବରେ ବଣ୍ଟନ ଦ୍ୱାରା ହିଁ ନିଖିଳ ବିଶ୍ୱର ମାନବ ସମାଜ ଶ୍ରେୟ ପଥରେ ଯିବ, ଅପରକୁ ବଞ୍ଚିତ କରି ସଞ୍ଚୟଦ୍ୱାରା ନୁହେଁ । ବ୍ରହ୍ମାଙ୍କର ଏହି ବ୍ୟବସ୍ଥା ମଧ୍ୟରେ କୌଣସି ଭୌଗୋଳିକ ସୀମାରେଖା ନାହିଁ - ବସୁଧୈବ କୁଟୁମ୍ବକମ୍ - ବିଶ୍ୱଭ୍ରାତୃତ୍ୱ ପ୍ରେମ - ଏହା କେବଳ ମଣିଷ ମଣିଷ ମଧ୍ୟରେ ସୀମାବଦ୍ଧ ନୁହେଁ, ଦେବତା ଓ ମଣିଷ ମଧ୍ୟରେ ଏହା ହିଁ ଏକମାତ୍ର ମିଳନ ସେତୁ ।

ତେଣୁ, ସଂସାର କରି କାହିଁକି ଧର୍ମଲାଭ ସମ୍ଭବ ହେବ ନାହିଁ ? ଧର୍ମ ତ ଆଉ ସଂସାର ବାହାରର କୌଣସି ଦୁର୍ଲଭ ବସ୍ତୁ ନୁହେଁ । ସଂସାର କର, ଗୃହୀ ହୁଅ - ଖାଅ, ପିଅ, ରୋଜଗାର କର, ଭୋଗବିଳାସ କର, ମେଳା ମଉଚ୍ଛବ କର, କୌଣସି ବାଧାବନ୍ଧ ନାହିଁ, ମାତ୍ର ଏ ସକଳ ମଧ୍ୟରେ ଅନାସକ୍ତ ହୋଇ କର୍ମ କରିଯାଅ । ତେବେ, ଏହିଠାରେ ପୁଣି ଏକ ପ୍ରଶ୍ନ ମନ ମଧ୍ୟରେ ଉଙ୍କିମାରେ । ଗୃହୀ ହୋଇ ସଂସାର କରିବା ସହିତ ଅନାସକ୍ତ କର୍ମ କରିବା କିପରି ? ଏହାର ସୂତ୍ର କ'ଣ ?

ଏ ସଂସାର ଏବଂ ଗୃହସ୍ଥର ଗୃହକୁ କ୍ଷୀର ମନେକର । ସେହି ଗୃହୀ ସଂସାରରୂପକ କ୍ଷୀରରୁ ଦହି, ଦହିରୁ ଘୋଳ, ଘୋଳରୁ ଲହୁଣି କରି ଲହୁଣି ମୁଣ୍ଡାଏ କ୍ଷୀରରେ ବା ଘୋଳରେ ଭସାଇ ଦିଅ । ଲହୁଣିରୁ ଯଦି ଘିଅ କରିଦେବ ତ ସର୍ବସିଦ୍ଧି ପ୍ରାପ୍ତ ହେବ । ଏସବୁ କ୍ରିୟା ସେହି ମୂଳ କ୍ଷୀରରୁ ହୋଇଛି ନା ପାଣିପବନରୁ ହୋଇଛି ? ସେହିପରି ସଂସାରୀ ଗୃହସ୍ଥ ସଂସାରରୁ ସାର ଟିକକ ସଂଗ୍ରହ କରିବା ନିମନ୍ତେ ଗୁରୁଗ୍ରହଣ କରିବା ଆବଶ୍ୟକ । ଗୁରୁପ୍ରଦତ୍ତ ସାଧନ କ୍ରିୟା ଯଥାର୍ଥ ଭାବରେ ରୀତିମତ ବିଧିବଦ୍ଧ ଭାବରେ ଅଭ୍ୟାସ କରୁଁ କରୁଁ ସର୍ବସିଦ୍ଧି ପ୍ରାପ୍ତ ହୁଏ । ତାହା ହିଁ ଚରମପ୍ରାପ୍ତି । ତେଣୁ, ଶ୍ରୀଗୁରୁଙ୍କର ଚରଣାରବିନ୍ଦରେ ମନୋନିବେଶ କରି ଯାବତୀୟ କର୍ମ କରିବା ସହିତ ତ୍ୟାଗ, ଦାନ, ଦକ୍ଷିଣା, ସେବା ଇତ୍ୟାଦି ନିଷ୍ଠାର ସହିତ କରିବା ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ହିଁ ଆମର ଲକ୍ଷ୍ୟ: ଚରମପ୍ରାପ୍ତି ହୁଏ. ଚମର ମଧ୍ୟ ହେବ ।

# ବନ୍ଦେ ମହାପୁରୁଷ !
# ତେ ଚରଣାରବିନ୍ଦମ୍ !!

"ମହୀ ଦୁଇ ଫାଳ ହେଲେ ହୋଇବ । ପୂର୍ବଭାନୁ ପଶ୍ଚିମରେ ଉଇଁବ ॥
ପର୍ବତ ଶିଖରେ ଫୁଟିବ କଇଁ । ଅଚ୍ୟୁତର ବାକ୍ୟ ଟଳିବ ନାହିଁ ॥

ମହାଯୋଗୀ ଅଚ୍ୟୁତାନନ୍ଦ ଥିଲେ ତ୍ରିକାଳଦର୍ଶୀ ମହାପୁରୁଷ । ଯୋଗସିଦ୍ଧି ବଳରେ ନିରାକାରଙ୍କ ସହିତ ସଂଯୋଗ ସ୍ଥାପନ କରି ସେ କଥୋପକଥନ କରି ପାରୁଥିଲେ । ତାହା ପୁଣି ଆପଣାର ପ୍ରିୟଶିଷ୍ୟ ରାମଦାସଙ୍କୁ ଅବଗତ କରାଉଥିଲେ । ଏଠାରେ ତାହାର ଏକ ଉଜ୍ଜ୍ୱଳ ଝଲକ ମାତ୍ର ପରିବେଷିତ ।

## ରାମଦାସଙ୍କୁ ଅଚ୍ୟୁତ

ଅଙ୍ଗ ବଙ୍ଗ କଳିଙ୍ଗରେ ଥିବେ ଭକ୍ତମାନେ ।
ଗୁପତ ଭାବରେ ରାମ ବୁଲି ନାନା ସ୍ଥାନେ ॥

ନାମେ ମଜ୍ଜି ନାନା ସ୍ଥାନେ ଭ୍ରମିବେ ଜଗତେ ।
ପ୍ରଭୁଙ୍କର ସଙ୍ଗେ ଭେଟ କରିବେ ଗୁପତେ ॥

ପୂର୍ଣ୍ଣଚନ୍ଦ୍ର ଆଶ୍ୱିନ ଯେ ଇନ୍ଦ୍ରଫେଡ଼ ରାମ ।
ଅକ୍ଷଇନ୍ଦ୍ର ଭାବ ଜ୍ଞାନ ତତ୍ତ୍ୱ ବ୍ରହ୍ମକାମ ॥

ରବି ଉଇଁ ଅକ୍ଷଦଣ୍ଡ ହୋଇ ଯେତେବେଳେ ।
କଳ୍କୀ ନାମ ରୂପ ବହି ପଡ଼ିବି ଭୂତଳେ ॥

ଭଲମନ୍ଦ କଥା ମାନ ଶ୍ରୀମୁଖରୁ ଶୁଣି ।
ପ୍ରଚାର କରିବେ କଳ୍କୀ ଅବତାର ବାଣୀ ॥

ସନ ସଂଖ୍ୟା ମିଶାଣରେ ଚଉଦ ହୋଇବ ।
କଟକ କଟୀରେ ଯାଇ ଲୀଳା ପ୍ରକାଶିବ ॥

ନିଶ୍ଚେ ଖ୍ୟାତ କରିବୁ ଯେ ତୁହି ରାମଦାସ ।
ଚାରିଖାନି ଭକ୍ତମାନେ ହୋଇବେ ପ୍ରବେଶ ॥

ଅଚ୍ଛବ କୁଳରେ ରାମ ଜନମ ହୋଇବି ।
କକ୍ଷ ବକ୍ଷ ଅକ୍ଷ ରକ୍ଷ ସାକ୍ଷ ପକ୍ଷ ନେବି ॥

ଚରମ ଜ୍ଞାନ ଗୁପତ ଥିବ ମୋ ପାଖରେ ।
ମୂର୍ଖଜନ ଜ୍ଞାନୀଜନ ନ ଜାଣିବେ ତୋରେ ॥

ଭଣ୍ଡ ବୋଲି କହୁଥିବେ ଜାତି ଯେ ଟେକିଛି ।
କହ ରାମ ଏତେ କଥା ଅଛୁତି ବାଛିଛି ॥

(କଳିକଳ୍ପ ଭବିଷ୍ୟଗ୍ରନ୍ଥ - ଦ୍ୱିତୀୟ ଖଣ୍ଡରୁ ଉଦ୍ଧୃତ ।)

*(ବି.ଦ୍ର. : ପରବର୍ତ୍ତୀ ପାଖୁଡ଼ାରେ ଏହାର ବିଶଦ ବ୍ୟାଖ୍ୟା ପ୍ରସ୍ତୁତ ହେବ । - ସଂପାଦନା ।)*

# ଚାରିଖାନି

## ( ତୃତୀୟ ଖଣ୍ଡ : ପୃ୧୨୨ାରୁ ଉଦ୍ଧୃତାଂଶର ବ୍ୟାଖ୍ୟା )

''ଚରମ'' ର ଦ୍ୱିତୀୟ ପୁଷ୍ପ : ଦ୍ୱିତୀୟ ପାଖୁଡ଼ାରେ ଚାରିଖାନି : ୩ୟଖଣ୍ଡରୁ ପ୍ରକାଶିତ ଉଦ୍ଧୃତାଂଶର ବ୍ୟାଖ୍ୟା ନିମ୍ନରେ ଅନୁଗତ ଭକ୍ତ/ଶିଷ୍ୟ, ପାଠକ/ପାଠିକାମାନଙ୍କର ଅବଗତି ନିମନ୍ତେ ସଂକ୍ଷେପରେ ପ୍ରଦତ୍ତ ହେଉଛି । ସହୃଦ୍‌ଗଣ ଏହା ଉପଭୋଗ କଲେ ଶ୍ରମ ସାର୍ଥକ ହେବ ।

**ଶୁଣ ରାମଦାସ କହିତ ଥାଇ । ପଦ୍ମା ମାଗିନେଲେ ସେ ପାଞ୍ଚଭାଇ ॥**

ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧିରେ ଅନୁଭବରେ ନିରାକାରଙ୍କୁ ଦର୍ଶନ କରି ଶୁଣିଲେ । ଯାହା ସେ ଶ୍ରୁତ ହେଲେ ତାହା ତାଙ୍କର ପ୍ରିୟଶିଷ୍ୟ ପ୍ରବର ରାମଦାସଙ୍କୁ ଜଣାଇ କହିଲେ । ନିର୍ବିକଳ୍ପ ସମାଧିର ପ୍ରଥମ ପାହାଚରେ ଚାରିଖାନି ମଣ୍ଡଳ ପଡ଼େ । ମହାପୁରୁଷ ସିଦ୍ଧସାଧକ ଅଚ୍ୟୁତାନନ୍ଦ ଷଡ଼ଚକ୍ର ଭେଦ କରି ଯାହା ଅନୁଭବ କଲେ ତାହା ପଦ ସାହାଯ୍ୟରେ ପଦ୍ୟାକାରରେ ରାମଦାସଙ୍କୁ ବୋଇଲେ ।

ମାନବ ଶରୀରରେ ପିଣ୍ଡବ୍ରହ୍ମାଣ୍ଡ ମତରେ ପାଞ୍ଚପଦ୍ମା ପାଞ୍ଚଅଂଶ ଆକାରରେ ଅଛି । ପାଞ୍ଚଭାଇ ଅର୍ଥାତ୍ ପାଞ୍ଚମନ ସେହି ପାଞ୍ଚପଦ୍ମା ମାଗିନେଇ ପ୍ରାରମ୍ଭିକ ଅବସ୍ଥାରୁ ସମାଧିସ୍ତର ପର୍ଯ୍ୟନ୍ତ ପହଞ୍ଚିଲେ । ପ୍ରାରମ୍ଭିକ ଅବସ୍ଥା ହିଁ ସ୍ଥୂଳ ଅବସ୍ଥା । ସେହି ସ୍ଥୂଳ ଅବସ୍ଥାରୁ ସାଧନମାର୍ଗରେ କ୍ରମଶଃ ଗତିକରି ଯମ, ନିୟମ, ପ୍ରତ୍ୟାହାର ଆଦି ସ୍ତର ସାଧନ କରି ସାମାଧିସ୍ତରରେ ସାଧକ ପହଞ୍ଚିଥାଏ ।

**ଏକ କନ୍ୟାଭାଗେ ବାଣ ବାଣ୍ଟିଲା । ପଚିଶ କନିଆ ମାଥେ ଥୋଇଲା ॥**

କନ୍ୟା ହେଉଛନ୍ତି ଯୋଗମାୟା । ଯୋଗମାୟା ଠାରୁ ପ୍ରକୃତିମାୟା ଜାତ । ପାଞ୍ଚମନରୁ ପଚିଶ ପ୍ରକୃତି ହିଁ ପଚିଶ କନ୍ୟା । ଯୋଗମାୟା ପ୍ରକୃତିର ଭାବ ବାଣ୍ଟି ପଚିଶ ପ୍ରକୃତିକୁ ଦାନ କଲା ।

**ଷଡ଼ବନ ଷଡ଼ଶତ୍ରୁ ଜଗାଇ । ବ୍ରହ୍ମା ବିଷ୍ଣୁ ଶିବ ପଦେ ଜଣାଇ ॥**

ଷଡ଼ବନ କହିଲେ ଷଡ଼ଚକ୍ରକୁ ଏବଂ ଷଡ଼ଶତ୍ରୁ କହିଲେ କାମ, କ୍ରୋଧାଦି ଷଡ଼ରିପୁକୁ ବୁଝାଇଥାଏ । ଶରୀର ମଧ୍ୟରେ ଅବସ୍ଥିତ ଷଡ଼ଚକ୍ରକୁ ଷଡ଼ରିପୁ ଜଗି ରହିଥାଆନ୍ତି । ସାଧକ ଷଡ଼ରିପୁଙ୍କୁ ସାଧନ କରି ଅଧୀନସ୍ଥ କଲେ ଯାଇ ଷଡ଼ଚକ୍ର ଭେଦ କରିପାରେ । ଏଥିନିମନ୍ତେ ସ୍ଥୂଳସ୍ତରରୁ ଉଠି ସମାଧିସ୍ତରରେ ପହଞ୍ଚିବା ନିମନ୍ତେ ବହୁ ସାଧ୍ୟ ସାଧନା, ତ୍ୟାଗ, ନିଷ୍ଠା, ଗୁରୁସେବା କରିବାକୁ ହୁଏ । ବ୍ରହ୍ମା (ରଜ ଗୁଣରେ) ନାଭିଚକ୍ରରେ ସୃଷ୍ଟି କର୍ତ୍ତା ରୂପେ, ବିଷ୍ଣୁ (ସତ୍ତ୍ୱଗୁଣରେ) ହୃଦଚକ୍ରରେ ପାଳନ କର୍ତ୍ତା ଭାବରେ ଏବଂ ଶିବ (ତମଗୁଣରେ) କଣ୍ଠ ଚକ୍ରରେ ସଂହାର କର୍ତ୍ତା ରୂପରେ ବିଦ୍ୟମାନ ।

**ମରତ, ସରଗ, ପାତାଳ ଜଗି । ନଅଙ୍କ ଆସିବ ସବୁରି ମାଗି ॥**

ମରତ ( ମର୍ତ୍ତ୍ୟ) ଶରୀରରେ କଣ୍ଠଠାରୁ ନାଭି ପର୍ଯ୍ୟନ୍ତ । ସରଗ ( ସ୍ୱର୍ଗ) କଣ୍ଠଠାରୁ ଊର୍ଦ୍ଧ୍ୱଦେଶ ଲଲାଟ

ପର୍ଯ୍ୟନ୍ତ । ପାତାଳ ନାଭିଠାରୁ ପାଦ ଦେଶ ପର୍ଯ୍ୟନ୍ତ । ନ'ଅଙ୍କ କହିଲେ ରଜ, ତମ ମିଶ୍ରିତ ଦ୍ୱାର ନଅ ଅଟେ । ଏହି ନଅ ଦ୍ୱାର କଳିର ମ୍ଳେଛବୃତ୍ତି ଦ୍ୱାର ଅଟେ । ବ୍ରହ୍ମା, ବିଷ୍ଣୁ, ଶିବ ଓ କୁଣ୍ଡଳିନୀ ପିଣ୍ଡତତ୍ତ୍ୱରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନିପୁର ଜଗି ରହିଥିଲେ ମଧ୍ୟ, କଳିର ଆସୁରିକ ପ୍ରବୃତ୍ତି ରଜତମ ମିଶ୍ରିତ ନଅଦ୍ୱାର ଦେଇ ଜୀବର ଜୀବନୀ ସତ୍ତା ହରଣ କରିନେବା ପାଇଁ ସର୍ବଦା ତତ୍ପର ।

**ତୋତେ ଚାହିଁ ରାମ ମୋଗଲ କରେ । ଚକଡ଼ା ଜଗିବୁ ବିଂଶ ଭାନୁରେ ॥**

ମୋଗଲ ବୋଇଲେ ମ୍ଳେଛବୃତ୍ତି ଏବଂ କୁ (ଖରାପ) ଭାବ/ସ୍ୱଭାବକୁ ବୁଝାଏ । ଚକଡ଼ା କହିଲେ ଏହି ଶରୀର । ବିଂଶଭାନୁ ବା କୋଡ଼ିଏଟି ସୂର୍ଯ୍ୟର ତେଜରେ ଏହି ମ୍ଳେଛଭାବ ଓ କୁସ୍ୱଭାବ ଦେହରେ ରହି ସମସ୍ତ ସତ୍‌କୁ ଅନବରତ ଗ୍ରାସ କରୁଛି । ଏହି ତେଜ ରଜ ଓ ତମ ଗୁଣକୁ ଅଗ୍ରାଧିକାର ଦେଇ ସତ୍‌କୁ ଚାପି ରଖିଛି ।

**କଳି ଭାଗ ବଳିରାଜାକୁ ଦେଇ ।  ସଭିଏଁ ଯବନ ବେଶ ସାଜଇ ॥**

ରଜ ତମର କୁଭାଗ ଯବନ ଅଟେ । କଳିକାଳରେ ଏବଂ କଳିର ରାଜତ୍ୱରେ ସଦ୍‌ଗୁଣ (ବଳିରାଜା ପାତାଳକୁ ଗଲାପରି) ପାଦତଳେ ଚାପି ହୋଇଯାଇଛି । ସଚରାଚର ସମସ୍ତେ ରଜତମ ଗୁଣରେ ରହି କୁଭାବ ଏବଂ ଖରାପ ସ୍ୱଭାବ ସମ୍ପନ୍ନ ହୋଇ ରହିଛନ୍ତି । ସତ୍‌ର ପ୍ରକାଶ ହେଉନାହିଁ ।

**ଏଣିକି ଅଚ୍ଛୁତି କରିବ କିସ । ମ୍ଳେଛ ସାଜି ବୁଲେ ଯବନ ବେଶ ॥**

ଆଜିର ଘୋର ଅନ୍ତିମ କଳି କାଳରେ ଯାହା ଘଟିବ, ତାହା ମହାପୁରୁଷ ସିଦ୍ଧସାଧକ ଆଜକୁ ପାଞ୍ଚଶହରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ବିକଳ୍ପ ସମାଧି ଅବସ୍ଥାରେ ସୂକ୍ଷ୍ମଦର୍ଶନରେ ପ୍ରାପ୍ତ ହୋଇଥିଲେ ଏବଂ ପ୍ରାପ୍ତ ଦର୍ଶନକୁ ପ୍ରିୟଶିଷ୍ୟ ରାମଦାସଙ୍କୁ ଅବଗତ କରାଇ ପଦ ମାଧ୍ୟମରେ କହୁଛନ୍ତି କିଏ, ଏପରି ମ୍ଳେଛବୃତ୍ତି ଓ କୁସ୍ୱଭାବ ସମ୍ପନ୍ନ ମାନବ ସମାଜରେ ଅଚ୍ଛୁତି କ'ଣ ବା' କରିପାରିବ ? ତେଣୁ, କୁସ୍ୱଭାବରେ ମ୍ଳେଛବୃତ୍ତିରେ ମାନବୀୟ ସତ୍ତା ଘୁରିବୁଲୁଛି ।

ମଣିଷ ଆପଣାର କୁପ୍ରବୃତ୍ତି, ସ୍ୱଭାବ ଏବଂ ମ୍ଳେଛବୃତ୍ତି ଛାଡ଼ିବା ପାଇଁ ଗୁରୁଶ୍ରୀଚରଣରେ ଶରଣ ନେଇ ଦାନ, ତ୍ୟାଗ, ସେବା, ନିଷ୍ଠା, ପ୍ରେମ, ଭକ୍ତି ମାଧ୍ୟମରେ ସାଧନ କରିବା ଏକାନ୍ତ କର୍ତ୍ତବ୍ୟ । ଏହା ବ୍ୟତୀତ କଳିର କରାଳ କବଳରୁ ରକ୍ଷା ପାଇବାର ଅନ୍ୟ ଉପାୟ ନାହିଁ ।

ମୁକ୍ତି ନାହିଁ ତ ଭକ୍ତି ନାହିଁ ।
ଭକ୍ତି ନାହିଁ ତ ମୁକ୍ତି କାହିଁ ?
ଭକ୍ତି ମୁକ୍ତି ଏକ ମୁଦ୍ରାର ।
ଦୁଇ ପାରୁଶ, ଘେନାକର ॥

ବନ୍ଧନରୁ ମୁକ୍ତି ଯେବେ ମିଳଇ ।
ଭକ୍ତି ଅନ୍ତଃସ୍ଥଳେ ଜାତ ହୁଅଇ ॥
ଭକତି ନଆସେ ମୁକତି ବିନା ।
ମୁକତି ଭକତି ଏକାଠି ସିନା ॥




## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ଫୁଲ ପରି ଯିଏ କୋମଳ, ବଜ୍ର ପରି କଠିନ ମଧ୍ୟ ସେ ହୋଇ ନ ପାରିବ କାହିଁକି ? ସ୍ଥାନ, କାଳ, ପାତ୍ର ବିବେଚନାରେ ସ୍ନେହମୟୀ ଜନନୀ ଆପଣା ମର୍ଯ୍ୟାଦା ଓ ମହତ୍ତ୍ୱ ରକ୍ଷା ନିମନ୍ତେ ଆବଶ୍ୟକ ସ୍ଥଳେ ଧ୍ୱଂସମୟୀ ରାକ୍ଷସୀରେ ପରିଣତ ହେବାର ଆଦର୍ଶ, ''ଦେବୀ ଭାଗବତ'' ଶିକ୍ଷା ଦିଏ । ମାତୃତ୍ୱମୟୀ ଦେବୀଦୁର୍ଗା ଏହି ରୂପରେ ହିଁ ରାକ୍ଷସ ଓ ରାକ୍ଷସ ପ୍ରବୃତ୍ତିର ଧ୍ୱଂସ ଆଣିଥିଲେ । ଆମସମାଜର ମା, ଭଉଣୀ ଓ କନ୍ୟାମାନେ ସେହି ଶକ୍ତିସ୍ୱରୂପିଣୀ ମା' ଦୁର୍ଗାଙ୍କର ଅନୁଗାମିନୀ ହୁଅନ୍ତୁ । ଏଥି ନିମନ୍ତେ ମାତୃତ୍ୱକୁ ଆହ୍ୱାନ କରୁଛୁ ।*

## ମାତୃତ୍ୱର ଆହ୍ୱାନ

ମନୁସ୍ମୃତିରେ ସ୍ପଷ୍ଟ ଉଲ୍ଲେଖ ଅଛି :

> **''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।**
>
> **ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ ।।**

ଅର୍ଥାତ୍ : ଯେଉଁଠାରେ ନାରୀମାନେ ସମ୍ମାନିତା ହୋଇଥାଆନ୍ତି, ସେହି ସ୍ଥାନ ପ୍ରତି ସମସ୍ତ ଦେବତା ସନ୍ତୁଷ୍ଟ ହୋଇଥାଆନ୍ତି ଏବଂ ଯେଉଁଠାରେ ନାରୀମାନେ ଅପମାନିତା ହୋଇଥାଆନ୍ତି, ସେଠାରେ ସକଳ ସତ୍‌କାର୍ଯ୍ୟ ମଧ୍ୟ ନିଷ୍ଫଳ ହୋଇଥାଏ । ତେଣୁ ଶାସ୍ତ୍ରମତେ ସର୍ବସ୍ଥାନରେ ଓ ସର୍ବକ୍ଷଣରେ, ପ୍ରତ୍ୟେକ ପରିବାରରେ ମାତୃଜାତିକୁ ସର୍ବଦା ପରିତୃପ୍ତ ରଖିବା ଉଚିତ୍ । ଯେଉଁ ପରିବାରରେ ସ୍ୱାମୀ-ସ୍ତ୍ରୀ ପରସ୍ପର ପ୍ରତି ସନ୍ତୁଷ୍ଟ ରହନ୍ତି, ସେହି ପରିବାରରେ ଦୈବଦୁର୍ବିପାକ ପଡ଼େ ନାହିଁ ଏବଂ ପରିବାରର ଅଶେଷ କଲ୍ୟାଣ ସାଧିତ ହୁଏ । ଏହିପରି ସନ୍ତୁଷ୍ଟ ଦମ୍ପତିଙ୍କର କୋଳମଣ୍ଡନ କରି ଉତ୍ତମ ସୁସନ୍ତାନ ଜାତ ହୁଅନ୍ତି ।

ସୁଖମୟ ଦାମ୍ପତ୍ୟ ଓ ପାରିବାରିକ ଜୀବନଯାପନ ନିମନ୍ତେ ଉଭୟ ସ୍ୱାମୀ-ସ୍ତ୍ରୀ ନୀତିନିଷ୍ଠ ଓ କର୍ତ୍ତବ୍ୟପରାୟଣ ହେବା ଏକାନ୍ତ ବାଞ୍ଛନୀୟ । ପରିବାର ଓ ସମାଜରେ ମାତୃଜାତିର ସମ୍ମାନ ରକ୍ଷା ଦ୍ୱାରା ସମସ୍ତେ ସକଳ ସୁଖର ଅଧିକାରୀ ହୁଅନ୍ତି । ଏଥିରେ ଦେବତାମାନେ ମଧ୍ୟ ସନ୍ତୁଷ୍ଟ ହୋଇଥାଆନ୍ତି ।

ଉପନିଷଦ୍‌ରେ ଉଲ୍ଲେଖ ଅଛି : ପ୍ରଥମେ ଅବ୍ୟକ୍ତ ବ୍ରହ୍ମ ଏକାକୀ ଥିଲେ । ସେ ବ୍ୟକ୍ତ ହୋଇ ଲକ୍ଷ୍ୟ କଲେ ଯେ, ସେ ଏକାକୀ ଅଛନ୍ତି । ତେଣୁ, ବ୍ରହ୍ମ ଇଚ୍ଛାକଲେ : ଏକାକୀ ଅଛି । ମୁଁ ବହୁରେ ପରିଣତ ହେବି । ମୋ ଠାରୁ ଅନେକଙ୍କୁ ଉତ୍ପନ୍ନ କରିବି । ''ଏକୋଽହଂ ବହୁ ସ୍ୟାଂ ପ୍ରଜାୟେୟ'' (ତୈତ୍ତିରୀୟ ବ୍ରହ୍ମାନନ୍ଦ ବଲ୍ଲୀ) । ଏହିପରି ଭାବରେ ବ୍ରହ୍ମରୁ ହିଁ ଏହି ଦୃଶ୍ୟମାନ ବିଶ୍ୱ ବ୍ୟକ୍ତ ରୂପରେ ସୃଷ୍ଟି ହେଲା ।

ଲକ୍ଷ ଲକ୍ଷ ବର୍ଷଧରି କୋଟି କୋଟି ଜୀବଜନ୍ତୁ, ବୃକ୍ଷଲତା, ଫଳପୁଷ୍ପ, ନରନାରୀ ଏହି ନିଖିଳ ବିଶ୍ୱରେ ଆତଯାତ ହୋଇଛନ୍ତି । ଜନ୍ମଜନ୍ମାନ୍ତରବାଦରେ ଘଟର ପରିବର୍ତ୍ତନ ହେଉଛି । ଆତ୍ମା ଜୀବର କରଣୀ ଅନୁସାରେ ପରବର୍ତ୍ତୀ ଜୀବନ ଲାଭ କରୁଛି । ଏହି ପରିପେକ୍ଷୀରେ ପରବର୍ତ୍ତୀ ଜୀବନର ସୌନ୍ଦର୍ଯ୍ୟ, ଆନନ୍ଦ ଏବଂ ଐଶ୍ୱର୍ଯ୍ୟ ନିମନ୍ତେ ଉପସ୍ଥିତ ଏହି ଜୀବନରେ ପୂର୍ବବର୍ତ୍ତୀ ଜୀବନର ସକଳ ଦୁର୍ଭୋଗକୁ ଖଣ୍ଡନ କରି, ନୂତନ ଅବ୍ୟଭିଚାର ପବିତ୍ର କର୍ମ ମାଧ୍ୟମର ଅନୁବର୍ତ୍ତୀ ହେବା ଏକାନ୍ତ ପ୍ରୟୋଜନ । ଏଥି ନିମନ୍ତେ ମାତୃଜାତିର ଯଥାର୍ଥ ପୂଜାର୍ଚ୍ଚନା କରିବା ଓ ମାତୃତ୍ୱର ବନ୍ଦନା କରିବା ପ୍ରତ୍ୟେକଙ୍କର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ ।

ମାତୃତ୍ୱର ଅବମାନନା ଏବଂ ମାତୃତ୍ୱ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଥିବା କାରଣରୁ ସ୍ୱର୍ଣ୍ଣମୟୀ ଲଙ୍କା ଛାରଖାର ହୋଇଯାଇଛି, କୌରବ ବଂଶର ନିପାତ ହୋଇଛି, ତ୍ରୟଯୁଦ୍ଧର ବିଭୀଷିକା ସୃଷ୍ଟି ହୋଇଛି । ଏହିପରି ଅସଂଖ୍ୟ ଉଦାହରଣ ଓ ପ୍ରମାଣ ପୁରାଣ ଏବଂ ଇତିହାସ ପୃଷ୍ଠାରୁ ମିଳିଥାଏ । ସମଗ୍ର ବିଶ୍ୱରେ ନାରୀର ଆଦର୍ଶ ଏହି ଭାରତବର୍ଷ ହିଁ ସ୍ଥାପନ କରିଛି । ସୀତା, ସାବିତ୍ରୀ, ଗାନ୍ଧାରୀ, ଦ୍ରୌପଦୀ, ବିଦୁଳା, ପଦ୍ମିନୀ ପ୍ରଭୃତି ଲଳନା ଏବେ ବି ଆମ ସମାଜରେ ବିଦ୍ୟମାନ ଅଛନ୍ତି । ଆମ ସଂସ୍କୃତି ଓ ସମାଜରେ ମାତୃଜାତିର ସର୍ବୋତ୍କୃଷ୍ଟ ସମ୍ମାନ ବର୍ଣ୍ଣିତ ଏବଂ ସ୍ୱୀକୃତ । ଏକ ପକ୍ଷରେ ନାରୀ ଅବମାନନା ଧ୍ୱଂସର କାରଣ ହୋଇଥିବା ବେଳେ, ଅନ୍ୟପକ୍ଷରେ ମାତୃତ୍ୱର ବନ୍ଦନା ସକଳ ସୁଖଶାନ୍ତି ଏବଂ ଆନନ୍ଦର ଉତ୍ସ ହୋଇ ପ୍ରତିଭାତ ।

ମାତୃତ୍ୱର ଜାଗୃତି, ମାତୃତ୍ୱର ବନ୍ଦନା ଏବଂ ମାତୃତ୍ୱ ପ୍ରତି ସମ୍ମାନ ହିଁ ଭାରତୀୟ ସମାଜ ଓ ସଂସ୍କୃତିର ସମଗ୍ର ବିଶ୍ୱ ସଭ୍ୟତା ଓ ସଂସ୍କୃତିର ସର୍ବଶ୍ରେଷ୍ଠ ଅବଦାନ । ଆଜି ମଧ୍ୟ ଭାରତୀୟ ନାରୀମାନେ ଏହି ବନ୍ଦନା ଓ ସମ୍ମାନର ଗୌରବ ସ୍ଥାନରେ ଦୀପ୍ତିମତୀ ହେବା ପାଇଁ ଯୋଗ୍ୟା । ଭାରତୀୟ ନାରୀ ସତୀତ୍ୱ ବଳରେ ସୂର୍ଯ୍ୟଦେବଙ୍କ ପଥରୋଧ କରି ଉଦୟ ଯାତ୍ରାକୁ ରୋକିଦେଇ ପାରନ୍ତି । ଏହିପରି ଉଦାହରଣ ଖୋଜି ବସିଲେ, ସାବିତ୍ରୀ ଏବଂ ଗାନ୍ଧାରୀଙ୍କର ଚରିତ୍ର ମଧ୍ୟ ଅତ୍ୟନ୍ତ ଉତ୍ସାହପ୍ରଦ । ଆଜି ଆମ୍ଭେମାନେ ଆମର ଦୁର୍ଭାଗ୍ୟକୁ ନିଜେ ନିଜେ ହିଁ ଡାକି ଆଣୁଛୁ । ଆମ ସମାଜ ଓ ସଂସ୍କୃତିର ବିଧିବ୍ୟବସ୍ଥାକୁ ଲକ୍ଷ୍ୟ ନ ଦେଇ ପାଶ୍ଚାତ୍ୟ ସଭ୍ୟତା ଓ ଶିକ୍ଷା ଦ୍ୱାରା ସୁମାର୍ଗ ଛାଡ଼ି କୁପଥରେ ପାଦଚାଳି ପଥଭ୍ରଷ୍ଟ ହେଉଛୁ । ଏହା କଦାପି ଶୁଭ ଲକ୍ଷଣ ନୁହେଁ ।

ନାରୀଶିକ୍ଷା ଏବଂ ନାରୀପ୍ରଗତି ଆମର କାମ୍ୟ ହେବା ଉଚିତ୍ । ମାତ୍ର ନାରୀଶିକ୍ଷା ଏବଂ ନାରୀପ୍ରଗତିର ନାମରେ ଭ୍ରଷ୍ଟାଚାର, ସ୍ୱେଚ୍ଛାଚାର ଏବଂ ଅନୈତିକତାକୁ ଉତ୍ସାହିତ କରାଯିବା ଆଦୌ ଉଚିତ୍ ନୁହେଁ । ପରିବାର ତଥା ସମାଜରେ ସର୍ବଦା ଆଚରଣ ପ୍ରତି ଦୃଷ୍ଟି ଦେଲେ, ଏପରି କ୍ଷୟକ୍ଷତିର ସମ୍ଭାବନା ଆଦୌ ରହିବ ନାହିଁ । ମାତୃଜାତି ହିଁ ଆମ ଶ୍ରେଷ୍ଠତମ ସମ୍ପତ୍ତି । ଏକ ସର୍ବାଙ୍ଗସୁନ୍ଦର ଜାତି ଓ ସମାଜ ସୃଷ୍ଟି ଏହି ମାତୃଜାତି ଦ୍ୱାରା ହିଁ ସମ୍ଭବ । ଆମେ ଯଦି ଏକ ସୁସ୍ଥସୁନ୍ଦର ଜାତି ଆକାଂକ୍ଷା କରୁ, ଆମର ଯଦି ଏକ ପୂର୍ଣ୍ଣାଙ୍ଗ ଆନନ୍ଦମୟ ସାମାଜିକ ଜୀବନ ଲୋଡ଼ା, ତେବେ ଏହାର ମୂଳଉତ୍ସ ମାତୃଜାତି ପ୍ରତି ଆମ୍ଭେମାନେ ସମସ୍ତେ ଶ୍ରଦ୍ଧାଶୀଳ ହେବା ଏକାନ୍ତ କର୍ତ୍ତବ୍ୟ । ଏହି ପରିପେକ୍ଷୀରେ ମାତୃଶକ୍ତିର ଜାଗୃତି, ମାତୃତ୍ୱର ବନ୍ଦନା ଏବଂ ମାତୃଜାତି ପ୍ରତି ସମ୍ମାନ ପ୍ରଦର୍ଶନ ହିଁ ଆମର ସାଧନା ।

ସାମାଜିକ ଜୀବନ ଚଳଣୀକୁ ଲକ୍ଷ୍ୟ କରି ଦେଖ, ମାତୃଗର୍ଭ ହିଁ ତମର ଜନ୍ମ ଜାତକର ସର୍ବପ୍ରଥମ କ୍ଷେତ୍ର, ମାତୃକ୍ଷୀର ହିଁ ତମର ପ୍ରଥମ ଖାଦ୍ୟ, ମାତୃକୋଳ ହିଁ ତମର ପ୍ରଥମ ବିଶ୍ରାମସ୍ଥଳ, ମା'ର ପଣତ କାନି ହିଁ ତମର ପ୍ରଥମ ପୋଷାକ ପରିଚ୍ଛଦ, ମାଆର ବୁକୁ ହିଁ ତମର ପ୍ରଥମ ଆଶ୍ରୟ, ମା'ର ହାତ ହିଁ ତମର ପ୍ରଥମ ପରଶ । ଶୈଶବରେ ମାଆର ମମତା, ବାଲ୍ୟକାଳରେ ମାଆର ସ୍ନେହ ଓ ସେବା, ଯୌବନରେ ମାଆର ସହାନୁଭୂତି ଏବଂ

ବାର୍ଦ୍ଧକ୍ୟରେ ମାଆର ସାନ୍ତ୍ୱନା ମଣିଷର ଜୀବନକୁ ଆନନ୍ଦମୟ କରି ତୋଳେ । ବାଲ୍ୟକାଳରେ ମାଆ ଜନନୀ ରୂପରେ, କୈଶୋରରେ ମାଆ ଭଗିନୀ ରୂପରେ ଏବଂ ଯୌବନ ଓ ପୌଢ଼ ଅବସ୍ଥାରେ ମାଆ ଜାୟା ରୂପରେ ଏବଂ ବାର୍ଦ୍ଧକ୍ୟରେ ମାଆ କନ୍ୟା ରୂପରେ ମାନବ ଜୀବନର ବିଭିନ୍ନ ଅବସ୍ଥାରେ ଭିନ୍ନଭିନ୍ନ ରୂପ, ରସ ଭାବରେ ମାତୃଜାତି ସମାଜ ପ୍ରତି ଯଥାର୍ଥ କର୍ତ୍ତବ୍ୟ ସମ୍ପାଦନ କରିଆସୁଛି । ଥରେ ଚିନ୍ତା କରି ଦେଖ, ପ୍ରତିବଦଳରେ ସେହି ମାତୃଜାତି ସମାଜ ଠାରୁ  ପାଉଛି କ'ଣ ? ଏହି ସକଳ ସେବା ପରିଚର୍ଯ୍ୟା ପାଇଁ ସମାଜ ସେହି ଚିରବନ୍ଦନୀୟା ମାତୃଜାତିର ପବିତ୍ର ପାଦପୀଠରେ କେଉଁ ଉପହାର ଥୋଇ ଦେଉଛି ?

ସମାଜର ସବୁ ସ୍ତରରେ ମାତୃଜାତିର ଜାଗରଣ ନିମନ୍ତେ ବିଧିବଦ୍ଧ କାର୍ଯ୍ୟ ହେବା ଉଚିତ୍ । ପ୍ରାଚୀନ ଭାରତରେ ମାତୃଜାତି ଯଥାର୍ଥ ସମ୍ମାନ ଓ ମର୍ଯ୍ୟାଦା ଲାଭ କରିଥିଲା, ତେଣୁ ସାମାଜିକ ଜୀବନରେ ଉଚ୍ଛୃଙ୍ଖଳତା ବା ବିଶୃଙ୍ଖଳା ପ୍ରାୟ ଦୃଷ୍ଟି ଗୋଚର ହେଉ ନଥିଲା । ମାତୃଜାତିର ସ୍ୱାଧୀନତା ମଧ୍ୟ ସାମାଜିକ ଜୀବନରେ ବିଦ୍ୟମାନ ଥିଲା । କାଳକ୍ରମେ ଏହି ବ୍ୟବସ୍ଥା ନଷ୍ଟ ହୋଇ ଆଜିର ସାମାଜିକତା ପରିପ୍ରେକ୍ଷୀରେ ଏହା ଏକ ବିଭତ୍ସ ଓ କଦର୍ଯ୍ୟ ରୂପ ନେଇଛି । ବିକୃତ ରୁଚିର ସଂକ୍ରମଣରେ ସାମାଜିକ ବିଧି ବ୍ୟବସ୍ଥା ସଂକ୍ରମିତ । ଗଭୀର ଚିନ୍ତା ଓ ଚେତନାର ସହିତ ସକଳେ ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ନ ଦେଲେ, ତଥାକଥିତ ଶିକ୍ଷିତ ଓ ସଭ୍ୟ ସମାଜ ଯେ ଏକ ବନ୍ୟପଶୁ ସମାଜରେ ପରିଣତ ନ ହେବ, କିଏ କହିବ ?

ନାରୀ ନାରାୟଣୀ । ପ୍ରତ୍ୟେକ ନାରୀ ଶରୀରରେ ନାରାୟଣୀ ଭଗବତୀ ବିଦ୍ୟମାନ । ତେଣୁ ସମଗ୍ର ନାରୀ ସମାଜ ହିଁ ମାତୃଜାତି । ଆମର ପୂଜନୀୟା, ବନ୍ଦନୀୟା, ସମ୍ମାନୀୟା । ଏହି ଦୃଷ୍ଟିଭଙ୍ଗୀ ସୃଷ୍ଟି କଲେ, ସମାଜରୁ ନାରୀ ନିର୍ଯ୍ୟାତନା, ବଧୂ ନିର୍ଯ୍ୟାତନା, ଯୌତୁକ ପ୍ରଥାର ବିଲୋପ କରିବା ସହଜ ଓ ସରଳ ହେବ ନିଶ୍ଚୟ । ମାତୃବନ୍ଦନା ସଂଗଠନ ମାଧ୍ୟମରେ ସକଳ ସାମାଜିକ କୁସଂସ୍କାର, ସାମାଜିକବ୍ୟାଧି, ଧର୍ମାନ୍ଧତା, ଅନ୍ଧବିଶ୍ୱାସ ଏବଂ ଅନ୍ତଃସାରଶୂନ୍ୟ ଆଭିଜାତ୍ୟକୁ ଦୂରେଇ ଦେବା ନିମନ୍ତେ ଆଜି କଠୋର ସଂକଳ୍ପ ନିଆଯାଉଛି । ମାତୃବନ୍ଦନା ସଂଗଠନ ଆଜିର ଆଧ୍ୟାତ୍ମିକ ବିପ୍ଳବରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି । ଏହା ପଛରେ ଯୁଗପୁରୁଷ ଶ୍ରୀଶ୍ରୀଶ୍ରୀଠାକୁରଙ୍କ ପ୍ରେରଣା, ଉତ୍ସାହ, ଆଜ୍ଞା ଏବଂ ଆଶୀର୍ବାଦ ରହିଛି ।

ଚାରିତ୍ରିକ ମୂଲ୍ୟବୋଧକୁ ହରାଇ ବସିଥିବା ଧ୍ୱଂସାଭିମୁଖୀ ଅମାନବିକ ଅବିଚାର, ଅନୈତିକତା, ଅଜ୍ଞାନ ଅନ୍ଧକାର, କୁସଂସ୍କାରାଚ୍ଛନ୍ନ ଅବକ୍ଷୟମାଣ ଆଭିଜାତ୍ୟ, ଅସାମାଜିକତା ଇତ୍ୟାଦିର ଅତ୍ୟାଚାରରେ ଆଜି ଆମ୍ଭମାନଙ୍କର ସାମାଜିକ ଜୀବନ କଳଙ୍କିତ । ଛଳନାର ଅଭିନୟରେ ମାତୃଜାତି ଆଜି ଅପମାନିତା, ଅବହେଳିତା ଓ ଉପେକ୍ଷିତା । ଏହି ନିର୍ଯ୍ୟାତିତା, ପ୍ରପୀଡ଼ିତା, ପତିତା ମାତୃଜାତିକୁ ସ୍ୱାଭିମାନ, ଆତ୍ମସମ୍ମାନବୋଧ ଓ ମାତୃତ୍ୱର ସାର୍ଥକ ମୂଲ୍ୟବୋଧ ଦେଇ ପ୍ରତିଟି ମାତୃ ହୃଦୟରେ ଦୃଢ଼ ଆତ୍ମପ୍ରତ୍ୟୟ, ବିଶ୍ୱାସ, ସେବା ମନୋଭାବ ସୃଷ୍ଟି କରିବା ଲକ୍ଷ୍ୟରେ ସ୍ୱର୍ଣ୍ଣକ୍ଷେତ୍ରରେ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ଆନୁକୂଲ୍ୟରେ ମାତୃବନ୍ଦନା ସଂଗଠନ ଶ୍ରୀଶ୍ରୀଶ୍ରୀଠାକୁରଙ୍କର ଯୁଗୋପଯୋଗୀ ଅନୁପମ ପରିକଳ୍ପନା । ମାତୃଜାତିର ସୁପ୍ତ ଶକ୍ତି ଓ ପ୍ରତିଭାକୁ ପୁନରୁଜ୍ଜୀବିତ କରି ବିକଶିତ କରିବା ସହିତ ଉଚିତ୍ ଆତ୍ମୋନ୍ନୟନର ମାର୍ଗ ନିର୍ଦ୍ଦେଶ କରି ତଦନୁଯାୟୀ କୁସଂସ୍କାର, ଅବିଶ୍ୱାସ, ଅନ୍ଧବିଶ୍ୱାସ ରୂପକ ଅଜ୍ଞାନତାକୁ ଦୂରେଇ ମାତୃଜାତିର ଜାଗରଣ କରିବା ମାତୃବନ୍ଦନା ସଂଗଠନର ମୌଳିକ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ।''

ସମାଜରେ ଆଜି ଜଣେ ଆଦର୍ଶ ଗୃହିଣୀ ଆଦର୍ଶ ସହଧର୍ମିଣୀ, ଆଦର୍ଶ ଜନନୀ, ଆଦର୍ଶ ଭଗିନୀ, ଆଦର୍ଶ ସେବିକା ଖୋଜି ପାଇବା ସ୍ୱପ୍ନ ପରି ଅଳୀକ ଅବାସ୍ତବ ହୋଇଯାଇଛି । ଏ ଅଭାବ ଦୂର କରି ସମାଜକୁ ସାର୍ଥକ ଗୃହଲକ୍ଷ୍ମୀ ଗୃହିଣୀ, ସହଧର୍ମିଣୀ, ଜନନୀ, ଭଗିନୀ, କନ୍ୟା, ସେବିକା ଉପହାର ଦେବା ଆଜି ଆମ

ସମସ୍ତଙ୍କର ସର୍ବପ୍ରଥମ, ସର୍ବପ୍ରଧାନ ଓ ଶ୍ରେଷ୍ଠତମ ସାଧନା । ପ୍ରତିଟି ମାତୃପ୍ରାଣରେ ଆତ୍ମିକ ଉନ୍ନୟନ ଓ ଆଧ୍ୟାତ୍ମିକ ଶକ୍ତିର ସ୍ଫୁରଣ କରାଇ ସମାଜକୁ ବିଶେଷତଃ ମାତୃଜାତିରୁ ନିରକ୍ଷରତା ଦୂରୀକରଣ କରି ପ୍ରତ୍ୟେକଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବୈଷୟିକ ଧନ୍ଦାମୂଳକ ଶିକ୍ଷା, କ୍ଷୁଦ୍ରଶିଳ୍ପ ଓ କୁଟୀରଶିଳ୍ପର ତାଲିମ୍ ମାଧ୍ୟମରେ ସମ୍ମାନଜନକ ଭାବେ ଅର୍ଥ ଉପାର୍ଜନର ମାର୍ଗ ପ୍ରଦର୍ଶନ କରି ସମାଜ ସଂସ୍କାର କଳ୍ପେ ବୈପ୍ଳବିକ ସାମାଜିକ ପରିବର୍ତ୍ତନ ଆଣିବା ଆମର ଲକ୍ଷ୍ୟ ।

ସମାଜରେ ସର୍ବତ୍ର ଓ ସର୍ବଦା ବିଶ୍ୱଭ୍ରାତୃତ୍ୱର ପବିତ୍ର ପରିବେଶ ସୃଷ୍ଟିକରି, ଏହାରି ମାଧ୍ୟମରେ ମାତୃଜାତିର ସଂଗଠନ କରିବା ଏକାନ୍ତ ପ୍ରୟୋଜନ । ଏଥିନିମନ୍ତେ ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀଶ୍ରୀଠାକୁରଙ୍କର ଆଜ୍ଞା ଓ ଆଶୀର୍ବାଦରୁ ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନ ମାଧ୍ୟମରେ ଅଧ୍ୟାତ୍ମଶିକ୍ଷା ମାଧ୍ୟମରେ ଶାସ୍ତ୍ରର ତାତ୍ତ୍ୱିକ ଆଲୋଚନା କରାଯାଇ ବ୍ରହ୍ମଜିଜ୍ଞାସୁ ଦିବ୍ୟାତ୍ମା ଭାଇଭଉଣୀମାନଙ୍କୁ ବିଶ୍ୱଭ୍ରାତୃତ୍ୱ ଶିକ୍ଷା ଦିଆଯାଉଛି । ବିଶ୍ୱଭ୍ରାତୃତ୍ୱବୋଧର ସଫଳ ରୂପାୟନ ନିମନ୍ତେ ଧର୍ମଧାରା ମାଧ୍ୟମରେ ଦୈନନ୍ଦିନ ଅଭ୍ୟାସ କର୍ମଯୋଗ ପ୍ରତ୍ୟେକଙ୍କର ଅବଶ୍ୟ ନିଷ୍ଠା ଓ ଆନ୍ତରିକତାର ସହିତ ପାଳନ କରିବା ସର୍ବାଦୌ ଉଚିତ୍ । ସାଷ୍ଟାଙ୍ଗ ପ୍ରଣାମ, ମନ୍ତ୍ର, ମୁଦ୍ରା, ଲୟ, ଧ୍ୟେୟ ଏବଂ ଆସନରେ ମନ୍ତ୍ର ମନନ ଓ ଧ୍ୟାନ କୃତାଞ୍ଜଳି ଫଳ ଧାରଣ, ଫଳଧୌତ ଜଳପାନ ଏବଂ ଅର୍ଘ୍ୟତିଥିରେ ଯଥାବିଧି ଅର୍ଘ୍ୟପ୍ରଦାନ ମାଧ୍ୟମରେ ପ୍ରତ୍ୟେକଙ୍କର ଆତ୍ମଶୁଦ୍ଧି, ଚିତ୍ତଶୁଦ୍ଧି, କୋଷଶୁଦ୍ଧି ହେଲେ ଯାଇ ପ୍ରତ୍ୟେକ ଭାଇଭଉଣୀ ଯଥାର୍ଥ ବିଶ୍ୱଭ୍ରାତୃତ୍ୱର ମୂଲ୍ୟବୋଧ ହୃଦୟଙ୍ଗମ କରିପାରିବେ । ସମାଜରେ ସଭିଏଁ ଏହି ଭ୍ରାତୃତ୍ୱ ବୋଧରେ ଅବବୋଧିତ ହେଲେ. ଏହି ପୃଥିବୀ ହିଁ ପ୍ରତ୍ୟେକଙ୍କ ପାଇଁ ସ୍ୱର୍ଗରେ ପରିଣତ ହୋଇଯାଇ ପାରିବ । ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ. ପ୍ରୀତି, ସ୍ନେହ, ମମତା, ବିଶ୍ୱାସ, କୃତଜ୍ଞତା, ନମ୍ରତା, ସହିଷ୍ଣୁତା, ସେବା, ଦାନ, ଧର୍ମ, ତ୍ୟାଗ ଇତ୍ୟାଦି ସକଳ ଦିବ୍ୟଗୁଣରେ ମଣିଷ ଭୂଷିତ ହେଲେ ଯାଇ ଦିବ୍ୟାତ୍ମାରେ ରୂପାନ୍ତରିତ ହୋଇ ପାରିବ । ଅତିମାନସ ଦିବ୍ୟ ସତ୍ତାର ଅବତରଣକୁ ପୂର୍ଣ୍ଣ ପ୍ରାଣରେ ସ୍ୱାଗତ କରି ଆପଣା ଆପଣା ହୃଦୟରେ ଉପଲବ୍ଧି କରିପାରିବ ।

ମାତୃବନ୍ଦନା ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ସମାଜରେ ପ୍ରତ୍ୟେକେ ମାଆ ବୋଲି ପ୍ରତ୍ୟେକ ନାରୀଙ୍କୁ ସମ୍ବୋଧନ କରି ଚରଣ ସ୍ପର୍ଶ କରିବେ । ମାତୃ ଆଶୀର୍ବାଦରେ ପ୍ରତ୍ୟେକଙ୍କର ଜୀବନ ସେତେବେଳେ ଆନନ୍ଦମୁଖର, ଶାନ୍ତିପ୍ରଦ ଏବଂ ସୁଖମୟ ହୋଇଯିବ । ଦୈବଦୁର୍ଘଟଣା ଘଟିବ ନାହିଁ । ପ୍ରକୃତିର ବିକୃତି ହୋଇ ସମାଜ ଓ ସଭ୍ୟତାକୁ କାଳଗ୍ରାସରେ କବଳିତ କରିବ ନାହିଁ । ପ୍ରାଚୁର୍ଯ୍ୟ ଏବଂ ଐଶ୍ୱର୍ଯ୍ୟରେ ବିପୁଳା ପୃଥିବୀ ପ୍ରକୃଷ୍ଟ ମାତୃତ୍ୱର ବାର୍ତ୍ତାବହ ହେବ । ଏହା ଅଳୀକ ସ୍ୱପ୍ନ ନୁହେଁ, କିମ୍ବା ଅବାସ୍ତବ କଳ୍ପନା ମଧ୍ୟ ନୁହେଁ । ଏହା ସ୍ପଷ୍ଟ ଦିବାଲୋକ ପରି ସତ୍ୟନିଷ୍ଠ ଏବଂ ତତ୍ତ୍ୱନିଷ୍ଠ । ଏହି ଆନନ୍ଦମୟ ପୃଥିବୀ ସୃଷ୍ଟି ନିମନ୍ତେ ପ୍ରତ୍ୟେକ ମାନବ ଅକୃତ୍ରିମ ଦିବ୍ୟ ଆଚରଣ ସିଦ୍ଧ ଏକାନ୍ତ କର୍ତ୍ତବ୍ୟ । ଏହା ହିଁ ପ୍ରକୃଷ୍ଟ ପୁରୁଷାର୍ଥ । ଏହାରି ବଳରେ ପ୍ରକୃତ ପକ୍ଷେ ମାତୃତ୍ୱର ଜାଗୃତି, ମାତୃତ୍ୱର ଜୟଗାନ, ମାତୃତ୍ୱର ବନ୍ଦନା, ଅର୍ଚ୍ଚନା କରାଯାଇପାରିବ । ବିଶ୍ୱର ସମଗ୍ର ମାନବସମାଜ ପ୍ରତି ମାତୃବନ୍ଦନା ସଂଗଠନର ଏହା ହିଁ ଆହ୍ୱାନ ।

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ଫୁଲ ଫୁଟିଲେ, ବଗିଚା ହସେ । ଶିଶୁ ହସିଲେ ବି ସଂସାର ହସେ । ଫୁଲ ପରି କଅଁଳ କିଶୋରକିଶୋରୀ ମାନଙ୍କୁ ଆଜନ୍ମ ପବିତ୍ର ଚିନ୍ତା, ଚେତନା, ବାକ୍ୟ ଓ କର୍ମରେ ଅନୁପ୍ରେରିତ କରିବା ଏହି ସ୍ତମ୍ଭର ଉଦ୍ଦେଶ୍ୟ ।

ଆପଣଙ୍କ ପୁଅ /ଝିଅ, ନାତି/ନାତୁଣୀମାନଙ୍କୁ "ଚରମ"ର ଏହି ସ୍ତମ୍ଭରୁ ଶିକ୍ଷଣୀୟ ଗଳ୍ପମାନ ପଢ଼ି ଶୁଣାଇ ଉପଯୁକ୍ତ ମଣିଷ ପରି ମଣିଷଟିଏ ଗଢ଼ି ତୋଳନ୍ତୁ । ତାହା ହିଁ ହେବ ଏ ସମାଜ ପାଇଁ ଆପଣଙ୍କର ଶ୍ରେଷ୍ଠତମ ଉପହାର ।

## ସକଳ ଘଟେ ନାରାୟଣ

ପ୍ରତିଦିନର ସଫେଇ, ପ୍ରାର୍ଥନା ଓ ଅନ୍ୟାନ୍ୟ ନିତ୍ୟନୈମିତ୍ତିକ କାମ ପରେ ସ୍କୁଲର ପ୍ରଥମ ପିରିୟଡ଼ ଆରମ୍ଭର ସୂଚନା ଦେଇ ଘଣ୍ଟା ବାଜିଲା । ପ୍ରତ୍ୟେକ ଶ୍ରେଣୀର ପିଲାଏ ନିଜନିଜ ଶ୍ରେଣୀ ଗୃହରେ ନିଜନିଜର ସ୍ଥାନରେ ଶୃଙ୍ଖଳାର ସହିତ ଶିକ୍ଷକ. ଶିକ୍ଷୟିତ୍ରୀମାନଙ୍କୁ ଅପେକ୍ଷା କରି ବସିରହିଲେ । ବିଶ୍ରାମକକ୍ଷରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜନିଜର କର୍ତ୍ତବ୍ୟ କରିବା ନିମନ୍ତେ ବାହାରିଲେ । ରାମବାବୁ ପ୍ରତିଦିନ ପରି ସେଦିନ ମଧ୍ୟ ଛାତ୍ର ଉପସ୍ଥାନ ଖାତା ଏବଂ ବେତ ବାଡ଼ିଟିଏ ଧରି ନବମ ଶ୍ରେଣୀ ଅଭିମୁଖେ ଚାଲିଲେ । ରାମବାବୁଙ୍କୁ ସ୍କୁଲରେ ବା ନ ଜାଣେ କିଏ । ରାମହରି ମିଶ୍ର କହିଲେ ପିଲାମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଏ । ଦୁଷ୍ଟପିଲାଙ୍କର ଛାତି ଥରେ । ଅବାଧ୍ୟ ଛାତ୍ରଛାତ୍ରୀମାନଙ୍କ ପ୍ରତି ବଡ଼ ନିର୍ଦ୍ଦୟ ସେ । ଦୁଷ୍ଟାମି, ବିଶୃଙ୍ଖଳା ଓ ଅପରିଷ୍କାର ଆଦୌ ସହ୍ୟ କରିପାରନ୍ତି ନାହିଁ । ପାଠ ପଢ଼ାଇବାରେ ଧୁରନ୍ଧର, ପ୍ରବୀଣ । ଶ୍ରେଣୀରେ ଏମିତି କୌଣସି ପିଲା ନ ଥାନ୍ତି, ଯିଏ କି ତାଙ୍କ ପାଠପଢ଼ାରେ ସନ୍ତୁଷ୍ଟ ନୁହନ୍ତି । ସଭିଏଁ ସନ୍ତୁଷ୍ଟ । ସେ ଦୁଷ୍ଟଙ୍କ ପାଇଁ ଯମ ଭଳି, ହେଲେ ଭଲ ପିଲାମାନଙ୍କ ପାଇଁ ସେ ସତେ ଯେପରି ସ୍ୱୟଂ ଭଗବାନ ।

ସବୁଦିନ ପରି ସେଦିନ ରାମବାବୁ ନବମ ଶ୍ରେଣୀ ଭିତରକୁ ପଶିଆସିଲେ । ଶ୍ରେଣୀ ଗୃହରେ ଅପୂର୍ବ ନୀରବତା ଓ ଶୃଙ୍ଖଳା । ଶ୍ରେଣୀ ପ୍ରକୋଷ୍ଠ ପରିଷ୍କାର ପରିଚ୍ଛନ୍ନ ଏବଂ ସୁସଜ୍ଜିତ । ଛାତ୍ରଛାତ୍ରୀମାନେ ଛିଡ଼ା ହୋଇ ଯୋଡ଼ହସ୍ତରେ ମଥା ନୁଆଁଇ ଭକ୍ତି ଜଣାଇଲେ । ରାମବାବୁ ସମସ୍ତଙ୍କୁ ଚାହିଁଦେଇ ବସିବା ପାଇଁ କହିଲେ । ନିଜେ ମଧ୍ୟ ଆପଣା ଚୌକିରେ ବସିଲେ । କିନ୍ତୁ, ସବୁଦିନ ପରି ଆଜି କାହିଁକି କାହାରି ମୁହଁରେ

ସରସତା ସେ ଦେଖିବାକୁ ପାଇଲେ ନାହିଁ । ଯଥାରୀତି ଅଭ୍ୟାସ ମୁତାବକ ହାଜିରାଖାତା ଖୋଲି ପ୍ରତ୍ୟେକଙ୍କର ଉପସ୍ଥାନ ନେଇସାରି ଚକ୍ ଏବଂ ଡଷ୍ଟର୍ ବାହାର କରିବା ପାଇଁ ଟେବୁଲ୍‌ର ଡ୍ର ଖୋଲିଲେ । ଡ୍ର ଭିତରେ ହାତ ପୁରାଇବାକୁ ଯାଉଛନ୍ତି ହଠାତ୍ ବଡ଼ ବେଙ୍ଗଟିଏ ତାଙ୍କ ହାତ ଉପର ଦେଇ ଡିଆଁମାରି ଘର ଚଟାଣରେ ପଡ଼ିଲା ଓ ଡେଇଁ ଡେଇଁ କବାଟ କୋଣରେ ଲୁଚି ବସିଗଲା । ରାମବାବୁ ଗମ୍ଭୀର ହୋଇ ଚକ୍ ଓ ଡଷ୍ଟର୍ ବାହାର କରି ଶ୍ରେଣୀର ପ୍ରତ୍ୟେକ ପିଲାଙ୍କ ମୁହଁକୁ ଭଲ ଭାବରେ ଅନେଇଲେ । ତା'ପରେ ଯଥାବିଧି ପାଠ ପଢ଼ାଇବାରେ ମନଯୋଗ ଦେଲେ । ଶ୍ରେଣୀରେ ପୂର୍ଣ୍ଣ ନୀରବତା । ଶୃଙ୍ଖଳିତ ପରିବେଶ ।

ପ୍ରଥମ ପିରିୟଡ଼ ଶେଷ ହେବାକୁ କିଛି ସମୟ ତଥାପି ବାକିଥାଏ । ହଠାତ୍ ଗୋଟିଏ ଛୋଟ ବେଙ୍ଗ ବିକଳରେ ରଡ଼ି ଛାଡ଼ି ଡେଇଁ ଡେଇଁ ଶ୍ରେଣୀ ଭିତରକୁ ପଶିଗଲା । ଦେଖୁଁ ଦେଖୁଁ ତା'ପଛେ ପଛେ ସାପଟିଏ ଆସୁଥିବାର ଦେଖି ରାମବାବୁ ଅଗତ୍ୟା ତା'ଆଡ଼କୁ ଡଷ୍ଟରଟି ଫିଙ୍ଗିଦେଲେ । ତଥାପି ସାପ ସେଥିପ୍ରତି ଭ୍ରୁକ୍ଷେପ ନ କରି ଆଗେଇ ଆସୁଥିଲା । ରାମବାବୁ ତେଣୁ ବେତ ବାଡ଼ିଟି ଧରି ସାପ ଆଗରେ ଦୁଇ ଚାରିଥର ଚଟାଣରେ ପଟାସ୍ ପଟାସ୍ କରି ବାଡ଼େଇ ଦେଲେ । ତାଙ୍କର ଇଚ୍ଛା : ସାପ ନ ମରୁ କି ବାଡ଼ି ନ ଭାଙ୍ଗୁ । ସତକୁ ସତ ସାପଟି ଭୟଭୀତ ହୋଇଗଲା କି କ'ଣ, ଲେଉଟି ପଡ଼ି ବାରଣ୍ଡା ତଳକୁ ଡେଇଁପଡ଼ି ଦୂରକୁ ପଳାଇଗଲା । ଏଣେ ଛୋଟ ବେଙ୍ଗଟି ସେତେବେଳକୁ ଚୁପ୍‌ଚାପ୍ ବଡ଼ ବେଙ୍ଗ ପାଖରେ ଆଶ୍ରୟ ପାଇ ସାରିଥାଏ ।


ଶ୍ରେଣୀରେ ସେଦିନ ପାଠପଢ଼ା ସାଙ୍ଗକୁ ଏପରି ଏକ କୌତୂହଳ ଘଟଣା ଘଟିଯାଇଥିଲେ ମଧ୍ୟ ବିଶୃଙ୍ଖଳା, ହୈଚୈ ବା ପାଟିତୁଣ୍ଡ ଆଦୌ ହେଉ ନ ଥାଏ । ଏହା ରାମବାବୁଙ୍କର ଶିକ୍ଷକ ସୁଲଭ ବ୍ୟକ୍ତିତ୍ୱ କି ଛାତ୍ରଛାତ୍ରୀମାନଙ୍କର ରାମବାବୁଙ୍କ ପ୍ରତି ଅତିଭକ୍ତି ହେତୁ ସମ୍ଭବ ହୋଇଥିଲା ତା'କିଏ ବା କହିପାରିବ ? ରାମବାବୁ ସ୍ୱଭାବସିଦ୍ଧ ଭଙ୍ଗୀରେ ଛିଡ଼ାହୋଇ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟକରି କହିଲେ, ''ବଡ଼ ବେଙ୍ଗଟିକୁ ଯେଉଁ ଦୁଷ୍ଟପିଲା ଟେବୁଲ୍ ଡ୍ର ଭିତରେ ରଖିଥିଲା, ମୁଁ ଜାଣି ସାରିଛି । ବଡ଼ ବେଙ୍ଗଟି ଛୋଟ ବେଙ୍ଗର ମା' ହୋଇଥିବ ନିଶ୍ଚୟ । ମା'ର ଆଶ୍ରୟ ବିନା ଶିଶୁ ବଞ୍ଚିବା ନିଶ୍ଚୟ କଷ୍ଟସାଧ୍ୟ । ଯେଉଁପିଲା ମା' ବେଙ୍ଗକୁ ଅପହରଣ କରି ରଖିଥିଲା, ତା'ର ବାପାମା'ଙ୍କୁ ଯଦି ଅନ୍ୟ କେହି ଅପହରଣ କରିନିଏ, ତେବେ ସେ ଏହି ଛୋଟ ବେଙ୍ଗପରି ଆଶ୍ରୟହୀନ ହୋଇ ସାପପରି ଦୁଷ୍ଟ ଓ ହିଂସ୍ରମାନଙ୍କର ନିଶ୍ଚୟ ଶିକାର ହେବ । ଅକାଳରେ ତା'ର ପ୍ରାଣ ଯିବା ଅସମ୍ଭବ ମଧ୍ୟ ହୋଇ ନ ପାରେ । ଭଗବାନଙ୍କୁ ଅଶେଷ ଧନ୍ୟବାଦ ଯେ ସାପଟି ଭୟଭୀତ ହୋଇ ପଳାଇଯାଇଛି ଏବଂ ନିରୀହ ଶିଶୁ ବେଙ୍ଗଟି ତା' ମା'ନିକଟରେ ଆଶ୍ରିତ ହୋଇ ରହିଛି । ସାପଟି ଯଦି ଶିଶୁ ବେଙ୍ଗଟିକୁ ଧରି ନେଇ ଥାଆନ୍ତା, ତେବେ ଆଜି ଏକ ଅଘଟଣ ଆମ ସମସ୍ତଙ୍କ ଆଗରେ ଘଟିଥାଆନ୍ତା । କୌତୁକବଶରୁ ମା'ବେଙ୍ଗକୁ ଶିଶୁ ଠାରୁ ଅପହରଣ କରିବା ଦୋଷରୁ ଏହା ଘଟିଥାଆନ୍ତା । ପରିହାସରେ ମଧ୍ୟ କଦାପି ଏପରି ନିଷ୍ଠୁର ଆଚରଣ କରିବା ଉଚିତ୍ ନୁହେଁ ।''

ରାମହରି ବାବୁ ହୁଏତ ଆହୁରି ଦୀର୍ଘକାଳଧରି ବକ୍ତୃତା ଓ ଉପଦେଶ ଦେଇଥାଆନ୍ତେ, ମାତ୍ର ଶ୍ରେଣୀ ମଧ୍ୟରୁ ସୁଧାକର ନାମକ ଛାତ୍ରଟି ଧିରସ୍ଥିର ଭାବରେ କାନ୍ଦ କାନ୍ଦ ହୋଇ ନିଜ ସ୍ଥାନରୁ ଉଠି ଶ୍ରେଣୀ ଆଗକୁ ଚାଲି ଆସୁଥିବାର ଦେଖି ରାମବାବୁ ନୀରବ ରହିଲେ । ସୁଧାକର ସିଧା ଆସି ରାମବାବୁଙ୍କ ପାଦ ପାଖରେ

ଆଣ୍ଠୁମାଡ଼ି ବସି ଦୁଇହାତରେ ରାମବାବୁଙ୍କର ଦୁଇପାଦ ଧରି ନିଜର ଭୁଲ ସ୍ୱୀକାର କଲା ଓ କ୍ଷମା ମାଗିଲା । ସେତେବେଳକୁ ଅନୁତାପରେ ତା'ଆଖିରେ ଧାରଧାର ଲୁହ ଗଡ଼ି ପଡୁଥିଲା ।

ରାମବାବୁ ସୁଧାକରକୁ ଦୁଇହାତରେ ଉଠାଇ କୋଳେଇ ନେଲେ ଓ ଦୁଇଆଖିରୁ ଲୁହ ପୋଛିଦେଇ ଭଲପିଲା ହେବା ପାଇଁ ଉପଦେଶ ଦେଲେ । ମଣିଷ ପରି ମଣିଷ ହେବାପାଇଁ ପ୍ରତ୍ୟେକେ ଯତ୍ନ କରିବାକୁ କହିଲେ । ସୁଧାକର ଶ୍ରେଣୀର ସବୁ ଛାତ୍ରଛାତ୍ରୀଙ୍କୁ ଦୁଇହାତ ଟେକି ଆଶୀର୍ବାଦ ଦେଲେ । ସେହି ସମୟରେ ପ୍ରଥମ ପିରିୟଡ଼ ଶେଷ ହେବାର ସଙ୍କେତ ଦେଇ ଘଣ୍ଟା ବାଜିଲା । ରାମବାବୁ ବେତ ବାଡ଼ି ଓ ଉପସ୍ଥାନ ଖାତା ଧରି ଶ୍ରେଣୀ ପ୍ରକୋଷ୍ଠରୁ ବାହାରିଯିବା ବେଳକୁ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍ଥାନରେ ଯୋଡ଼ହସ୍ତରେ ନତଶିରରେ ଛିଡ଼ାହୋଇ ତାଙ୍କୁ ଭକ୍ତି ଜଣାଇଲେ ।

ଏଣେ ମା' ଏବଂ ଛୁଆବେଙ୍ଗ ଦିଓଟି କବାଟ କୋଣରୁ ବାହାରି ମନ ଆନନ୍ଦରେ ଡେଇଁଡେଇଁ ଶ୍ରେଣୀଗୃହ ଭିତରୁ ବାହାର ବଗିଚାକୁ ଚାଲିଗଲେ ।




ଦେହଭାବ ତୁ'ରେ ଯେବେ ଛାଡ଼ିବୁ ।
ଚରମ ପ୍ରାପତି ତେବେ ଲଭିବୁ ॥

ଆଶ୍ଚର୍ଯ୍ୟବଦ୍ ପଶ୍ୟତି କଶ୍ଚିଦେନ ।
ଧ୍ୟାନେ ଲୟ ଦେଲେ ହୁଏ ଦର୍ଶନ ॥

ଦେହ ଘଷା ହୋଇ ହେଉଛୁ ବାୟା ।
ଦେହଭାବ ଥିଲେ ନ ତୁଟେ ମାୟା ॥

ତ୍ୟାଗ, ନିଷ୍ଠା, ଶ୍ରଦ୍ଧା, ଦୃଢ଼ତା ଥିବ ।
ତେବେ ଯାଇ ମନ ମୋତେ ପାଇବ ॥



# ଉତ୍ତିଷ୍ଠତ ! ଜାଗ୍ରତ !!

ଖାମଖିଆଲୀ ହୋଇ କାର୍ଯ୍ୟ କଲେ, ମନକୁ ଆୟତ୍ତ କରିବା କିପରି ସମ୍ଭବ ହେବ ? ଯେତେବେଳେ ମନ ଠିକ୍ ବାଟକୁ ଆସେ, ସେତେବେଳେ ସୁଖ, ଶାନ୍ତି, ଆନନ୍ଦ ଯାହାବି କୁହ, ତମକୁ ପ୍ରାପ୍ତ ହୁଏ ।

ତେଣୁ ହେ ଶିକ୍ଷିତ ସଭ୍ୟ ଯୁବସମାଜ, ତମକୁ ଏହି ଆହ୍ୱାନ, ଜାଗି ଉଠ, କର୍ମତତ୍ପର ହୁଅ, ନିଜକୁ, ନିଜ ମନକୁ ସଂଯତ କର । ନିଶ୍ଚୟ ତମେ ସୁଖ ପାଇବ ହିଁ ପାଇବ । ଅନିୟନ୍ତ୍ରିତ ଇନ୍ଦ୍ରିୟମାନଙ୍କ ଯୋଗୁଁ ଏହି ଭୌତିକ ବନ୍ଧନରେ ବାନ୍ଧି ହୁଅ ନାହିଁ । ଯୋଗ ପ୍ରଣାଳୀର ଅର୍ଥ ଇନ୍ଦ୍ରିୟ ନିୟନ୍ତ୍ରଣ କରିବା । ଗର୍ବ, ଅହଂକାର ଯାହାଠାରେ ଲେଶମାତ୍ର ( ପ୍ରଚ୍ଛନ୍ନରେ ବି ହେଉନା କାହିଁକି) ଅଛି, ସେ ଯୋଗୀ ପଦବାଚ୍ୟ ନୁହେଁ । ସେ ଶଠ । ସତର୍କ ରୁହ, ସାବଧାନ ହୁଅ ।

ତମେ ବୀର, ଧୀର, ଅମର ।

## ସୁଖ

ଏ ସଂସାରରେ ସମସ୍ତେ ହିଁ ସୁଖ ଚାହାନ୍ତି ଓ ତାହାର ଅନୁସନ୍ଧାନ କରନ୍ତି । ଏହାର କାରଣ କ'ଣ ? ସୁଖ ପୁଣି କେଉଁଠି ଥାଏ ? ଯେଉଁଠି ଆନନ୍ଦ ସେହିଠାରେ ହିଁ ତ ସୁଖ । ତେବେ ଆନନ୍ଦ କେଉଁଠି ? ଯେଉଁଠି ପ୍ରେମାସ୍ପଦ ତା'ର ପ୍ରେମିକ ସହିତ ମିଳିତ ହୋଇ ନିଜର ସତ୍ତାକୁ ହରାଇ ବସେ ଅର୍ଥାତ୍ ତଲ୍ଲୀନ ଅବସ୍ଥା ପ୍ରାପ୍ତ ହୁଏ, ସେହିଠାରେ ହିଁ ଚରମ ଆନନ୍ଦ । ସେତେବେଳେ କୌଣସି ଜାଗତିକ ବନ୍ଧନ ତାକୁ ଆବଦ୍ଧ କରି ରଖିପାରେନା, ସେ ସବୁ ବନ୍ଧନରୁ ମୁକ୍ତ ହୁଏ । ତେଣୁ ଗୋଟିଏ କଥାରେ କହିଲେ ମୁକ୍ତି ହିଁ ଆନନ୍ଦ । ଏଣୁ ସମସ୍ତଙ୍କର ଲକ୍ଷ୍ୟ ସେହି ଆନନ୍ଦ ବା ସୁଖ । ସମସ୍ତେ ହିଁ ତାହାର ଅନୁସନ୍ଧାନରେ ରତ । ମୁନିଋଷିମାନେ ବଣ, ପାହାଡ଼, ପର୍ବତର ନିଭୃତ କନ୍ଦର କି ଗୁମ୍ଫା ଭିତରେ ତପସ୍ୟାରତ ରହି ସେହି ଆନନ୍ଦର ଅନୁସନ୍ଧାନ କରନ୍ତି । ସଂସାରୀ ତାହାର କ୍ଷେତ୍ର ସଂସାର ମଧ୍ୟରେ ପ୍ରତ୍ୟେକ ବିଷୟ ବା ପ୍ରକୃତି ମଧ୍ୟରେ ତନ୍ନ ତନ୍ନ କରି ସେହି ସୁଖର ସନ୍ଧାନ କରୁଛି ତ ଯୋଗୀମାନେ ଅଷ୍ଟାଙ୍ଗ ଯୋଗ ମାଧ୍ୟମରେ ଓ ଜ୍ଞାନପିପାସୁମାନେ ତାଙ୍କର ପ୍ରିୟ ଆଧ୍ୟାତ୍ମିକ ପୁସ୍ତକ ତଥା ବୈଜ୍ଞାନିକଗଣ ବିଜ୍ଞାନ ମାଧ୍ୟମରେ ତାହାର ଅନୁସନ୍ଧାନ କରନ୍ତି । ଏହିପରି ସମସ୍ତେ ସ୍ୱ ସ୍ୱ ସ୍ୱଭାବର ବଶବର୍ତ୍ତୀ ହୋଇ ସେହି ସୁଖ ପାଇଁ ପାଗଳ ଓ ଆନନ୍ଦ ପଛରେ ଧାବମାନ । କିନ୍ତୁ ସେହି ଚିରନ୍ତନ ନିତ୍ୟ ସୁଖ କେଉଁଠି ? ଜୀବ ଅଜ୍ଞନତାବଶତଃ ବା ମାୟାବଦ୍ଧ ହୋଇ ତାହା ଜାଣି ପାରେନା । ସେ ଅଳୀକ ବା କ୍ଷଣସ୍ଥାୟୀ ସହଜ ସୁଲଭ ବୈଷୟିକ ସୁଖକୁ ନିତ୍ୟସୁଖ ବୋଲି ଭାବି ବିଭୋର ହୋଇଯାଏ, ଯାହାକି ପ୍ରାଥମିକ ଅବସ୍ଥାରେ ପରିବେଶ ଅନୁଯାୟୀ ଅତୀବ ଆନନ୍ଦପ୍ରଦ ହୋଇଥାଏ । ମାତ୍ର ପରକ୍ଷଣରେ ପରିବେଶ ବଦଳିଗଲେ ତାହା ବିଷବତ୍ ଯନ୍ତ୍ରଣାଦାୟକ ହୁଏ । ଯାହାସବୁ ପରିବେଶରେ ସୁଖପ୍ରଦ ଓ ଆନନ୍ଦଦାୟୀ ତାହା ହିଁ ପ୍ରକୃତ ନିତ୍ୟ ଓ ଚିରନ୍ତନ ସୁଖ । ଜଗତର ସକଳ ବିଷୟ ତ ଅସାର ଓ ଅସ୍ଥାୟୀ । ଏଣୁ ବୈଷୟିକ ସୁଖରେ ନିତ୍ୟତା କାହିଁ ? ବିଷୟ ସଂଯୋଗରେ ଯେତିକି ସୁଖ ବା ଆନନ୍ଦ, ବିୟୋଗରେ ତତୋଽଧିକ ଦୁଃଖ, ଦାହ ଓ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡ଼େ ।

ପରମାତ୍ମା ନିର୍ଗୁଣ ଓ ନିର୍ବିକାର । ଜୀବ ତାଙ୍କର ସ୍ୱଅଂଶ ହେତୁ ନିର୍ଗୁଣ, ନିର୍ବିକାର ତଥା ତାଙ୍କର ପ୍ରେମାସ୍ପଦ ଜୀବ ପରମାତ୍ମାଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଏ ଧରାଧାମକୁ ଆସିଛି । ସେ ପରମାତ୍ମାଙ୍କଠାରେ ସତ୍ୟଦ୍ୱାରା ଚୁକ୍ତିବଦ୍ଧ ହୋଇ ଆସିଛି-ତାହାକୁ ଈଶ୍ୱରଙ୍କର ଏହି ସୃଷ୍ଟିରେ କିଛି ମଙ୍ଗଳମୟ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିବ ଏବଂ ତା'ପରେ ତା'ର ଉତ୍ପତ୍ତିସ୍ଥଳ ସେହି ପରମଧାମ ବା ନିତ୍ୟାନନ୍ଦ ଧାମକୁ ଫେରିବାକୁ ପଡ଼ିବ । ତେଣୁ ଜୀବ ସେହି ନିତ୍ୟଧାମର ଆନନ୍ଦକୁ ଭୁଲି ପାରୁନାହିଁ । ସେ ସବୁବେଳେ ସେହି ଆନନ୍ଦର ଅନୁସନ୍ଧାନ ବା ଅନ୍ୱେଷଣ କରୁଛି ଏ ଧରାଧାମରେ ମାୟାର ବଶୀଭୂତ ହୋଇ ।

ଯେହେତୁ ପରମେଶ୍ୱର କେବଳ ଇଚ୍ଛାମୟ, ଇଚ୍ଛା କରିବା ବ୍ୟତୀତ ସେ କୌଣସି କାର୍ଯ୍ୟ କରନ୍ତି ନାହିଁ । ତାଙ୍କରି ଇଚ୍ଛାଶକ୍ତିରୁ ଜାତ ପ୍ରକୃତି, ଯେ କି ଗୁଣ ଓ ବିକାରସମୂହକୁ ଧାରଣ କରିଛି, ସେ ଈଶ୍ୱରଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ ସମ୍ପାଦନ କରିଥାଏ । ଏ ବିଶ୍ୱ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ । ତେଣୁ ବିଶ୍ୱ ପାଇଁ ଯାହା କିଛି କଲ୍ୟାଣକର କାର୍ଯ୍ୟ ଯେ କେହି କରିଲେ ବି ତାହା ଈଶ୍ୱରଙ୍କର ସେବା ବୋଲି ଗଣ୍ୟ ହୁଏ ଏବଂ ସେଥିରେ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନିହିତ ନ ଥାଏ । ଈଶ୍ୱରଙ୍କ ସୃଷ୍ଟ ଏ ବିଶ୍ୱ ପାଇଁ ଜୀବ ଉପରେ ନ୍ୟସ୍ତ ଦାୟିତ୍ୱ ତୁଲାଇବା ନିମିତ୍ତ ଈଶ୍ୱର ଜୀବକୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଥାନ୍ତି । ସେ (ଈଶ୍ୱର) ଜୀବକୁ ତାର ବିହିତ କର୍ତ୍ତବ୍ୟରେ ସାହାଯ୍ୟ କରିବା ପାଇଁ, ଅସୀମ ଶକ୍ତିସମ୍ପନ୍ନ ତ୍ରିପୁର ବିଜୟୀ (ପିଣ୍ଡସ୍ଥିତ ଭୂମି, ଜଳ, ଅଗ୍ନି) ଓ ପିଣ୍ଡସ୍ଥିତ ୧୪ ଭୁବନର ଅଧିକାରୀ ମନ ଏବଂ ମନରୁ ଜାତ ଦୁର୍ଲଭ ମାନବ ଶରୀରରୂପକ କ୍ଷେତ୍ର ଓ ମନର ଆଜ୍ଞାବହ ରୂପେ ଶକ୍ତିଶାଳୀ ଦଶ ଇନ୍ଦ୍ରିୟ ସହିତ କାର୍ଯ୍ୟନିର୍ବାହୀ ପ୍ରକୃତି ଆଦିକୁ ନିୟୋଜିତ କରିଛନ୍ତି । ମୁଖ୍ୟତଃ ମନର ସହାୟତାରେ ଜୀବାତ୍ମା ଈଶ୍ୱରଙ୍କର ଆଦିଷ୍ଟ କର୍ମକୁ ସୁଚାରୁରୂପେ ସମ୍ପନ୍ନ କରି ତା'ର ଉତ୍ପତ୍ତି ସ୍ଥଳ ନିତ୍ୟଧାମକୁ ଅନାୟାସରେ ଫେରି ପାରିବ ! ପଞ୍ଚମହାଭୂତ ଶରୀର ହେଉଛି ଜୀବାତ୍ମାର କର୍ମକ୍ଷେତ୍ର, ତନ୍ମଧ୍ୟରେ ଦଶ ଇନ୍ଦ୍ରିୟ ହେଲେ କାର୍ଯ୍ୟବାହୀ ଯନ୍ତ୍ର ଏବଂ ଯନ୍ତ୍ରୀ ବା ନିର୍ବାହକ ହେଲେ ପ୍ରକୃତି ସଂଶୟାତ୍ମକ ମନ ହିଁ ହେଉଛି ସଂକଳ୍ପ ଓ ବିକଳ୍ପର କ୍ଷେତ୍ର ଏବଂ ଉଭୟ ମଧ୍ୟରେ ସେ ଦୋଳାୟମାନ । ବିବେକ ବା ବୁଦ୍ଧି ହେଉଛି ସମତାର କ୍ଷେତ୍ର, ଯେ କି ମନର ସଂଶୟକୁ ଦୂରକରି ସ୍ଥିର ସିଦ୍ଧାନ୍ତରେ ଉପନୀତ କରାଏ । ଚିତ୍ତ ହେଉଛି ଭାବର କ୍ଷେତ୍ର ଏବଂ ପ୍ରାଣ ହେଉଛି ଭୋଗର କ୍ଷେତ୍ର ।

ମନର କେନ୍ଦ୍ରସ୍ଥଳ ଚିତ୍ତ । ଏହା ଏକ ନିସ୍ତରଙ୍ଗ ହ୍ରଦ ଭଳି । ମନ ତା'ର ପଶ୍ଚାଦ୍ ଭାଗରେ ଥିବା ଚୈତନ୍ୟ ସହ ଯୁକ୍ତ ହେଲେ ସେଥିରେ ସଦ୍ ସଂକଳ୍ପର ଉଦୟ ହୁଏ ଏବଂ ସେହି ଭାବର ତରଙ୍ଗ ଚିତ୍ତରେ ପ୍ରତିଫଳିତ ହୁଏ । ବୁଦ୍ଧି ବା ବିବେକ ତାହାକୁ ସ୍ଥିରୀକୃତ କଲାପରେ ମନର ସଂକଳ୍ପିତ କାର୍ଯ୍ୟ ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ପ୍ରକୃତି ଦ୍ୱାରା ସମ୍ପାଦିତ ହୁଏ । ସେଥିରୁ ଯେଉଁ ସୁଖ ବା ଆନନ୍ଦ ଜାତ ହୁଏ ତାହା ପ୍ରାଣ ଭୋଗ କରେ । ତତ୍‌ସଙ୍ଗେ ସମସ୍ତ ସହଯୋଗୀବୃନ୍ଦ ଯଥା ମନ, ବୁଦ୍ଧି, ଇନ୍ଦ୍ରିୟ ଓ ଶରୀର ଇତ୍ୟାଦି ସମସ୍ତେ ସେହି ଆନନ୍ଦରେ ଉଦ୍‌ଭାସିତ ହୁଅନ୍ତି । ଯଦିଓ ଜୀବାତ୍ମା ନିର୍ଗୁଣ ଓ ନିର୍ବିକାର, ତା'ର ପରିବାରର ସକଳ ସଦସ୍ୟଙ୍କର ଆନନ୍ଦରେ ସେ ମଧ୍ୟ ଆନନ୍ଦିତ ହୁଏ ।

ମାତ୍ର ଯେତେବେଳେ ମନ ତା'ର ପଶ୍ଚାଦ୍ ଭାଗରେ ଥିବା ଚୈତନ୍ୟକୁ ଉପେକ୍ଷା କରି ସମ୍ମୁଖସ୍ଥ ଇନ୍ଦ୍ରିୟମାନଙ୍କର ଅଭିମୁଖୀ ହୁଏ ଅର୍ଥାତ୍ ଇନ୍ଦ୍ରିୟ ମାଧ୍ୟମରେ ବୈଷୟିକ ପ୍ରକୃତିକୁ ଆକର୍ଷଣ କରି ତା'ଠାରୁ ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ ଆଦି ବୈଷୟିକ ସୁଖଭୋଗ କରିବାକୁ ସଂକଳ୍ପ କରେ ସେହିଠାରେ ହିଁ ମନର ସ୍ୱଧର୍ମ ବିନଷ୍ଟ ହୁଏ ଏବଂ ସଦ୍ ପରିବର୍ତ୍ତେ ଅସଦ୍ ପ୍ରତିକ୍ରିୟା ଶରୀର ମଧ୍ୟରେ ସୃଷ୍ଟିହୁଏ । ପରିଣାମରେ ଜୀବାତ୍ମା

ସହଯୋଗକାରୀ ସକଳ ସଦସ୍ୟ ସେହି ଅନିତ୍ୟ ସୁଖରେ ମନ ସହିତ ବିଭୋର ହୁଅନ୍ତି, ଯାହାକି ପରକ୍ଷଣରେ ଦାରୁଣ ଦାହ ଓ ଯନ୍ତ୍ରଣାଦାୟକ ହୁଏ । ଏମାନଙ୍କ ସହିତ ଜୀବାତ୍ମା ମଧ୍ୟ ଭ୍ରମରେ ପଡ଼ି ନିଜକୁ କର୍ତ୍ତା ଜ୍ଞାନ କରେ ଏବଂ କର୍ମଜନିତ ସୁଖଦୁଃଖରେ ଭାଗୀ ହୁଏ ଅର୍ଥାତ୍ ବଦ୍ଧାବସ୍ଥା ପ୍ରାପ୍ତ ହୁଏ ।

ଏଣୁ ଜଗତରେ ସୁଖ, ଦୁଃଖ, ଆନନ୍ଦ, ନିରାନନ୍ଦ ଆମ୍ଭେ ଯାହା କହୁଁ, ତାହା କେବଳ ମାୟା ବା ଭ୍ରମ ବ୍ୟତୀତ ଆଉ କିଛି ନୁହେଁ । ଏହା କେବଳ କ୍ଷଣିକ ଭାବ ପ୍ରବଣତାରୁ ସୃଷ୍ଟ । ପୂର୍ବରୁ କୁହାଯାଇଛି ଯେ ଚିତ୍ତ ହେଉଛି ଭାବର କ୍ଷେତ୍ର । ମନରେ ସଂକଳ୍ପ ଉଦୟ ହେଲେ ଚିତ୍ତରେ ସେହି ଭାବର ତରଙ୍ଗ ଉଠେ । ବୁଦ୍ଧି (ବିବେକ) ସ୍ଥିରୀକୃତ କଳାପରେ ହିଁ ତାହା କାର୍ଯ୍ୟକାରୀ ହୁଏ । କର୍ମଜନିତ ସୁଖ, ଦୁଃଖ ସକଳ ପ୍ରାଣ ହିଁ ଭୋଗ କରିବ ମାତ୍ର ବୁଦ୍ଧି ସମତାର କ୍ଷେତ୍ର ହେତୁ ସେଥିରେ ଯେପରି ସଂଶ୍ଳିଷ୍ଟ ବା ବିଚଳିତ ନ ହୁଏ । ବୁଦ୍ଧି ସ୍ଥିର ଓ ସମଭାବାପନ୍ନ ହେଲେ ଚିତ୍ତ ଓ ପ୍ରାଣ ତା'ର ପ୍ରଭାବରେ ସମତାସମ୍ପନ୍ନ ହେବେ । ତାହାହେଲେ ଦୁଃଖ ବା ସୁଖ ସକଳ ପ୍ରାଣ ଭୋଗକଲେ ସୁଦ୍ଧା ଶରୀରକୁ ଅନୁଭୂତ ହେବନାହିଁ । ପ୍ରବୃତ୍ତି ତ ରହିବ । ପ୍ରବୃତ୍ତି ତା'ମାର୍ଗରେ ଯିବ । ଇନ୍ଦ୍ରିୟର ଧର୍ମ ବିଷୟ ଅଭିମୁଖୀ ହେବ । ସେମାନେ ତାଙ୍କ ମାର୍ଗରେ ଯିବେ ।

''ପ୍ରକୃତିମ୍ ଯାନ୍ତି ଭୂତାନି ନିଗ୍ରହ କିଂ କରିଷ୍ୟତି ।''

ଇନ୍ଦ୍ରିୟ ବା ପ୍ରବୃତ୍ତି କାହାରିକୁ ବଳ ପ୍ରୟୋଗ କରି ନିଗ୍ରହ ବା ଦମନ କଲେ କି ଲାଭ ? ତାହା ଅଭ୍ୟନ୍ତରରେ ଶତଗୁଣ ଅଧିକ ଅଶାନ୍ତିର ଝଡ଼ ବୁହାଇବ ଜନ୍ମ ଜନ୍ମାନ୍ତରେ ।

ଏଣୁ ବୁଦ୍ଧି ଅବିଚଳିତ ହୋଇ ସମତା ଭାବ ରକ୍ଷା କରିଲେ ଇନ୍ଦ୍ରିୟ ଓ ପ୍ରବୃତ୍ତି ଯେ-ଯାହା ମାର୍ଗରେ କର୍ମକଲେ ସୁଦ୍ଧା ତା'ର ପ୍ରଭାବ ମନ ଉପରେ ପଡ଼ିବ ନାହିଁ । କାରଣ ବୁଦ୍ଧି ଓ ଚିତ୍ତକୁ ଛାଡ଼ି ମନ ପ୍ରତିକ୍ରିୟା ହୀନ ହୁଏ । ଫଳରେ ମନ ଊର୍ଦ୍ଧ୍ୱମୁଖୀ ହୋଇ ଚୈତନ୍ୟ ସହ ଯୁକ୍ତ ହୁଏ ଏବଂ ତହିଁରେ ସତ୍‌ସଂକଳ୍ପର ଉଦୟ ହୁଏ । ସେହି ମନ ମାଧ୍ୟମରେ ହିଁ ଜୀବାତ୍ମା ପରମାତ୍ମା ଅଭିମୁଖୀ ହୁଏ । ଚରମପ୍ରାପ୍ତି ପଥ ସୁଗମ ହୋଇଥାଏ । ସେହି ଚରମପ୍ରାପ୍ତି ହିଁ ଜୀବନର ଲକ୍ଷ୍ୟ ଯେଉଁଠି ନିତ୍ୟ ଶାନ୍ତି, ସୁଖ, ଆନନ୍ଦ ବିରାଜମାନ । ତେଣୁ ଚାଲ । ସେହି ନିତ୍ୟ ସୁଖର ସନ୍ଧାନରେ ଆମେ ଆଗେଇଯିବା ଠାକୁରଙ୍କ ଉପରେ ନିର୍ଭର କରି, ଲକ୍ଷ୍ୟ ପଥରେ ଯେତେ ବାଧା, ବିଘ୍ନ ଆସିବ ତାହାକୁ ଅତିକ୍ରମ କରିବାକୁ ଶକ୍ତି, ସାହାସ, ଧୈର୍ଯ୍ୟ ଆଜି ଯାହା ଆବଶ୍ୟକ ପରମ କାରୁଣିକ ଠାକୁରେ ଆମ୍ଭମାନଙ୍କୁ ନିଶ୍ଚିତ ଯୋଗାଇଦେବେ ।

ସେ ପରା ଶ୍ରୀମୁଖରେ କହିଛନ୍ତି,

''ଯେ କରେ ମୋ'ଠାରେ ନିର୍ଭର
ମୁଁ ବହେ ତା' ନିର୍ବାହ ଭାର ।''

ଆମେ ସମ୍ପୂର୍ଣ୍ଣ ନିର୍ଭର କରି ପାରିଲେ ହେଲା ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



*ଶ୍ରୀଗୁରୁସ୍ୱାମୀଙ୍କର ଦର୍ଶନ ବହୁମୁଖୀ, ବହୁ ବିଭାଗ ଓ ବିଭାବରେ ବୁଦ୍ଧିମତ : ବହୁ ଶାଖାପ୍ରଶାଖା, ଉପଶାଖାରେ ସୁବିନ୍ୟସ୍ତ । ଶ୍ରୀପ୍ରଭୁଙ୍କର ଅପାର କରୁଣାରୁ ''ଚରମ'' ପୃଷ୍ଠାରେ ଶ୍ରୀଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ ''ମୋହ'' ସମ୍ବନ୍ଧରେ ଧାରାବାହିକ ଆଲୋଚନା ସ୍ଥାନ ପାଇ ଆସୁଛି । ଏହି ପାଖୁଡ଼ାରେ ''ଅଦ୍ୱୈତୀୟମୋହ'' ସଂପର୍କରେ ସମ୍ୟକ୍ ଆଲୋକପାତ କରାଯାଇଛି । ଆମ ପ୍ରିୟ ପାଠକ/ପାଠିକାମାନେ ଉପକୃତ ହେଲେ, ଆମେ ଧନ୍ୟ ହେବୁଁ ।*

| | | | |
|---|---|---|---|
| ଏକ୍ଷଣି ଅଦ୍ୱୈତୀୟ ମୋହ | । | ବିଷୟ ପ୍ରଭୁ, ମୋତେ କୁହ | ।। |
| ଯାଚିବା ଦ୍ରବ୍ୟ ଇଚ୍ଛା ଥାଇ | । | ପ୍ରାଣୀ ଗ୍ରହଣ ନ କରଇ | ।। |
| ବିକେନ୍ଦ୍ରିୟ ବୃତ୍ତିକୁ ଭେଦି | । | ସେ ଇଚ୍ଛା ମନଗତେ ଆଦି | ।। |
| ବାହ୍ୟ ଢାଞ୍ଚାରେ କରେ ମନା | । | ଅନ୍ତରେ ଥାଏଟି କାମନା | ।। |
| ପୂର୍ଣ୍ଣାଙ୍ଗ ମଂଜି ଗଢ଼ିଯାଏ | । | ପ୍ରାଣୀ ଗ୍ରହଣ କରିଥାଏ | ।। |
| ପ୍ରଥମେ ମନା କରେ ଯା'କୁ | । | ଶେଷେ ଗ୍ରହଣ କରେ ତା'କୁ | ।। |
| ଯେ ମୋହ ବଶେ ଏହା ହୁଏ | । | ଅଦ୍ୱୈତୀୟ ମୋହଟି ସିଏ | ।। |
| ଏଭଳି ମୋହ ସମାଜରେ | । | ଦେଖିବ ବହୁଳ ଭାବରେ | ।। |

ଯାଚିବା ବା ଯାଚିତ (ଦିଆଯାଉଥିବା) ଦ୍ରବ୍ୟକୁ ଗ୍ରହଣ କରିବା ପାଇଁ ପ୍ରାଣୀର ସଂପୂର୍ଣ୍ଣ ଇଚ୍ଛାଥିଲେ ମଧ୍ୟ ଏବଂ ଏହି ମନୋଭାବ ବିକେନ୍ଦ୍ରିୟ ବୃତ୍ତିକୁ ଭେଦକରି ମନ ଜଗତରେ ସୂକ୍ଷ୍ମ ଭାବରେ ବୀଜରୋପଣ କରିଥିଲେ ମଧ୍ୟ ପ୍ରାଣୀ ବାହ୍ୟତଃ ବା ବାହ୍ୟ ଢାଞ୍ଚାରେ ମନା କରୁଥିଲେ ହେଁ, ମନୋଗତ ଅନ୍ତର୍ନିହିତ ଭାବ ପୂର୍ଣ୍ଣାଙ୍ଗ ମଂଜି ତୋଳି ଶେଷରେ ଗ୍ରହଣ କରିଥାଏ । ଯେଉଁ ପ୍ରକ୍ରିୟାରେ ଏବଂ ଯେଉଁ ପ୍ରଭାବରେ ଏହା ଘଟିଥାଏ, ତାହାକୁ ହିଁ ଅଦ୍ୱୈତୀୟ ମୋହ କୁହାଯାଏ । ଏହିଭଳି ମୋହର ବହୁଳ ପ୍ରକାଶ ଆଜିର ସମାଜରେ ପର୍ଯ୍ୟାପ୍ତ ଭାବରେ ଦେଖିବାକୁ ମିଳେ ।

ଉଦାହରଣ ସ୍ୱରୂପ : ତମେ କୌଣସି କାର୍ଯ୍ୟ ହାସଲ କରିବା ପାଇଁ କୌଣସି ଉଚ୍ଚପଦାଧିକାରୀଙ୍କ ଦ୍ୱାରସ୍ଥ ହେଲ । ତମର କାମଟି କରିଦେବା ପାଇଁ ତମେ ଉଚ୍ଚପଦାଧିକାରୀ ମହାଶୟଙ୍କୁ କିଛି ଅର୍ଥ ବା ମୂଲ୍ୟବାନ ଉପହାର ଯାଚିଲ । କିନ୍ତୁ ଉଚ୍ଚପଦାଧିକାରୀ ଜଣକ ଆପଣାର ସ୍ୱାଭିମାନ ଏବଂ ଆତ୍ମସମ୍ମାନ ଦୃଷ୍ଟିରୁ ବାହ୍ୟ ଢାଞ୍ଚାରେ ଲାଞ୍ଚ ନେବାକୁ ମନା କଲେ । କିନ୍ତୁ ଲାଞ୍ଚ ବା ଉପହାର ନେବା ପାଇଁ ଉଚ୍ଚପଦାଧିକାରୀଙ୍କର ବିକେନ୍ଦ୍ରିୟ ବୃତ୍ତି ମନକୁ ଜାଗ୍ରତ କରାଇ ଅନ୍ତର୍ଜଗତରେ ଗ୍ରହଣ କରିବାର ପୂର୍ଣ୍ଣାଙ୍ଗ ସୂକ୍ଷ୍ମବୀଜ ତୋଳିଲା । ତମେ ପୁଣି ଥରେ

କାକୁତିମିନତି କରି କଅଁଳେଇ ଲାଳଚେଇ ଚେଲେଇ ତାଲେଇ, ଉପହାର ଗ୍ରହଣ କରିବାକୁ ବାଧ୍ୟ କରିବାରୁ, ଉଚ୍ଚପଦାଧିକାରୀ ମହୋଦୟ (ଯଦିଓ ପ୍ରଥମେ ତୁମ ଯାଚିତ ଉପହାରକୁ ଅଗ୍ରାହ୍ୟ କରି ଗ୍ରହଣ କରିବାକୁ ମନା କରି ଦେଇଥିଲେ) ଶେଷରେ ତାହା ଗ୍ରହଣ କରିନେଲେ । ତମର କାର୍ଯ୍ୟଟି ସତ୍ ହେଉ ବା ଅସତ୍ ହେଉ; ଉପହାର ବିନିମୟରେ ହିତାହିତ ବିଚାର ନ କରି ଉଚ୍ଚପଦାଧିକାରୀ ଜଣକ କାର୍ଯ୍ୟଟି କରିଦେଲେ ମଧ୍ୟ । ଅର୍ଥ ବା ମୂଲ୍ୟବାନ ଉପହାର ପ୍ରତି ଉଚ୍ଚପଦାଧିକାରୀଙ୍କର ଏତାଦୃଶ ମୋହ-ପ୍ରଥମେ ଗ୍ରହଣ କରିବାକୁ ମନା କରିବା କିନ୍ତୁ ବିଜେନ୍ଦ୍ରିୟ ବୃତ୍ତିରୁ ଶେଷରେ ପୁଣି ତାହା ଗ୍ରହଣ କରିନେବା — **ଅଦ୍ୱୈତୀୟ ମୋହର** ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ଏହାର ତିନୋଟି ପ୍ରକାର । ଗଂଜଣା ଦିଏ ବାରମ୍ବାର ।।
ଏ ମୋହ ବଶ ହୋଇ ପ୍ରାଣୀ । ବିନାଶ ଡାକି ଆଣେ ପୁଣି . ।।
ଦୌଖଣ୍ଡିକ ପୁଣି ଦୋହିଞ୍ଜ । ତୋର୍ମାଗଂଜନ ମୋହ ହେଜ ।।
ଏହି ତିନୋଟି ବିଭାଗରେ । ଏ ମୋହ ବିଭକ୍ତ ଭବରେ ।।

**ବ୍ୟକ୍ତି** ଯେଉଁ ମୋହରେ ମୋହିତ ହୋଇ ଗଞ୍ଜିତ ହୁଏ, ମନ ଜଗତରେ ପିଷ୍ଟ ହୋଇ ନାନାଦି ଗଂଜଣା ଭୋଗକରେ, ତାହାକୁ ଦୌଖଣ୍ଡିକ ମୋହ କୁହାଯାଏ । ଏହି ମୋହ ଚିତ୍ତରେ ଅବସ୍ଥାନ କରି ବ୍ୟକ୍ତି ସତ୍ତାକୁ ପାପରେ ଆସକ୍ତ କରେ । ପାପାସକ୍ତ ବ୍ୟକ୍ତି ଶରୀରରେ ଏହି ମୋହ ହେତୁ ପାପ ବସା ବାନ୍ଧିଥାଏ । ଉଦାହରଣ ସ୍ୱରୂପ : ଜଣେ ବ୍ୟକ୍ତି ବହୁ ଦୁଃଖକଷ୍ଟ ସହି ପେଟକୁ ମାରି କିଛି ଧନ ସଞ୍ଚୟ କରି ରଖିଛି । ଏହି ସଞ୍ଚିତ ଅର୍ଥକୁ କିପରି ବୃଦ୍ଧି କରିବ, ସଦାସର୍ବଦା ସେହି ଚିନ୍ତାରେ କାଳ କାଟୁଛି । ସେହି ବ୍ୟକ୍ତି ଜଣକ ଆପଣାର ସଞ୍ଚିତ ଧନକୁ ବଢ଼ାଇ କୌଣସି ନା କୌଣସି ଉନ୍ନତିମୂଳକ କାର୍ଯ୍ୟରେ ଲଗାଇବାକୁ ମନେ ମନେ ଚିନ୍ତା ମଧ୍ୟ କରୁଛି । କିନ୍ତୁ କୃପଣତା ହେତୁ ସଞ୍ଚିତ ଅର୍ଥ ସବୁ ଖର୍ଚ୍ଚ ହୋଇଯିବା ଭୟରେ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତାହା ବିନିଯୋଗ ନ କରି ଟଙ୍କାକୁ ବାନ୍ଧି ରଖିଛି । ପୁଣି କେତେବେଳେ ଟଙ୍କାକୁ କରଜ ଦେଇ ଲାଭାଂଶକୁ ମୂଳଧନ ସହିତ ମିଶାଇ ବୃଦ୍ଧି କରୁଛି । ଏଣେ ଟଙ୍କା କରଜ ଦେଲେ କାଳେ ଅନାଦାୟ ହୋଇ ବୁଡିଯିବ ଓ ତା'ର କ୍ଷତି ହେବ, ସେଥିପାଇଁ ଭୟ ମଧ୍ୟ କରୁଛି । ଲକ୍ଷ୍ୟକରି ଦେଖ ଏହି ବ୍ୟକ୍ତିର ଅନ୍ତର୍ଜଗତକୁ । କଷ୍ଟଲବ୍ଧ ସଞ୍ଚିତ ଧନକୁ ଗଣ୍ଠିଲିରେ ବାନ୍ଧି ଲୋକଟି ଯେକୌଣସି କ୍ଷେତ୍ରରେ ଅର୍ଥ ବିନିଯୋଗ କରି ଲାଭ କରିବାକୁ ଚାହୁଁଛି, ପୁଣି ପରମୁହୂର୍ତ୍ତରେ ଜଗତକୁ ଅବିଶ୍ୱାସ କରି କାଳେ ଟଙ୍କା ବୁଡିଯିବ—ଏହି ଭୟରେ ଅର୍ଥ ବିନିଯୋଗ କରିପାରୁନାହିଁ କିମ୍ବା ଉନ୍ନତିମୂଳକ କାର୍ଯ୍ୟରେ ଅର୍ଥ ବ୍ୟୟ କରୁନାହିଁ । ଟଙ୍କା ଗଣ୍ଠିଲିରେ ଦିନରାତି ମନମୂନ ଚଇତନକୁ ବାନ୍ଧିରଖି ସଦାସର୍ବଦା ମନଟି ତା'ର ମଛିଚକଟି ହେଉଛି । ଦେଖ, ବ୍ୟକ୍ତିଟିର ଟଙ୍କା ପ୍ରତି ଏହି ଯେଉଁ ମୋହ—ଏହାକୁ ଦୌଖଣ୍ଡିକ ମୋହ କୁହାଯାଏ । ଏହି ମୋହରେ ପଡି ପ୍ରାଣୀ ଜଗତରେ କାହାରିକୁ ଭଲ ପାଇପାରେ ନାହିଁ । ଅତ୍ୟନ୍ତ କୃପଣତା ହେତୁ ସେ ସମାଜରେ ସୁବିଧାରେ ଚଳି ନ ପାରି ଘୃଣ୍ୟ ଅସାମାଜିକ ଭଳି ଚଳୁଥାଏ; କାରଣ ସାମାଜିକ ହେଲେ କାଳେ କିଏ ତା'କୁ ଟଙ୍କା ମାଗିବ । ତେଣୁ ସେ ସମାଜରୁ ସବୁବେଳେ ଯଥାସମ୍ଭବ ଦୂରେଇ ରହିବାକୁ ଚେଷ୍ଟାକରେ । ଏପରିକି ନିଜର ପୁତ୍ର, କନ୍ୟା, ସ୍ତ୍ରୀ ପରିବାର ପରିଜନ ଓ ବନ୍ଧୁବାନ୍ଧବଙ୍କ ଠାରୁ ମଧ୍ୟ ଦୂରେଇ ରହିବାକୁ ମନ ବଳାଏ । ମନ ମଧ୍ୟରେ ଅନ୍ତଃକରଣରେ ଅର୍ଥନାଶର ପୀଡା ଅବସ୍ଥା ଗ୍ରହଣ କରି ସେହି ବ୍ୟକ୍ତିର ହୃଦୟରୁ ସ୍ନେହ ମମତା ଦୂରେଇ ଦିଏ । ଫଳତଃ ସେହି ବ୍ୟକ୍ତି ଜଗତକୁ ଘୃଣା କରେ ଓ ଘୃଣା କରିବା ହେତୁ ପାପାସକ୍ତ ହୋଇ ନରକଗାମୀ ହୁଏ । ଯେଉଁ ବ୍ୟକ୍ତି ଏହିପରି ଅର୍ଥପିପାସୁ; ସେ

ଦାନ, ଧର୍ମ, ସେବା, ତ୍ୟାଗ କରିପାରିବ କୁଆଡୁ ? ଏହିପରି କୃପଣ ବ୍ୟକ୍ତି ଆଜି ସମାଜରେ ସବୁଠାରୁ ବେଶି ସଂଖ୍ୟାରେ ଅଛନ୍ତି । ସ୍ୱାର୍ଥପରମାନେ ବିଶ୍ୱକଲ୍ୟାଣକର କାର୍ଯ୍ୟ କରିପାରିବେ କି ?

ସଞ୍ଚିତ ସଂପଦ ଅନ୍ୟର । କୌଶଳେ କରି ହସ୍ତାନ୍ତର ।।
ପୋଷେ ଯେ ବ୍ୟକ୍ତି ପରିବାର । ନ ଥାଏ ଆୟ ଆପଣାର ।।
ଦୋହିଞ୍ଜ ମୋହ ବଶ ସେହୁ । ଶୁଣ ଏ ତତ୍ତ୍ୱ ଗୋଟି କହୁ ।।

ଯେଉଁ ମୋହ ବଶରୁ ବ୍ୟକ୍ତି ଅନ୍ୟର ଉପାର୍ଜିତ ବା ସଞ୍ଚିତ ଅର୍ଥକୁ କୌଣସି ଉପାୟରେ ହସ୍ତଗତ କରି ପରିବାର ପୋଷଣ କରେ, ସେହି ମୋହକୁ ଦୋହିଞ୍ଜ ମୋହ କୁହାଯାଏ । ମନେକର ଜଣେ ବ୍ୟକ୍ତି ନିଜେ କୌଣସି ଉପାୟରେ ପରିବାର ବା ନିଜର ପ୍ରତିପୋଷଣ ପାଇଁ ଆୟ ଉପାର୍ଜନ କରେ ନାହିଁ । ସେହି ବ୍ୟକ୍ତି ଜଣକ ଅନ୍ୟମାନଙ୍କର ଉପାର୍ଜିତ ବା ସଞ୍ଚିତ ଅର୍ଥକୁ ଯେକୌଣସି ଉପାୟରେ ନାନାପ୍ରକାର ପ୍ରଲୋଭନ, ଚାଟୁବାକ୍ୟ, ଆଗତୁରା (ଅଗ୍ରୀମ) ଲାଭର ପ୍ରତିଶ୍ରୁତି, ପ୍ରତିଷ୍ଠାର ଲାଳସା ବା ଭୟ ଦେଖାଇ ଅପହରଣ କରି ନିଜର ବା ନିଜ ପରିବାରର ପୋଷଣ କରେ । ଏହା ଫଳରୁ ତା'ର ଗତି କୃପଣର ନରକଗତି ସଦୃଶ ନରକଗାମୀ ହୋଇଥାଏ । ଅନ୍ୟର ଅର୍ଥ ବା ସମ୍ପତ୍ତି ଅପହରଣ କରିଥିବା ଦୋଷରୁ ତା'ର ବା ତା' ପରିବାରର ଦାରିଦ୍ର୍ୟ ଘୁଞ୍ଚେ ନାହିଁ । ଏହା ଦୁଃଖ-ସଞ୍ଚିତ ଧନ ହୋଇଥିବାରୁ ତାହା ଭୋଗ କଲେ ସୁଖ ମିଳେ ନାହିଁ । ଜଗନ୍ନାଥ ଦାସଙ୍କ ଭାଗବତରେ ଦେଖିବାକୁ ମିଳେ ।

"ଦୁଃଖେ ଅର୍ଜିତ ଯେତେ ଧନ । ସୁଖେ ସେ ନୁହେଁ ପ୍ରୟୋଜନ ।।"

ତେଣୁ, ଅନ୍ୟକୁ ଦୁଃଖ ଯାତନା ଦେଇ ବା ନିଜେ ଦୁଃଖ ଯନ୍ତ୍ରଣା ସହି ଉପାର୍ଜିତ ଧନରେ ପ୍ରକୃତ ସୁଖ ଶାନ୍ତି ଆନନ୍ଦ ମିଳେ ନାହିଁ । ଏହି ଧନ ସକଳ ଯନ୍ତ୍ରଣାର ମୂଳ କାରଣ । ଅନ୍ୟର ଉପାର୍ଜିତ ବା ସଞ୍ଚିତ ଧନକୁ ଅପହରଣ କରି ଉପଭୋଗ କରିବା ଦ୍ୱାରା ପ୍ରାଣୀ ଅପହୃତ ବ୍ୟକ୍ତିର ଦୁଃଖଦାହ ଓ ଆପଣା ପରିବାରର ଦୁଃଖଦାହ—ଏହିପରି ଉଭୟ ଦାହ ଭୋଗ କରି ଆପଣାର ନରକପଥ ଉନ୍ମୁକ୍ତ କରେ । ସମାଜରେ ସଚରାଚର ସେ ଜଣେ ପୋଖତ ଟାଉଟର ବୋଲି କୁଖ୍ୟାତି ଓ ଦୁର୍ନାମ ଅର୍ଜନ କରି ଜୀବଦ୍ଦଶାରେ ନାନା ଅଶାନ୍ତିରେ କାଳ କଟାଇଥାଏ ।

ଦେଖ ଏ ପ୍ରାଣୀ ଅସତରେ । ସଞ୍ଚିତ ଧନ ଅସତରେ ।।
ଅସଦୁପାୟେ ସଞ୍ଚି ଧନ । ବ୍ୟୟରେ ନ ବଳାଏ ମନ ।।
ଧନର ମୋହେ ସଞ୍ଚି ଧନ । ବାନ୍ଧି କୃପଣ ସମ୍ମୋହନ ।।
ଅନ୍ୟକେ ବ୍ୟକ୍ତି ନିଶାଚର । ଚଉର୍ଯ୍ୟ ବୃତ୍ତିଟି ତାହାର ।।
ଆପଣା ବୃତ୍ତିରେ ସେ ଧନ । ନିଶୀଥେ କରଇ ହରଣ ।।
କରେ ସେ ମୋହ ବଶ ହୋଇ । ବେନିଙ୍କ ମୋହ ଏହା କହି ।।
ଚୋର୍ମାଗଂଜନ ମୋହେ ବେନି । ଆପଣା ଦୁଃଖ ଡାକି ଆଣି ।।
ଇହ ଜୀବନେ କଷ୍ଟ ଭୋଗି । ପର ଜନମେ ନର୍କ ଭୋଗି ।।

ସମାଜରେ କୌଣସି ବ୍ୟକ୍ତି ଅସଦ୍ ଉପାୟରେ ବହୁ ଧନ ଅର୍ଜନ କରି ସଂଚୟ କରି ରଖିଛି । ପୁଣି ଅନ୍ୟ ଜଣେ ବ୍ୟକ୍ତି ନିଶାଚର ସାଜି ଚୌର୍ଯ୍ୟବୃତ୍ତି ଦ୍ୱାରା ସେହି ସଂଚିତ ଧନକୁ ଅପହରଣ କରୁଛି । ଉଭୟଙ୍କର ଧନ ପ୍ରତି ଏହି ଯେଉଁ ମୋହ, ଏହାକୁ ଚୋର୍ମାଗଂଜନ ମୋହ କହୁଯାଏ । କୃପଣ ବ୍ୟକ୍ତି ଅର୍ଥ ପିଶାଚ ସାଜି ନାନାଦି କୁବୃତ୍ତିରେ ଅସଦ୍ ଉପାୟରେ ସମାଜର ସରଳ ବିଶ୍ୱାସୀ ଲୋକମାନଙ୍କୁ ଠକାଇ ଭଣ୍ଡାଇ ଅର୍ଥ ଉପାର୍ଜନ କରିଥାଏ । ଉପାର୍ଜିତ


ଅର୍ଥକୁ ବ୍ୟୟ ନ କରି ଅତ୍ୟନ୍ତ କୃପଣତା ହେତୁ ସେ କେବଳ ଅଧିକରୁ ଅଧିକ ଧନ ସଞ୍ଚୟରେ ମନପ୍ରାଣ ଢାଳିଦିଏ । ଚୋର୍ମାଗଂଚ୍ଚନ ମୋହ ବଶରୁ ସମାଜରେ ଏହିପରି ଅନେକ ଅର୍ଥପିଶାଚ ଦେହ ଧରି ଥାଆନ୍ତି । ସେମାନେ ଅର୍ଥର ମୋହରେ ସମ୍ମୋହିତ ହୋଇଥାଆନ୍ତି । ସେମାନେ ସମାଜର ଶତ୍ରୁ ଅଟନ୍ତି । ପୁଣି, ସେମାନଙ୍କର ଶତ୍ରୁ ଅଟନ୍ତି ଚୋର, ଡକାୟତମାନେ । ଏହି ଚୋର ଏବଂ ଡକାୟତମାନେ ରାତ୍ରିର ଗଭୀର ପ୍ରହରରେ କୃପଣମାନଙ୍କର ସଞ୍ଚିତ ଅର୍ଥକୁ ଲୁଣ୍ଠନ ଏବଂ ଅପହରଣ କରି ନିଅନ୍ତି । ଏହି ନିଶାଚର ଚୋର ଡକାୟତମାନେ ଅର୍ଥ ମୋହରେ ପଡି ସତ୍ ଉପାୟରେ ଦିବାକାଳରେ ପରିଶ୍ରମ କରି ଅର୍ଥ ଉପାର୍ଜନ ନ କରି ରାତ୍ରି କାଳରେ ଅପରର ସଞ୍ଚିତ ଅର୍ଥକୁ ଅପହରଣ କରି ଆପଣାର କାମନା ଚରିତାର୍ଥ କରିଥାଆନ୍ତି । ଏମାନେ ମଧ୍ୟ ସମାଜର ଶତ୍ରୁ । ଏମାନେ ମଧ୍ୟ ଚୋର୍ମାଗଂଚ୍ଚନ ମୋହରେ ପଡ଼ି ଏପରି କୁକାର୍ଯ୍ୟରେ ଲିପ୍ତ ରହନ୍ତି । କୃପଣ ତଥା କୃପଣର ସଞ୍ଚିତ ଅର୍ଥ ଅପହରଣକାରୀ ଉଭୟେ ଏହି ଚୋର୍ମାଗଂଚ୍ଚନ ମୋହରେ ଆବିଷ୍ଟ ହୋଇ ସମାଜର ପ୍ରଭୂତ କ୍ଷତି ସାଧନ କରନ୍ତି । ତେଣୁ ଉଭୟଗୋଷ୍ଠୀ ଇହ-ଜନ୍ମରେ ନାନାଦି ଦୁଃଖକଷ୍ଟ ଯନ୍ତ୍ରଣା ଭୋଗ କରନ୍ତି ଏବଂ ପରକାଳରେ ନରକ ଯନ୍ତ୍ରଣା ଭୋଗନ୍ତି ।

ସତ୍ ଉପାୟରେ ସ୍ୱପରିଶ୍ରମରୁ ଉପାର୍ଜିତ ଅର୍ଥକୁ ସଞ୍ଚୟ ନ କରି ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଯଥାର୍ଥ ଭାବରେ ବିନିଯୋଗ କରିବା ଦ୍ୱାରା ଏହି ମୋହର କବଳରୁ ପ୍ରାଣୀ ରକ୍ଷାପାଏ । ତାହାର ଜୀବନ ଅମାପ ସୁଖଶାନ୍ତି ଏବଂ ଆନନ୍ଦରେ ଅତିବାହିତ ହୁଏ । ସମାଜର ମଙ୍ଗଳ ନିମନ୍ତେ ଅକୁଣ୍ଠିତ ଅର୍ଥ ବିନିଯୋଗ କରିବା ଫଳରୁ ବ୍ୟକ୍ତିର ହୃଦୟରେ ସ୍ନେହ ମମତା ବସା ବାନ୍ଧିଥାଏ । ବିଶ୍ୱରେ ସମସ୍ତଙ୍କୁ ସେ ସମାନ ଭାବରେ ଭଲ ପାଇପାରେ । ହିଂସା, ଦ୍ୱେଷ, ଈର୍ଷା, ପରଶ୍ରୀକାତରତା ଇତ୍ୟାଦି ଦୁର୍ଗୁଣ ତା'ଠାରୁ ଦୂରେଇ ରହନ୍ତି । ସ୍ନେହ, ଶ୍ରଦ୍ଧା, ପ୍ରେମ, ପ୍ରୀତି, ମମତା, ଆନ୍ତରିକତା, ସେବା, ଦାନ, ତ୍ୟାଗ, ଇତ୍ୟାଦି ସୁଗୁଣ ତା'ଠାରେ ପ୍ରକାଶ ପାଏ । ଏହା ହିଁ ପ୍ରକୃଷ୍ଟ ଆଧ୍ୟାତ୍ମିକତା ଏବଂ ପରମାର୍ଥ । ଏହା ଚରମ ପ୍ରାପ୍ତି ଏବଂ ପରମ ଗତିର ପ୍ରକୃଷ୍ଟ ପଥ ଉନ୍ମୋଚନ କରିଥାଏ ।

ଏ ମୋହ ଦୁଇଟି ପ୍ରକାର । ଚୋର୍ମାଗଂଚ୍ଚନର ବେଭାର ।।
ଜ୍ଞାତ ଓ ଅହିଜ୍ଞାତ ବେନି । କହୁଛି ଶୁଣ ମନ ଘେନି ।।

ତ୍ୟାଗରେ ଭକତି ହୁଅଇ ଛଣା ।
ନିଷ୍ଠା, ଶ୍ରଦ୍ଧା ଥିଲେ ପଡ଼ଇ ଜଣା ।।
ତୁଚ୍ଛା ଦରବରେ ନ ହୁଏ ଦାନ ।
ମନ ବୁଝି ଦେଲେ ବଢ଼ଇ ମାନ ।।

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



''ତୁନାଥ ପରମ ଦୟାଳୁ । ଦୁଷ୍ଟ ନିବାରି ସନ୍ଥ ପାଳୁ ॥''

ଦୁଷ୍ଟ ନିବାରଣ ଓ ସାଧୁସନ୍ଥଙ୍କର ପରିପାଳନ କରି ସତ୍ୟ ସନାତନ ମାନବିକ ଧର୍ମ ପ୍ରତିଷ୍ଠା ନିମନ୍ତେ ଯୁଗେ ଯୁଗେ ହରି ନର ଦେହରେ ଅବତରି ଆସନ୍ତି ମାନବଲୀଳା ନିମନ୍ତେ । ଯୁଗପୁରୁଷ ଶ୍ରୀଶ୍ରୀଶ୍ରୀ ଠାକୁର ସ୍ଥୂଳଦେହ ଧାରଣ ନିମନ୍ତେ ମାତୃ ଗର୍ଭରେ ଅବସ୍ଥାନକାଳୀନ ଅନୁଭୂତିରେ ବୁଦ୍ଧିମନ୍ତ ''ସମ୍ଭବାମୀ ଯୁଗେ ଯୁଗେ ।

## ଜନନୀ, ଜଠର, ଜରାୟୁ

ଜରାୟୁରେ ଭୃଙ୍ଗ ହୋଇ ସୂକ୍ଷ୍ମ ଅବସ୍ଥାରେ ରହିଲେ କଲୁଷ ଲାଗେ ନାହିଁ, କାରଣ, ସୂକ୍ଷ୍ମରେ ଭୃଙ୍ଗର ବାରପ୍ରକାରର ଆବରଣ ନେଇ ଶିଶୁ ଥାଏ । ସେହି ବାର ପ୍ରକାରର ଆବରଣ ହେଉଛି : (୧) ଅକ୍ଷୋଧ୍ୱ ସୂକ୍ଷ୍ମ ଭୃଙ୍ଗ, (୨) ନିପ୍ରା ସୂକ୍ଷ୍ମ ଭୃଙ୍ଗ, (୩) ବୁଧାରୀ ସୂକ୍ଷ୍ମ ଭୃଙ୍ଗ, (୪) ଚାରୋସୂଫା ସୂକ୍ଷ୍ମ ଭୃଙ୍ଗ, (୫)ସୌଥା ସୂକ୍ଷ୍ମ ଭୃଙ୍ଗ, (୬) ଧୋସା ସୂକ୍ଷ୍ମ ଭୃଙ୍ଗ, (୭) ଗୌଲକାନ୍ତି ସୂକ୍ଷ୍ମ ଭୃଙ୍ଗ, (୮) ଯୁଣ ସୂକ୍ଷ୍ମ ଭୃଙ୍ଗ, (୯) ଅଶ୍ୱିନୀ ସୂକ୍ଷ୍ମ ଭୃଙ୍ଗ, (୧୦) ମନୁସା ସୂକ୍ଷ୍ମ ଭୃଙ୍ଗ, (୧୧) କୁତଭାନୁ ସୂକ୍ଷ୍ମ ଭୃଙ୍ଗ ଏବଂ (୧୨) ପ୍ରକ୍ଷାର୍ଣ୍ଣି ସୂକ୍ଷ୍ମ ଭାନୁ ।

ଏହି ବାର ପ୍ରକାରର ସୂକ୍ଷ୍ମ ଠୁଳହୋଇ ଏକ ସୂକ୍ଷ୍ମ ବିନ୍ଦୁରେ ଜରାୟୁରେ ଅବସ୍ଥାନ କରେ । ଚାରିମାସ ଏବଂ ଏକୋଇଶ ଦିନରେ ଭିନ୍ନ ସୂକ୍ଷ୍ମାତି କ୍ରିୟା ଭୃଙ୍ଗ ମଧ୍ୟରେ ସୃଷ୍ଟି ହୁଏ । ବର୍ତ୍ତମାନ କ୍ରମାନୁସାରେ ଏହି ବାର ପ୍ରକାର ସୂକ୍ଷ୍ମ ଭୃଙ୍ଗ ଆବରଣ ସମ୍ପର୍କରେ ସମ୍ୟକ୍ ଆଲୋଚନା କରିବା ।

(୧) **ଅକ୍ଷୋଧ୍ୱ ସୂକ୍ଷ୍ମ ଭୃଙ୍ଗ :** ଏହା ମହାପଞ୍ଚଭୂତର ଜଳୀୟ ଅଂଶ ନେଇଆସେ । ଜରାୟୁ ମଧ୍ୟରେ ଶୁଦ୍ଧିକ ଜଳ ବିନ୍ଦୁବିନ୍ଦୁ ଆକାର ଧାରଣ କରି ଲାଳ ଅଂଶରେ ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟା ଏଭଳି ଭାବରେ ସୃଷ୍ଟି କରେ, ଯଦ୍ୱାରାକି ମାଆ କିଛି ହେଲେ ଜାଣିପାରେ ନାହିଁ । ମାଆର ଅଗୋଚରରେ ସବୁ ସୂକ୍ଷ୍ମଲୀଳାର କ୍ରିୟା ଘଟିଯାଇଥାଏ । ଅକ୍ଷୋଧ୍ୱ ଭୃଙ୍ଗର କୋଷ ପ୍ରକ୍ରିୟାରେ ଚିର ସଂଗଠିତ ହୁଏ । ପୂର୍ବଜନ୍ମର କର୍ମ ଆତ୍ମାର ଶୁଦ୍ଧିକ କୋଷ ଗ୍ରହଣ କରି ପଞ୍ଚଭୂତରୁ ଏକଦୃତ ଆପଶକ୍ତି ଦ୍ୱାରା ଆଧାର ନେଇ ଆଜ୍ଞାଦ୍ୱାରା ତାହା ଆସେ । ଏହି ଆଜ୍ଞା ଭୃଙ୍ଗ ଅବସ୍ଥା ଧାରଣ

କରି ଏକକୋଷୀ ହୋଇ ସୂକ୍ଷ୍ମ ଅବସ୍ଥାରେ ପ୍ରତିଟି ଅବୟବ ହେବା ପର୍ଯ୍ୟନ୍ତ, ସେ ତା'ର ଠୁଳ କରି ରଖିଥାଏ । ମାସର ପର୍ଯ୍ୟାୟକ୍ରମ ଅନୁଯାୟୀ ନିଗମ ଭାବରେ ତାହା ନିର୍ଗତ ହୁଏ ଯଦ୍ୱାରାକି ଚେତନ କୋଷ ସଂଗଠିତ ହୁଏ ।

(୨) **ନିପ୍ତା ସୂକ୍ଷ୍ମ ଭୃଙ୍ଗ :** ଏହା ବିନ୍ଦୁର ଅଚେତନ ସୂକ୍ଷ୍ମ ଭୃଙ୍ଗ କୋଷ ତିଆରି କରିବାରେ ସାହାଯ୍ୟ କରେ । ଜୀବ ଅଚେତନର ପୂର୍ବାପର ଭୋଗର ଫଳ ସୂକ୍ଷ୍ମ ଆକାରରେ କୋଷ ସଂଗଠିତ କରି ନିପ୍ତା ସୂକ୍ଷ୍ମ ଭୃଙ୍ଗ ସୁପ୍ତ ଅବସ୍ଥାରେ ରହିଥାଏ । ଏହାର ମିଶ୍ରଣ ଆପ, ମରୁତ ମିଶ୍ରଣରେ କୋଷ ହୋଇ ଚୈତନ୍ୟ ରାଜ୍ୟରେ ଚିତ୍ତକୁ ସାହାଯ୍ୟ କରେ ଓ ଚିତ୍ତରୁ ସୂକ୍ଷ୍ମ ସୁଷୁମ୍ନା କାଣ୍ଡ ଦେଇ କୁଣ୍ଡଳିନୀ ଗଠନ ପାଇଁ ମେରୁମଜ୍ଜା ତିଆରି କରିବାର ବାଟ ବତାଏ । ଏହି  ମେରୁମଜ୍ଜା ବିନ୍ଦୁର ସୂକ୍ଷ୍ମାତି ସୂକ୍ଷ୍ମ ଶୂନ୍ୟ ଆକାର ଧାରଣ କରିଥାଏ । ଏହାର କର୍ତ୍ତବ୍ୟ ସଦ୍‌ମାର୍ଗ ପାଇଁ ଉଦ୍ଦିଷ୍ଟ । ଏହି ଗ୍ରନ୍ଥିରେ କାରଣଜଗତରୁ ସୂକ୍ଷ୍ମ ସଦ୍‌ଗୁଣ ଗଠନ ହୁଏ । ସଦ୍‌ପଥର ଯେତେକ ସଦ୍‌ଭାବ ବିନ୍ଦୁ ମଧ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ କ୍ରିୟାରୂପେ ଭାସମାନରେ ଜରାୟୁ ମଧ୍ୟରେ ଥାଏ । ଏହିଠାରେ ଏଭଳି ଭାସମାନ ଅବସ୍ଥାରେ ଥାଏ ଯେ, ପ୍ରଭାତ ସମୟରେ ଗାଢ଼ ନୀଳବର୍ଣ୍ଣ ଅନୁଭୂତ ହୁଏ । ଏହି ନୀଳବର୍ଣ୍ଣ ଦ୍ୱାରା ତିନୋଟି ତରଙ୍ଗ ତ୍ରିଗୁଣକୁ ବୁଝାଏ । ପ୍ରତ୍ୟେକ ଗୁଣ ସୂକ୍ଷ୍ମ ଜଳୀୟ ଅଂଶ ନେଇ ଘୂର୍ଣ୍ଣନ କରୁଥିବାର ଦେଖାଯାଏ । ଏହି ଘୂର୍ଣ୍ଣନ ଗତିରେ ଦେଖାଯାଏ । ବିନ୍ଦୁରେ ଥିବା ନିପ୍ତା ସୂକ୍ଷ୍ମ ଭୃଙ୍ଗ ନୀଳବର୍ଣ୍ଣ ହୋଇ କାରଣଜଗତ ପର୍ଯ୍ୟନ୍ତ ଜ୍ୟୋତିରୂପେ ଦୋଳାୟମାନ ହୁଏ । ଏହା ଚେତନ ଶିଶୁ ଅନୁଭବ କରେ । ବିନ୍ଦୁ ମଧ୍ୟରେ ଚେତନ ସୂକ୍ଷ୍ମାତିଭ୍ରୂଣ ଜ୍ୟୋତିକୁ ଦର୍ଶନପଥ ସୃଷ୍ଟ ହେବାର ଦେଖାଯାଏ । ଜ୍ୟୋତିରୁ ଆସୁଥିବା ସୂକ୍ଷ୍ମକଣାର ବର୍ଣ୍ଣ ନୀଳ, ଏହାଦ୍ୱାରା ସୂକ୍ଷ୍ମଜୀବ ମହାଶୂନ୍ୟର କାରଣମାତ୍ରାମାନ ଦୃଶ୍ୟଜଗତକୁ ଆସି ପୁଣି ସୁଷୁମ୍ନାରେ ଅବସ୍ଥାନ କରିଥାଆନ୍ତି ।

(୩) **ବୃଧାରୀ ସୂକ୍ଷ୍ମ ଭୃଙ୍ଗ :** ଏହି ସୂକ୍ଷ୍ମ ଭୃଙ୍ଗ ପଞ୍ଚମହାଭୂତର ତେଜଶକ୍ତିକୁ ଚେତନ ଅବସ୍ଥାରେ ରଖି ଜରାୟୁର ପଦ୍ମନାଡ଼ରେ ଟିକି ଟିକି ରେଣୁ ସଦୃଶ ହୋଇ କୁଣ୍ଡଳିନୀ ବାଟରେ କାରଣଜଗତ ପର୍ଯ୍ୟନ୍ତ ଯାତ୍ରାପଥ ପ୍ରସ୍ତୁତ କରିଥାଆନ୍ତି । ଏହି ପଥରେ ଜୀବ ବ୍ରହ୍ମକୁ ଅନୁଭବ କରି ପ୍ରକୃତିରୂପିଣୀ ଯୋଗମାୟାକୁ ଧାରଣ କରିବା ପାଇଁ ସ୍ଥାନ ପାଇଥାଏ । ଏହିଠାରେ ବ୍ରହ୍ମପୁରୁଷରୂପର ସୂକ୍ଷ୍ମଧାରଣ କ୍ରିୟା ଆଣିବା ପାଇଁ ସହଯୋଗ ଲୋଡ଼େ । ପୁରୁଷତ୍ୱ ସୂକ୍ଷ୍ମ ସତ୍ତାଦ୍ୱାରା ପ୍ରକୃତି ସହ ସୃଷ୍ଟ ହୋଇ ନିଜେ ନିଜକୁ ତିଆରି କରି ଗୋପନ ଅବସ୍ଥାରେ ଭୃଙ୍ଗ ସୂକ୍ଷ୍ମ ବୃଧାରୀ ରୂପେ ପରମ ଜ୍ୟୋତି ସହ ସଂଯୋଗ କରେ ।

ଏହି ଅବସ୍ଥାରେ ମାଆ ଦୁର୍ବଳ ଶରୀର ହୋଇଥିଲେ, ତା'ର ମସ୍ତିଷ୍କ ବୁଲାଏ, ଦେହ ଥରଥର ହୁଏ, ବାରମ୍ବାର ଦୁଃସ୍ୱପ୍ନ ଦେଖେ । ସୁସ୍ଥସବଳ ମାଆର ଏସବୁ ଲକ୍ଷଣ ସତ୍ ଓ ସ୍ୱଚ୍ଛ ହୋଇଥାଏ । ଦେହରେ ବିକାର ଭାବ ଜାତ ହୁଏ ନାହିଁ । ଏହି ଅବସ୍ଥାରେ ଯେଉଁ ମାଆ ଶୁଦ୍ଧ ଜରାୟୁ ଭାବାପନ୍ନ ବା ପରମାର୍ଥିକ ହୋଇଥାଏ, ସେ ଜରାୟୁରେ ଥିବା ଭ୍ରୂଣକୁ ସୂକ୍ଷ୍ମ ଅନୁଭବ ଦ୍ୱାରା ଜାଣିବାର ସୁଯୋଗ ପାଇଥାଏ । ସେଥିପାଇଁ ମାଆ ବାହ୍ୟ ଲକ୍ଷଣଦ୍ୱାରା ସଦାଚାରରେ ରହିବାକୁ ଯତ୍ନବତୀ ହୁଏ ।

(୪) **ଚାରୋସୃଫା ସୂକ୍ଷ୍ମ ଭୃଙ୍ଗ :** ଚିତ୍ତ ଚୈତନ୍ୟର ସୂକ୍ଷ୍ମାତିସୂକ୍ଷ୍ମ ଅବସ୍ଥାରେ ଚାରୋସୃଫା କୋଷ ସୃଷ୍ଟି ହୋଇଥାଏ । ଏହି କୋଷ ଆପେ ଆପେ ସୃଷ୍ଟ ହୋଇ ଅଣାକାର ଆକାର ନିଏ । ଏହି ଆକାରରେ ଚୈତନ୍ୟ ସ୍ଥୂଳ ସୂକ୍ଷ୍ମକାରଣମାନ ଅବସ୍ଥା ଧାରଣ କରି ଚାରିଗୋଟି ସୃଫା ବା ଡେଣା ସୂକ୍ଷ୍ମରେ ମେଲାଇଥାଏ । ଏହି ସୂକ୍ଷ୍ମ ଡେଣା ଦ୍ୱାରା ମରୁଦ୍ ଯାନ ( ମନ) ନିର୍ମାଣ କରେ । ତେଜ ଅହଂତତ୍ତ୍ୱ ତିଆରି କରେ । ଆପ ବା ଜଳ ନକ୍ଷତ୍ରାଦି ଗ୍ରହକୁଣ୍ଡ ନିର୍ମାଣ କରିବାରେ ଜ୍ୟୋତିବିନ୍ଦୁରୁ ସାହାଯ୍ୟ ଗ୍ରହଣ କରେ । ଆପ ଯେତେବେଳେ ପଞ୍ଚଭୂତରୁ ଭୂତ ହୋଇ

ଜ୍ୟୋତିବିନ୍ଦୁରୁ ସୂକ୍ଷ୍ମ ଜଳବିନ୍ଦୁ ରକ୍ତିମ ବର୍ଣ୍ଣ ଧାରଣ କରି ପବନ ସହିତ ମିଶେ, ସେହି ସମୟରେ ସମୁଦ୍ରମନ୍ଥନ ଅନନ୍ତରେ ଦୃଶ୍ୟମାନ ହୋଇଥାଏ । ମନ୍ଥନ କ୍ରିୟା ସୂକ୍ଷ୍ମରେ ହେଉଥିବା ସମୟରେ ତାରୋସ୍ୱଫା କୋଷ ମନ, ବୁଦ୍ଧି, ଅହଂକାର, ଚିତ୍ତକୁ ପ୍ରକୃତିରୂପେ ମାୟା ଦ୍ୱାରା ଆଚ୍ଛାଦିତ କରିଥାଏ । ମାଆ ଜରାୟୁରେ ବହୁ ଯତ୍ନରେ ଆତ୍ମକୁ ଧାରଣ କରିଥାଏ । ଜରାୟୁର ପଦ୍ମନାଡ଼ରେ ସୂକ୍ଷ୍ମକାଣ୍ଡରେ ଜ୍ୟୋତି ପୁରୁଷ ପ୍ରକୃତି ଦ୍ୱାରା ଶେଷ ହୋଇ ଜୀବବ୍ରହ୍ମରେ ରୂପାନ୍ତରିତ ହୋଇଥାଏ । ପ୍ରତି ଦଣ୍ଡରେ ଚାରିଥର ସୂକ୍ଷ୍ମଚେଣା ହଲାଇ ପୁଣି ଗୋପନ ରହିଯାଏ । ଏହା ତାରୋସ୍ୱଫାର ଲୀଳା ଅଟେ । ଏହା ବ୍ରହ୍ମର ଇଙ୍ଗିତରେ ଘଟଣ ହୋଇଥାଏ । ପୁରୁଷ ତା'ର ସୁପ୍ରବୃତ୍ତି କ୍ରିୟାଗୁଡ଼ିକୁ ଯତ୍ନରେ ରଖିଥାଏ । ସେ ପର୍ଯ୍ୟନ୍ତ ସେ କ୍ରିୟାଶୀଳ ହୁଏ ନାହିଁ । ଏହିଠାରେ ନାଡ଼ିରେ କ୍ରିୟାମାନ ହୁଏ । ପ୍ରକୃତିରୂପିଣୀ ଯୋଗମାୟା ଯୋଗସ୍ଥ ହୋଇଥାଏ । ଅଚେତନ ବ୍ରହ୍ମଃଶକ୍ତି ଦ୍ୱାରା ଏହା କାରଣ ସତ୍ତା ଅବସ୍ଥାରେ ଥାଏ ।

(୫) **ସୌଧା ସୂକ୍ଷ୍ମ ଭୃଙ୍ଗ :** ଶୂନ୍ୟମଣ୍ଡଳରେ ଯେଉଁ ପ୍ରକୃତି ପଞ୍ଜର ଅଛି, ସେହି ପ୍ରକୃତିରୂପିଣୀ ମାୟାର ସୂକ୍ଷ୍ମ ରଜ ପବନ ଅଟେ । ଏହି ପବନ ଦ୍ୱାରା ସୂକ୍ଷ୍ମ ଜଳୀୟକଣା ମାଆର କପୋଳ କେନ୍ଦ୍ର କରି ସୁଷୁମ୍ନା ବାଟେ ଜରାୟୁରେ ପହଞ୍ଚେ । ମହାଶୂନ୍ୟରୁ ଜରାୟୁକୁ ପହଞ୍ଚିବା ପଥକୁ ସୌଧା ପଥ ବା ସୌଧା ସୂକ୍ଷ୍ମଭୃଙ୍ଗ କୁହାଯାଏ । ଏହା ଠୂଳ ବିନ୍ଦୁକୁ ଯତ୍ନରେ ରଖିବାକୁ ସାହାଯ୍ୟ କରେ । ଏହା ପ୍ରକୃତି ସହିତ ଯୁକ୍ତ ହୋଇ ସୁପ୍ତ କଣିକା ଅବସ୍ଥାରେ ଥାଏ । ଯେତେବେଳେ ଶିଶୁ ଭୂମିଷ୍ଠ ହୁଏ, ସେତେବେଳେ କ୍ରମାନୁସାରେ ଶରୀର ବର୍ଦ୍ଧିତ ହେଲେ, ସୌଧା ସୂକ୍ଷ୍ମଭୃଙ୍ଗ ଚିତ୍ତରୁ ବିବେକ ଗୃହରେ ପାଦ ପକାଇଥାଏ । ଜୀବର ଅଚେତନ ସୃଷ୍ଟି ଆପେ ଆପେ ହୋଇ ଯାଇଥାଏ । ଚେତନ ରାଜ୍ୟରେ ସୌଧା ସୂକ୍ଷ୍ମଭୃଙ୍ଗ ସୂକ୍ଷ୍ମ କଣିକାରେ ଭାବ ନାମରେ ଅଭିହିତ ହୋଇଥାଏ । ପ୍ରକୃତି ଅଂଶୀୟ ଭାବର ନାମ ସୌଧା ଅଟେ । ଭ୍ରୁଣ ହୋଇ ଲଜ୍ଜା, ସଂକୋଚ, ଘୃଣା, ଭୟ ଇତ୍ୟାଦି ସୃଷ୍ଟି କରେ । ବ୍ରହ୍ମଃର ତେଜୀୟ ଶକ୍ତିରେ ତେଜସ୍ୱୀ ହୋଇ ଅବୟବ ତା'ର କୋଷ ସଂଗଠିତ କରେ । ସୂକ୍ଷ୍ମରେ ଏହା ଜଡ଼ ପଦାର୍ଥ ହୋଇ ଚେତନରୁ ହିଁ ତା'ର ମାୟା ସ୍ୱରୂପ ଲାଭ କରିଥାଏ । ପିଣ୍ଡରେ ଏହି ଜୀବ ଚେତନା ଏବଂ ବ୍ରହ୍ମାଣ୍ଡରେ ସେହି ମହାନ୍ ଚେତନା ପରମାତ୍ମା ସ୍ୱରୂପ କ୍ରିୟାଶୀଳ ହୁଏ । କାରଣଜଗତରେ ମଧ୍ୟ ଚେତନରୁ ଜଡ଼ର ସୃଷ୍ଟି ଶବ୍ଦଯୋଗ ହୋଇଥାଏ । ପରମାତ୍ମା ଚେତନ ଓ ଜଡ଼ର ସ୍ୱୟଂଚାଳିତ ହେବାର ଅନୁଭବ କରାଯାଏ । ପ୍ରକୃତିରୂପିଣୀ ମାୟା ନିଜେ ନିଜକୁ ସୃଷ୍ଟି କରିବାର ଦେଖାଯାଏ । ଅଜନ୍ମ ଅବିନାଶି ପରମାତ୍ମା ନିଜ ମାୟା ଦ୍ୱାରା ଜଗତ ରୂପେ ପ୍ରକଟିତ ହୋଇଥାଆନ୍ତି । ସୌଧାଭ୍ରୁଣ, ପ୍ରକୃତିପୁରୁଷ, ଜୀବଜଗତ କାରଣ ଅଟନ୍ତି । ସୃଷ୍ଟିର କାରଣ ସତ୍ତା ମଧ୍ୟ ଅନାଦି ଅଟେ । ଚୈତନ୍ୟର ବହୁଳ ଶକ୍ତି ଜଡ଼ ଚେତନ ହୋଇଥାଏ । ଦେହ ପାଇଲେ ତାହା, ''ଯୋଗମାୟା ବଳୟ'' ମତିକୁ ସ୍ୱୟଂଚାଳିତ କରି ପୁଣି ସୁପ୍ତ ହୋଇଯାଏ । ଭୂମିଷ୍ଠ ପର୍ଯ୍ୟନ୍ତ ଏହା ସୁପ୍ତ ଥିବାର ଦେଖାଯାଏ । ସୃଷ୍ଟିକୁ ଯେତେ ମୁନିଋଷିଗଣ ଆସିଛନ୍ତି, ବା ଭବିଷ୍ୟତରେ ଆସିବେ, ଏହି ସୌଧା ସୂକ୍ଷ୍ମଭ୍ରୁଣରେ ଜରାୟୁରେ ରହି ସୂକ୍ଷ୍ମରୁ କାରଣ ପର୍ଯ୍ୟନ୍ତ ଦର୍ଶନ କରନ୍ତି ଯେ, ସମଗ୍ର ସୃଷ୍ଟିରେ ଏକ ସର୍ବସମର୍ଥ ଚୈତନ୍ୟ ସତ୍ତା କାର୍ଯ୍ୟ କରୁଅଛି । ତାହା ହିଁ ସୃଷ୍ଟିର ଆଦି କାରଣ ଅଟେ । ଠୂଳବିନ୍ଦୁ ବ୍ରହ୍ମରେ ଏହା ଦେଖାଯାଏ । ସୂକ୍ଷ୍ମକୋଷରେ ରହି ମୁନିଋଷି ଦୃଢ଼ସଂକଳ୍ପ ବାଣୀ ଦେଇଯାଆନ୍ତି ।

(୬) **ଧୋସା ସୂକ୍ଷ୍ମଭୃଙ୍ଗ :** ଜୀବ ଜରାୟୁରେ ଯେଉଁ କୃତକର୍ମର ଫଳ ସୂକ୍ଷ୍ମ ଆକାରରେ ଲୟକୁ ଆଣେ, ତାହା ମଧ୍ୟ ଅନୁଭବ କରେ । ଧୋସା ତା'ର କ୍ରିୟା ଚାଳିତ କରେ । ଏହି କ୍ରିୟା ସ୍ୱୟଂଚାଳିତ ହେଲେ, ଚେତନ ଶିଶୁ ମଧ୍ୟ ଆଦିକାରଣର ଜୀବସୃଷ୍ଟି ଗୁଡ଼ିକୁ ଅନୁଭବକୁ ଆଣିଥାଏ । ମାତୃଗର୍ଭର ବାଟ ନିରୂପଣ ନାମ ସ୍ମରଣ କରୁଥାଏ । ଜରାୟୁରେ ତାହା କରିବା ପ୍ରାୟ ସମ୍ଭବ ନୁହେଁ । ଦେହର ନାକ, କାନ, ହାତ, ପାଦ, ଓଠ ଇତ୍ୟାଦିରେ ସ୍ନାୟୁକୋଷ ଅଛି । ତାହା ଧୋସା ସୂକ୍ଷ୍ମଭୃଙ୍ଗ ରୂପେ ଧିରେଧିରେ ନାଲି ରଙ୍ଗ ହୋଇ ଆଂଶିକ ନୀଳାଭ ବା କଳାର ଗାର, ଦାଗ ଦେହ ମଧ୍ୟରେ ଦେଖାଯାଏ । ତା'ପରେ ବେଙ୍ଗର ରୂପ ଧାରଣ କରି ସୂକ୍ଷ୍ମକୋଷ ମଧ୍ୟରେ ବ୍ରହ୍ମାଣ୍ଡ ପରିଭ୍ରମଣ କରୁଥାଏ । ଏହି ଭ୍ରମଣ ସମୟରେ ମାଆର ଦେହ ଲୁଣ ପୋଡ଼ିଲା ଭଳି ଝିମିଝିମି ହୋଇଯାଏ । ମାଆ ସ୍ଥିର ହୋଇ ବସିବା ପରେ ତ୍ରିକୂଟରେ ଏକ ଘୂର୍ଣ୍ଣନ ଶକ୍ତି ନୀଳବର୍ଣ୍ଣ ଧାରଣ କରି ଧୋସା ଭୃଙ୍ଗ ରୂପେ ଶିଶୁକୁ ଚୈତନ୍ୟବାଟରେ କାରଣ ପର୍ଯ୍ୟନ୍ତ ନିଦର୍ଶନ ସୃଷ୍ଟି ହେବା ଅନୁଭବପୂର୍ଣ୍ଣ ହୋଇଥାଏ । ଏଠାରେ ପବନ ନୀଳରଙ୍ଗର ସ୍ରୋତମାନରେ ଆସି ଜରାୟୁରେ ପ୍ରବେଶ କରେ । ଜ୍ୟୋତିବ୍ରହ୍ମଃର ଲଲାଟ କେନ୍ଦ୍ରରେ ବିନ୍ଦୁବିନ୍ଦୁ ଜଳକଣା ଅନୁଭବ ହୁଏ । ହରିଦ୍ରାବର୍ଣ୍ଣ ପବନର ସ୍ୱରୂପ ତା'ର ରଙ୍ଗ ମହାଶୂନ୍ୟରେ ନୀଳ ହୋଇ ଦେହ ମଧ୍ୟକୁ ହରିଦ୍ରାବର୍ଣ୍ଣ ଧାରଣ କରି ପ୍ରବେଶ କରିଥାଏ । ସ୍ଥାନ, କାଳ, ପାତ୍ର ନେଇ ପବନ ଭୂମିଷ୍ଠ ପର୍ଯ୍ୟନ୍ତ ଜ୍ୟୋତିବ୍ରହ୍ମଃର ତ୍ରିକୂଟ କେନ୍ଦ୍ରରେ ଭିନ୍ନ ବର୍ଣ୍ଣ ନେଇଥାଏ । ଏହି ବର୍ଣ୍ଣ ସ୍ଥିର ବା ସ୍ଥାୟୀ ନୁହେଁ । ତେଣୁ କଳେବର ଭିନ୍ନ ଭିନ୍ନ ହୋଇଥାଏ । ଏହା ଚାରିମାସ ୨୭ ଦିନରେ ଅନୁଭବ ହୋଇଥାଏ ।



ମନ ନିରିମଳ ହୃଦ ପବିତ୍ର ।
ଥିଲେ ତମ ସହ ହେବୁ ଏକତ୍ର ।।



ଆପଣା ପ୍ରତିଷ୍ଠା ନଆଣ ମନେ ।
କୋଟିକରେ ଗୋଟେ ଆପଣା ପଣେ ।।
ହୋଇ ରହିଥାଅ ସାଧନ ପଥେ ।
ତେବେ ଚଳିଯିବୁ ମୁକତି ରଥେ ।।

# କେଶବ କୈବଲ୍ୟ କଣିକା

- ତମେ ଯଦି ପ୍ରକୃତରେ ଆମକୁ ଭଲ ପାଉଥାଅ, ତେବେ ପ୍ରତ୍ୟେକ ଜଡ଼ ଓ ଚେତନ ମଧ୍ୟରେ, ପ୍ରତ୍ୟେକ ବସ୍ତୁ ଓ ବ୍ୟକ୍ତି ମଧ୍ୟରେ ଆମର ସତ୍ତା ଉପଲବ୍ଧି କରିପାରିବ, ତେଣୁ ପ୍ରତ୍ୟେକଙ୍କୁ ନିଶ୍ଚୟ ଭଲ ପାଇବ । ସଂଘ ଓ ପରିଷଦ ଇତ୍ୟାଦି ବିଶ୍ୱକଲ୍ୟାଣକର କାର୍ଯ୍ୟରେ ତ୍ୟାଗ ଓ ନିଷ୍ଠାର ସହିତ ସାହାଯ୍ୟ ସହଯୋଗ କରିବ । ଏହାହିଁ ତ ବିଶ୍ୱଭ୍ରାତୃତ୍ୱ ପ୍ରେମର ଦିବ୍ୟ ଅନୁଭୂତିର ଜ୍ୱଳନ୍ତ ନିଦର୍ଶନ ।

- ବିଷପାନ କରୁଥିବା ବ୍ୟକ୍ତିର ଦୀର୍ଘଜୀବନ କାମନା କରିବା ପରି ବିଷୟାବନ୍ଧନରେ ଆସକ୍ତ ବ୍ୟକ୍ତିର ମୁକ୍ତି, ମୋକ୍ଷ, ନିର୍ବାଣ ଆଶା ରଖିବା ଅଳୀକ ନୁହେଁ କି ?

- ଆବଶ୍ୟକତା ଠାରୁ ଅଧିକ ଧନସମ୍ପତ୍ତି ସଞ୍ଚୟ କରନାହିଁ । ଏହାକଲେ, ତମେ ଚୌର୍ଯ୍ୟବୃତ୍ତି ଅବଲମ୍ବନ କରୁଛ ବୋଲି ବିଚାରିବାକୁ ହେବ । ପ୍ରତିମାସ ନିୟମିତ ଆୟର ଏକ ନିର୍ଦ୍ଦିଷ୍ଟ ଅଂଶ ଗୁରୁଦ୍ୱାରରେ ଦାନଦକ୍ଷିଣା ସ୍ୱରୂପ ଦିଅ, ତମର ବିଷୟାବନ୍ଧନ କ୍ରମଶଃ କମିଯିବ ଓ ତ୍ୟାଗନିଷ୍ଠା ସୁଦୃଢ଼ ହେବ ।

- ନୀରବତାର ପ୍ରକୃତ ଅର୍ଥ ଅନ୍ୟମାନଙ୍କର ଆକ୍ଷେପ, ସମାଲୋଚନା ଓ ମନ୍ତବ୍ୟ ପ୍ରତି ସଂପୂର୍ଣ୍ଣ ଉଦାସୀନ ରହି ଆପଣା ଲକ୍ଷ୍ୟରେ ଅଟଳ ଓ ବିଶ୍ୱାସରେ ଦୃଢ଼ ରହିବା । ମୋଟ ଉପରେ ଅବିଚଳିତ ରହିବା । କାରଣ, ନୀରବତା ଅନ୍ତରରେ ପାଳନ କରାଯାଏ ।

- ସତ୍ୟ, ଶାନ୍ତି, ଧର୍ମ, ଦୟା, କ୍ଷମା ଓ ପ୍ରେମର ମୂର୍ତ୍ତିମନ୍ତ ଆଧାର ହିଁ ଗୁରୁ । ବ୍ରହ୍ମଦର୍ଶୀ ବ୍ରାହ୍ମଣ ହିଁ ସତ୍ୟ, ଶାନ୍ତି, ଦୟା, କ୍ଷମା ଏହି ଚତୁଃଗୁଣର ପୂର୍ଣ୍ଣ ଅଧିକାରୀ ।

- ଆଦେଶ ଏବଂ ବାଣୀକୁ ଠିକ୍ ଭାବରେ ପ୍ରଚାର ପ୍ରସାର କରିବା ଉଚିତ୍ । ନିଜସ୍ୱ ଜ୍ଞାନରେ ପ୍ରଚାର ପ୍ରସାର ବା ବ୍ୟାଖ୍ୟା କଲେ, ଆଧ୍ୟାତ୍ମିକ ଅଧଃପତନ ଘଟିବ ।

- ପରମାର୍ଥୀ ଜୀବନରେ ଯେତେ ଅଧିକ ଅନ୍ତର୍ମୁଖୀ ହେବ, ସେତେ ଅଧିକ ସୁସ୍ୱାଦୁ ପାଇପାରିବ । ବହିର୍ମୁଖୀ ଭାବରେ ବାସ୍ତବ ଅନୁଭୂତିର ସ୍ୱାଦ ମିଳିପାରେ ନାହିଁ । ମନନ, ଚିନ୍ତନ, ଜପ, ଧ୍ୟାନ, ସ୍ମରଣ, କୀର୍ତ୍ତନ ଓ ଗୁଣ ଧ୍ୟାନ ହିଁ ଅନ୍ତର୍ମୁଖୀ ଭାବର ଅନ୍ତର୍ଗତ ।

- ଗୁରୁଙ୍କ ଠାରୁ ଧର୍ମଧାରା ଗ୍ରହଣ କରି ତାହାର ଅଭ୍ୟାସ ସାଧନ ନ କଲେ, ନିଶ୍ଚୟ ନର୍କଗାମୀ ହେବ ।

- ସାଂସାରିକ ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ମଧରେ ଶ୍ରୀଗୁରୁଙ୍କର କାର୍ଯ୍ୟ ସମ୍ପାଦନ କରିବା ହିଁ ଶ୍ରେଷ୍ଠ ସାଧନା । ଏପରି ସାଧନାରତ ଶିଷ୍ୟମାନଙ୍କର ଶ୍ରଦ୍ଧା ଓ ଭକ୍ତି ଯୋଗୁଁ ଆମେ ସେମାନଙ୍କର ସର୍ବବିଧ ମଙ୍ଗଳ ପାଇଁ ପର୍ଯ୍ୟାୟକ୍ରମିକ କାର୍ଯ୍ୟକ୍ରମ ଗ୍ରହଣ କରିନେଉ ।

- ଗୁରୁ ବାକ୍ୟରେ ନିଷ୍ଠା ଓ ନିଜ ସଂକଳ୍ପ ରକ୍ଷାରେ ଦୃଢ଼ତା ଥିଲେ, ଚରମ ପ୍ରାପ୍ତି ଲକ୍ଷ୍ୟରେ ଆଗେଇ ଯାଇପାରିବ ।

- ଧର୍ମରୁ ଶରୀରର ସୃଷ୍ଟି । ପୁଣି ଶରୀର ଧରି ଧର୍ମରକ୍ଷା କରାଯାଏ । ତେଣୁ, ଶରୀର ଓ ଧର୍ମ ପରସ୍ପର ପରିପୂରକ ।

- ସାଧାରଣ ଜୀବର ଦୌଡ଼ ମୁକ୍ତି ପାଇଁ : ମାତ୍ର ଅସାଧାରଣ ବ୍ୟକ୍ତିର ଲକ୍ଷ୍ୟ ଓ କର୍ମ ବିଶ୍ୱକଲ୍ୟାଣ ପାଇଁ ।

- ମଣିଷ ଆକୃତି ଧରି ଆତଯାତ ହେଉଥିବା ଅନେକ ମଣିଷ ମିଳିପାରନ୍ତି, ମାତ୍ର ଉତ୍ତମ ଲକ୍ଷଣଯୁକ୍ତ କୃତିସମ୍ପନ୍ନ ଓ ପୌରୁଷସମ୍ପନ୍ନ ବ୍ୟକ୍ତିଟିଏ ଅତ୍ୟନ୍ତ ଦୁର୍ଲ୍ଲଭ ।
- ଗୁରୁଙ୍କୁ ସ୍ନେହଭାବ ଦ୍ୱାରା ବାନ୍ଧ ନାହିଁ । ଗୁରୁଙ୍କ ସ୍ନେହ ଭାବରେ ବାନ୍ଧି ହୋଇଯାଅ ।
- ସମାଧି ସ୍ତରରେ ବୈଷୟିକ କାମନାର ବିନାଶ ହୋଇଥାଏ ।
- ଯେଉଁଠି ଭଲଗୁଣ ଅଛି, ସେହିଠାରେ ମଧ୍ୟ ସେହିପରି ନିଷ୍ଠୁରଭାବ ରହିଛି । ଯୋଗୀମାନଙ୍କର ଗୋଟିଏ ପଟରେ ଯୋଗ ଅଭ୍ୟାସ ପ୍ରତି ଅନୁରକ୍ତି ରହିବା ସହିତ ଅନ୍ୟପଟରେ ବିଷୟପ୍ରତି ବିରକ୍ତିପୂର୍ଣ୍ଣ ନିଷ୍ଠୁରଭାବ ମଧ୍ୟ ରହିଛି ।
- ମିଥ୍ୟାର ଆଶ୍ରୟ ନିଅ ନାହିଁ । ମିଥ୍ୟା ଓ ଅସତ୍ୟର ଆବରଣରେ ନିଜକୁ ଛପେଇ ରଖିବାକୁ ଚେଷ୍ଟାକର ନାହିଁ । ଏହା ଛଳନାର ଭେକ । ଏହାଦ୍ୱାରା ତମର ସମସ୍ୟାର ସମାଧାନ ତ ହେବ ନାହିଁ, ବରଂ ସମାଧାନ ପରିବର୍ତ୍ତେ ସମସ୍ୟାଗୁଡ଼ିକ ଅଧିକ ଜଟିଳ ହୋଇଯିବ ।
- ଭାବ ଲଗାଅ, ତ୍ୟାଗ କର, ନିଷ୍ଠାବାନ ହୁଅ, ନିୟମିତ ହୁଅ, ଧାରା ଅନୁସାରେ ସାଧନ ଭଜନ କରି ଦେଖ, ତମେ ଯାହା ଚାହୁଁଛ, ତାହା ଅବିଳମ୍ବେ ତମ ହାତମୁଠାକୁ ଚାଲି ଆସିଛି । ତେଣିକି ତମେ ତାହା ବିଶ୍ୱକଲ୍ୟାଣରେ ବିନିଯୋଗ କରି ସିଦ୍ଧ ହୋଇଛ ।
- ପିତାଙ୍କ ଔରସରୁ ପୁତ୍ର ଜନ୍ମି ପିତାଙ୍କୁ ଅସ୍ୱୀକାର କଲେ, କ'ଣ ମୂଳସୂତ୍ର ଛିନ୍ନ ହୋଇଯାଏ ? ସେହିପରି ପିତା ପୁତ୍ରକୁ ତ୍ୟାଗ କଲେ ( ତ୍ୟାଜ୍ୟପୁତ୍ର କଲେ) ମଧ୍ୟ ମୌଳିକ ଯୋଗସୂତ୍ର ନଷ୍ଟ ହୁଏ ନାହିଁ ।
- ବୀର, ଧୀର, ବିଦ୍ୱାନ ଓ ପୁରୁଷାର୍ଥ ସମ୍ପନ୍ନ ବ୍ୟକ୍ତି ହିଁ ପୁରୁଷ ପଦବାଚ୍ୟ । ଏ ସବୁ ବିନା କେବଳ ମଣିଷର ଆକୃତି ବିଶିଷ୍ଟ ପୁରୁଷ ହିଁ ଲାଙ୍ଗୁଡ଼ ଓ ଶିଙ୍ଗ ନ ଥିବା ପଶୁଟିଏ ବୋଲି କହିପାର ।
- ଈଶ୍ୱରଙ୍କୁ ପ୍ରତ୍ୟକ୍ଷରେ ଦର୍ଶନ କରିବା ସହଜ ନୁହେଁ, ମାତ୍ର ଐଶ୍ୱରୀୟ ସତ୍ତାରେ ନରନାରାୟଣଙ୍କୁ ପ୍ରତ୍ୟକ୍ଷ ଗୁରୁ ଭାବରେ ଲାଭ କରିବା ହିଁ ସହଜ, ସରଳ ଓ ସୁନ୍ଦର । କେବଳ ବିଶ୍ୱାସ ଲୋଡ଼ା । ଅବିଶ୍ୱାସ ମନୋଭାବ ସବୁ ବିପଦର ମୂଳ କାରଣ ।
- ନାରୀ ଅର୍ଥ ସାଧାରଣତଃ ମହିଳା ନୁହେଁ । ନାରୀ ଅର୍ଥ ମାତୃଜାତି । ନାରୀ ଠାରେ ତେଣୁ ଶକ୍ତି ସଞ୍ଚିତ ଅଛି । ମାତୃଶକ୍ତି ହିଁ ଆମର ଲକ୍ଷ୍ୟ ।
- ପରିବେଶ ସୁରକ୍ଷା କେବଳ ଭୌତିକ ପରିବେଶର ରକ୍ଷଣାବେକ୍ଷଣ ଦ୍ୱାରା ସମ୍ଭବ ନୁହେଁ । ଏହା ସହିତ ଆଚାରପୂର୍ଣ୍ଣ ବ୍ୟବହାର, ଶୁଭଚିନ୍ତନ, ସତ୍ୟବଚନ, ସଦାଚରଣ, ଧ୍ୟାନ, ପ୍ରାର୍ଥନା, ମନ୍ତ୍ରମନନ, ମହାମନ୍ତ୍ର କୀର୍ତ୍ତନ, ଯାଗଯଜ୍ଞ ଇତ୍ୟାଦିର ଭୂମିକା ପରିବେଶ ସୁରକ୍ଷା ପାଇଁ ଏକାନ୍ତ ବାଞ୍ଛନୀୟ ।
- ମାନବସମ୍ବଳ ହିଁ ପ୍ରଧାନ ସମ୍ବଳ । ଏହି ସମ୍ବଳର ଯଥାର୍ଥ ସୁରକ୍ଷା ଓ ବିନିଯୋଗ ନିମନ୍ତେ ଆମେ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ମଣିଷ କରି ଗଢ଼ି ତୋଳିବାକୁ ଚାହୁଁ । ସେହିମାନଙ୍କ ଦ୍ୱାରା ହିଁ ମାନବସମ୍ବଳର ସଫଳ ରୂପାୟନ ହୋଇପାରିବ ।
- କେବଳ ସ୍ଲୋଗାନ ଦ୍ୱାରା ଜାତୀୟ ସଂହତି ରକ୍ଷା ସମ୍ଭବ ହେବ କିପରି ? ବିଶ୍ୱଭ୍ରାତୃତ୍ୱ ପ୍ରେମରେ ଉଦ୍‌ବୁଦ୍ଧ ହୁଅ, ବିନା ସ୍ଲୋଗାନରେ ଏହା ସୁରକ୍ଷିତ ହେବ । ସାମ୍ପ୍ରଦାୟିକ ବନ୍ଧନ ମୁକ୍ତ ନ ହେଲେ, ବିଶ୍ୱଭ୍ରାତୃତ୍ୱ ଏକ ଫମ୍ପା ଧ୍ୱନିରେ ପର୍ଯ୍ୟବସିତ ହେବ ଓ ଜାତୀୟ ସଂହତି ଦିବାସ୍ୱପ୍ନ ପରି ଅଳିକ ହୋଇଯିବ ।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଲେଖନୀରୁ

ସଦା ପୀତବାସ ସୁଶୋଭନ ତନୁମ୍ ।
ସ୍ମିତହାସ୍ୟଯୁତଂ ମୁଖ ପଙ୍କେରୁହମ୍ ॥
ପାପତାପ ବିନାଶାୟ ଦକ୍ଷକରମ୍ ।
ପ୍ରଣମାମି ଗୁରୁଂ ମମ ପ୍ରାଣନାଥମ୍ ॥

*ଯଜୁଃବେଦରୁ ଆର୍ଯ୍ୟ ସନାତନ ମତବାଦକୁ ବିଶ୍ଳେଷଣ କଲେ ଜାଣିବାକୁ ମିଳେ :*

*''ବ୍ରହ୍ମ ଯଜ୍ଞାନଂ ପ୍ରଥମ ପୁରସ୍ତାଦ୍‌ବି ସୀମିତଃ ସୁରୁଚେ ବେନଃଆବଃ ।*
*ସୁବୁଧ୍ନ୍ୟଃଉପମାଃଅସ୍ୟବିଷ୍ଠା ସତଶ୍ଚ ଯୋନି ମସତଶ୍ଚ ବିବଃ ॥''*

*ଅର୍ଥାତ୍, 'ଭୌତିକ ଦୁନିଆଁରେ ଯେଉଁ ପରମାତ୍ମାରୂପକ ବ୍ରହ୍ମଙ୍କୁ ଜାଣିବା ନିମନ୍ତେ ଖ୍ୟାତ ଓ ଅଖ୍ୟାତ ଯୁକ୍ତ ସମସ୍ତ ଉଦାହରଣ ଯେ ସର୍ବତ୍ର ପରିପ୍ରକାଶ ହୋଇ ସମସ୍ତଙ୍କର ଆବରଣ ଓ ପ୍ରକାଶ କରୁଅଛନ୍ତି ଏବଂ ସୁନ୍ଦର ନୀତିନିୟମ ସହିତ ନିଜ ଭକ୍ତମାନଙ୍କୁ ରକ୍ଷା କରୁଅଛନ୍ତି, ସେହି ଅନ୍ତର୍ଯ୍ୟାମୀ ପରମାତ୍ମାରୂପୀ କର୍ତ୍ତା ସବୁ ମନୁଷ୍ୟଙ୍କର ଉପାସ୍ୟ ଅଟନ୍ତି । ତାଙ୍କ ବିନା ଅନ୍ୟ କେହି ସେବା ଭୋଗ୍ୟର ଯୋଗ୍ୟ ନୁହଁନ୍ତି ।' ପ୍ରଭୁପାଦ ଶ୍ରୀଶ୍ରୀଶ୍ରୀଠାକୁର ଏହି ଷ୍ଟମର ଅଗଣିତ ଭକ୍ତ ଅନୁଗତ ଶିଷ୍ୟ ପାଠକପାଠିକାମାନଙ୍କ ନିମନ୍ତେ ସ୍ୱହସ୍ତଲିଖିତ ବସ୍ତୁ ''ଚରମ'' ପୃଷ୍ଠାରେ ପତ୍ରସ୍ଥ ନିମନ୍ତେ ପ୍ରଦାନ କରିଅଛନ୍ତି ।*

## ଆନନ୍ଦର ସ୍ୱରୂପ

ଧରିତ୍ରୀ ବକ୍ଷରେ ମାନବ ଜନ୍ମ ଗ୍ରହଣ କରିବା ମୁହୂର୍ତ୍ତରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଗୋଟିଏ ବସ୍ତୁ ପଛରେ ସର୍ବଦା ଧାଇଁଥାଏ । ପୃଥିବୀରେ ମାନବ ସୃଷ୍ଟିର ପ୍ରଥମ କାଳରୁ ଆଜି ପର୍ଯ୍ୟନ୍ତ ଏହି ଗୋଟିଏ ସୂତ୍ର ସମଗ୍ର ବିଶ୍ୱର ସମସ୍ତ ମନୁଷ୍ୟଙ୍କଠାରେ କାର୍ଯ୍ୟ କରିଆସୁଛି । ଯେକୌଣସି ବ୍ୟକ୍ତି ଯେକୌଣସି କାର୍ଯ୍ୟ କରୁନା କାହିଁକି, ଲକ୍ଷ୍ୟ କିନ୍ତୁ ଏକ । ପ୍ରତ୍ୟକ୍ଷରେ ବା ପରୋକ୍ଷରେ ହେଉ, ଜ୍ଞାତସାରରେ ବା ଅଜ୍ଞାତସାରରେ ହେଉ ଆନନ୍ଦ ଲାଭ ବ୍ୟତୀତ ସେମାନଙ୍କର ଚରମ ଲକ୍ଷ୍ୟ ଆଉ କିଛି ନାହିଁ । କିଏ ହୁଏତ କହିପାରେ ଜ୍ଞାନ ଲାଭ ପାଇଁ ସେ କାର୍ଯ୍ୟ କରୁଛି, କିଏ ହୁଏତ ପ୍ରତିପତ୍ତି ପାଇଁ କର୍ମ କରୁଛି, କିଏ ବା ଅନ୍ନମୁଠାଏ ପାଇଁ, ଆଉ କିଏ ପଦପଦବୀର କ୍ଷମତା ପାଇଁ ମାତ୍ର, ଦେଖିବାକୁ ଗଲେ, ଏସବୁ ଉପଲକ୍ଷ୍ୟ ମାତ୍ର । ଲକ୍ଷ୍ୟ ରହିଛି ଆନନ୍ଦ ଠାରେ । ଜଣେ ଜ୍ଞାନଲାଭରୁ ଆନନ୍ଦ ପାଉଛି, ଆଉ ଜଣେ ଜ୍ଞାନବିତରଣରୁ ଆନନ୍ଦ ପାଉଛି, ଜଣେ ଭୋଗବିଳାସରୁ ଆନନ୍ଦ ପାଉଛି ତ ଅନ୍ୟଜଣେ ତ୍ୟାଗ ବୈରାଗ୍ୟରୁ ଆନନ୍ଦ ପାଉଛି । ରାଜା ମହାରାଜାମାନେ ରାଜ୍ୟ ଜୟରୁ ଆନନ୍ଦ ପାଉଥିଲେ । ଯୋଗୀ ସନ୍ନ୍ୟାସୀମାନେ ତପ ସାଧନାରୁ ଆନନ୍ଦ ଲାଭ କରୁଥିଲେ । ଏବେ ସମାଜରେ କୁଟିଳ ଗତିର ତୀବ୍ରତା ଲକ୍ଷ୍ୟ କରାଯାଉଛି । କୁଟକପଟୀମାନେ କପଟାଚାର କରି ଆନନ୍ଦ ଲଭୁଛନ୍ତି, ସରଳ ନିଷ୍କପଟମାନେ ଠକିଯାଇ ଆନନ୍ଦ ଲଭୁଛନ୍ତି । କିଏ ମାଗିଖାଇ ଆନନ୍ଦ ପାଉଛି ତ ଅନ୍ୟକିଏ ଅକାତରରେ ଦାନଧର୍ମ କରି ଆନନ୍ଦ ପାଉଛି । ଏହିପରି ଭାବରେ

ପ୍ରତ୍ୟେକଙ୍କର କର୍ମଧାରା ତନଖି ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ପ୍ରତ୍ୟେକେ ଆନନ୍ଦ ପାଇବା ପାଇଁ ବ୍ୟାକୁଳ ।

ବର୍ତ୍ତମାନ ଆମର ପ୍ରଶ୍ନ : ଆନନ୍ଦ କେଉଁଠାରେ ମିଳେ? ଆନନ୍ଦର ଜନ୍ମସ୍ଥାନ କେଉଁଠି ? ରାଜାର ରାଜମହଲ, ଦରିଦ୍ରର ପତ୍ରକୁଡ଼ିଆ, ଭିକ୍ଷୁକର ଭିକ୍ଷାପାତ୍ର, କାମିନୀକାଞ୍ଚନ, କୋଠାବାଡ଼ି, ଗାଡ଼ିଘୋଡ଼ା, ଭଲ ପୋଷାକ ପରିଚ୍ଛଦ, ଆୟ ଅଳଂକାର ଇତ୍ୟାଦିକୁ ପରୀକ୍ଷା କରି ଦେଖିଲେ ଜଣାଯାଏ, ଏ ସବୁଠି ଆନନ୍ଦ ନ ଥାଏ । ନ ଥାଏ ବୋଲି କହିଲେ ତ ଚଳିବନି । ଥାଏ, ପୁଣି ନ ଥାଏ । ଅର୍ଥାତ୍ ଏ ସବୁ ଅସ୍ଥାୟୀ ବସ୍ତୁରେ ସ୍ଥାୟୀ ଆନନ୍ଦ ନ ଥାଏ । ଅସ୍ଥାୟୀ ଭାବରେ ଆନନ୍ଦ ରହିଥାଏ ପୁଣି ଅଦୃଶ୍ୟ ହୋଇ ନିରାନନ୍ଦ ବା ବିଷାଦରେ ପରିଣତ ହୁଏ । ତେଣୁ ପ୍ରକୃତ ପକ୍ଷରେ ଆନନ୍ଦ ଭ୍ରମଣଶୀଳ । ଯାଯାବର । ଜଣେ ଶିଶୁ ପାଇଁ ମାଆର ସ୍ନେହମୟ କୋଳ ଆନନ୍ଦର ସ୍ଥାନ । ଜଣେ ବାଳକ ବା ବାଳିକା ପାଇଁ କ୍ରୀଡ଼ା ସାମଗ୍ରୀ ଆନନ୍ଦର କାରଣ । ଜଣେ ଯୁବକ ପାଇଁ ଚାକିରୀ, ଧନସମ୍ପତ୍ତି ଇତ୍ୟାଦି ଆନନ୍ଦଦାୟକ । ଜଣେ ଗୃହୀ ପାଇଁ ଘରକରଣା ହିଁ ଆନନ୍ଦ ପ୍ରଦାୟକ । ଜଣେ ବୃଦ୍ଧ ବା ବୃଦ୍ଧା ପାଇଁ ବିଶ୍ରାମ, ସେବା ଇତ୍ୟାଦି ଆନନ୍ଦପ୍ରଦ । ଏହିପରି ଭାବରେ ବିଭିନ୍ନକୋଣରୁ ବିଚାରି ଦେଖିଲେ, ଜଣକ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଆନନ୍ଦର ଉତ୍ସ ଭିନ୍ନ ଭିନ୍ନ । ଜଣେ ଗୃହସ୍ଥ ପାଇଁ ଧନ ଦୌଲତ ଆନନ୍ଦର ଉପୃଶିସ୍ଥଳ ହେବା ସ୍ଥଳେ ଜଣେ ବୈରାଗୀ ବା ସନ୍ନ୍ୟାସୀଙ୍କ ପାଇଁ ପର୍ଯ୍ୟାପ୍ତ ଧନଦୌଲତ କଦାପି ଆନନ୍ଦର ଉତ୍ସ ହୋଇପାରେ ନାହିଁ । କାହିଁକି ?

କାରଣ, ପ୍ରକୃତ ଆନନ୍ଦ ବା ଶୁଦ୍ଧାନନ୍ଦ କୌଣସି ବାହ୍ୟବସ୍ତୁରେ ନିହିତ ନୁହେଁ । ନିତ୍ୟ, ସତ୍ୟ, ଶାଶ୍ୱତ ବା ଚିରନ୍ତନ ଆନନ୍ଦ ଅନ୍ତର୍ନିହିତ । ଏହା ବ୍ୟକ୍ତିର ଅନ୍ତଃସ୍ଥଳରୁ ଜାତ ହୁଏ । ସେହି ଅନ୍ତରରୁ ହିଁ ପ୍ରକୃତ ଆନନ୍ଦ ମିଳେ । କିନ୍ତୁ, ଏପରି ଚିରନ୍ତନ ଆନନ୍ଦର ସନ୍ଧାନ ଆଜିକାଲି କେତେଜଣ କରୁଛନ୍ତି ? ନଡ଼ିଆର ସୁମିଷ୍ଟ ରସ ଚାଖିବାକୁ ସମସ୍ତଙ୍କର ଇଚ୍ଛା । ନଡ଼ିଆ ହାତରେ ପାଇ ଗୁଡ଼ାଏ ଜଟା ଚୋବାଇ ଥୁ ଥୁ କରି ଫିଙ୍ଗି ଦେଇ କହୁଛନ୍ତି, ମିଛକଥା । ଭାଣ୍ଡାମି । ନଡ଼ିଆର ସ୍ୱାଦୁ ମିଠା ନୁହେଁ । ନଡ଼ିଆରେ ସିଦ୍ଧି ନାହିଁ କି ବିଭୂତି ନାହିଁ । ଆମର ଏହା ସ୍ପଷ୍ଟ ଅନୁଭବ ହୋଇଛି । ତମେମାନେ ଆଉ ନଡ଼ିଆର ମିଠା ରସ ପଛରେ ଗୋଡ଼ାଇ ଧନ୍ଦି ହୁଅନା । ଆମ କଥା ମାନ । ଆମେ ଅନୁଭବୀ ।

କହନ୍ତୁ ଦେଖି, ଏଥକୁ ବିଚରା ନଡ଼ିଆର କିବା ଦୋଷ ! ତମକୁ ତ ନଡ଼ିଆ ଖାଇ ଆସେନା । ଯାହା ତମକୁ ଜଣା ନାହିଁ, ତାହା ଜଣାଇ ଦେଲେ ସୁଦ୍ଧା ତମେ ଜାଣିବାକୁ ଚାହଁନା । ଆପଣା ଆପଣା ମନକୁ ଜଣେ ଜଣେ ସାଜି ସବ୍‌ଜାନ୍ତାଙ୍କ ଭଳି ଧନ୍ଦି ହେଉଛ । ବାହାରକୁ ଲମ୍ବଶାଟପଟାବୃତ୍ତ ହୋଇ ଭିତରେ ଭିତରେ ଘାରି ହେଉଛ । ତଥାପି ମନ ମାନୁନାହିଁ । ଆମର ଦୋଷ ରହିଲା କେଉଁଠି ? ଆମେ ତମକୁ ବାରମ୍ବାର ବୁଝାଇ ଦେଉଛୁ, ବିଷ ପଥ ଛାଡ଼, ବିଷୟାପଥ ଛାଡ଼, ଅମୃତପଥରେ ଅମରତ୍ୱ ଲାଭକର । ତମେ ଏବେ ତମ ପଥ ବାଛି ନିଅ । ଆମକୁ ଦୋଷ ଦିଅନା । ତୁମର ସମସ୍ତ କାମନା ପୂର୍ଣ୍ଣ ହୋଇଯିବ, ଯେତେବେଳେ ତମେ ଅନ୍ତର୍ନିହିତ ସ୍ୱର୍ଗର ଉପଲବ୍‌ଧି କରିବ । ଅଚିରେ ଦୁଃଖରାଶି ବିଲୀନ ହୋଇଯିବ । ତମେ ଆତ୍ମଜ୍ଞାନ ଲାଭ କରିବ । ତମେ ପୂର୍ଣ୍ଣାନନ୍ଦ ପ୍ରାପ୍ତ ହେବ । ତମର ଦେହଭାବ କଟିଯିବ । ବିଶ୍ୱର ସକଳ ତମର ଆତ୍ମାସ୍ୱରୂପ ଜ୍ଞାନ ହେବ । ତମେ ଅନୁଭବ କରିବ : ତମର ଜନ୍ମ ନାହିଁ, ମରଣ ମଧ୍ୟ ନାହିଁ । ଅନନ୍ତ ଆକାଶରେ ତମେ ସୁବିସ୍ତୃତ । ଅନନ୍ତ ବାୟୁ ପ୍ରବାହ ହିଁ ତମର ପ୍ରାଣବାୟୁ ।

ଆନନ୍ଦ ଉପଭୋଗ ପାଇଁ ଇନ୍ଦ୍ରିୟସୁଖରେ ମତ୍ତ ହୁଅନାହିଁ । ସ୍ୱାଭାବିକ ହୁଅ । ପ୍ରକୃତିସ୍ଥ ହୁଅ । ସଚେତନ ହୁଅ । ଅନୁଧ୍ୟାନ କର, ଉପଲବ୍ଧି କର । ମନେରଖ, ଇନ୍ଦ୍ରିୟଗ୍ରାହ୍ୟ ବାହାରର କୌଣସି ଠାରେ ଆନନ୍ଦ ନାହିଁ । ହୃଦୟ ମନ୍ଦିରର ନିଭୃତ ରତ୍ନବେଦୀ ହିଁ ସ୍ୱର୍ଣ୍ଣକ୍ଷେତ୍ର । ସେହି ସ୍ୱର୍ଣ୍ଣକ୍ଷେତ୍ରରେ ଆନନ୍ଦଦେବତା ଅଧିଷ୍ଠିତ ।

ତମ ଆତ୍ମାର ଜ୍ୟୋତି ଯେଉଁ ଯେଉଁ ସ୍ଥାନରେ ଅଧିକ ମାତ୍ରାରେ ପ୍ରତିଫଳିତ, ସେସବୁ ତମ ଅତି ଆପଣାର ବୋଧହୁଏ, ହେବା ସ୍ୱତଃସିଦ୍ଧ । ତମର ଆତ୍ମାର ଜ୍ୟୋତି ହିଁ ସେ ସକଳକୁ ଲୋଭନୀୟ କରି ଦେଇଥାଏ । ତେଣୁ, ତହିଁରୁ ତମେ ଆନନ୍ଦ ଲାଭ କର । ଆନନ୍ଦର ପ୍ରକୃତ ଉତ୍ପତ୍ତିସ୍ଥଳ ତମ ହୃଦ୍‌ଦେଶ ବା ଅନ୍ତର୍ଦେଶରେ ସର୍ବଦା ବିଦ୍ୟମାନ । ସକଳ ସୁଖଶାନ୍ତିର ଜନ୍ମ ସେହିଠାରେ । ଏହି ପରିପ୍ରେକ୍ଷୀରେ ଆନନ୍ଦର ସନ୍ଧାନ ପାଇଁ ଇତଃସ୍ତତ ଧାଇଁ ବୁଲିବା ବିଚାରହୀନତା, ଯୁକ୍ତିହୀନତା ତାହା ଅଚେତନତାର ପରିଚାୟକ ।

ତେଣୁ ସୂର୍ଯ୍ୟଙ୍କର ଗତି ଭଳି ଜାଗତିକ ଅସ୍ଥାୟୀ ଆନନ୍ଦ ପରିଭ୍ରମଣଶୀଳ । ସୂର୍ଯ୍ୟ ଯେଉଁଳି ଉତ୍ତରାୟଣ ଓ ଦକ୍ଷିଣାୟନ ହୁଅନ୍ତି, ଦୈନିକ ପୃଥିବୀର ବିଭିନ୍ନ ଅଞ୍ଚଳର ଭୂଖଣ୍ଡରେ ନିର୍ଦ୍ଦିଷ୍ଟ ସମୟ ପାଇଁ ଆଲୋକ ପ୍ରଦାନ କରନ୍ତି, ଅନିତ୍ୟ ଆନନ୍ଦ ସେହିପରି କାଳବେଳ ମାପିଚୁପି ଆସେ ଓ ପୁଣି ଅନ୍ତର୍ହିତ ହୋଇଯାଏ । ମାତ୍ର ସ୍ୱୟଂ ସୂର୍ଯ୍ୟ ଭୂମଣ୍ଡଳର ବହୁଊର୍ଦ୍ଧ୍ୱରେ ସତତ ଦେଦୀପ୍ୟମାନ । ସେ ଅସ୍ତମିତ ହୁଅନ୍ତି ନାହିଁ, ଅନ୍ତର୍ହିତ ହୁଅନ୍ତି ନାହିଁ କିମ୍ବା ନିର୍ବାପିତ ମଧ୍ୟ ହୁଅନ୍ତି ନାହିଁ । ସେହିପରି ସଚ୍ଚିଦାନନ୍ଦ ଶାଶ୍ୱତ, ଚିରନ୍ତନ, ନିତ୍ୟ ସତ୍ୟ ଓ ସନାତନ । ସେହି ପୂର୍ଣ୍ଣାନନ୍ଦ ବା ବ୍ରହ୍ମାନନ୍ଦ ହିଁ ଆମର ଲକ୍ଷ୍ୟ । ଏହି ଲକ୍ଷ୍ୟ ପାର୍ଥିବ ଭୋଗବିଳାସ, ପାର୍ଥିବ ଅନିତ୍ୟ ବସ୍ତୁ ଇତ୍ୟାଦି ଠାରେ ନିବଦ୍ଧ କଲେ, ଅପାର୍ଥିବ, ସ୍ୱର୍ଗୀୟ ଓ ଦିବ୍ୟ ଆନନ୍ଦ ମିଳିବ କିପରି ?

ଧନସମ୍ପତ୍ତିକୁ ମୋହଗ୍ରସ୍ତ ହୋଇ ଜାବୁଡ଼ି ଧରୁଛ । ଆବଶ୍ୟକତା ଠାରୁ ଅଧିକ ସଞ୍ଚୟ କରିରଖୁଛ । ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ବିନିଯୋଗ କରିବାକୁ କୁଣ୍ଠିତ ହେଉଛ । ପୁତ୍ରକଳତ୍ରଙ୍କୁ ମାୟାଗ୍ରସ୍ତ ହୋଇ ଆପଣାର ଭାବୁଛ । ତାଙ୍କରି ପାଇଁ ଚିନ୍ତିତ ହେଉଛ । ନିଜକୁ କର୍ତ୍ତା ଭାବୁଛ । ଏହିପରି ଗୋଟିଗୋଟି ପରଖି ଦେଖ, ଥରେ ନୀରବରେ ଏକାନ୍ତ ଭାବରେ ଭାବତ ଦେଖି, କ'ଣ ତୁମର ? କିଏ ତୁମର ? କିଏ ବା କ'ଣ ତୁମକୁ ଚରମ ପଥରେ ପରମ ଆନନ୍ଦ ପ୍ରାପ୍ତି ଲକ୍ଷ୍ୟରେ ଆଗେଇ ନେଉଛି ? ତା'ଠାରେ ଶ୍ରଦ୍ଧାଶୀଳ ହୁଅ । ସେହିଠାରେ ପ୍ରେମଭକ୍ତି ନିବେଦନ କର । ତାହାରି ଉଦ୍ଦେଶ୍ୟରେ ତ୍ୟାଗ କର, ଦାନ କର, ଅକୁଣ୍ଠିତ ଚିତ୍ତରେ ଶରଣାଗତ ହୁଅ, ତମେ ନିଶ୍ଚିତ ଭାବରେ ନିଶ୍ଚିନ୍ତ ହୋଇଯିବ । ବ୍ୟସ୍ତତା ରହିବ ନାହିଁ । ବିବ୍ରତ ବୋଧ କରିବ ନାହିଁ । ଶାନ୍ତ ସମାହିତ ଜୀବନ ଲାଭ କରିବ । ଅଖଣ୍ଡ ପୂର୍ଣ୍ଣାନନ୍ଦ ପ୍ରାପ୍ତ ହେବ । ଅତୀନ୍ଦ୍ରିୟ ଦିବ୍ୟ ଅନୁଭୂତି ପାଇବ ହିଁ ପାଇବ ।

ଗୁରୁ କୃପା ପାଇଁ ଲୟ ତୁ' କର ।
ଗୁରୁ କୃପା ସବୁ ସାଧନା ସାର ।।

ଗୁରୁ କୃପା କଲେ ସବୁ ମିଳଇ ।
ଚରମ ତା' ଅନ୍ତଃସ୍ଥଳେ ଖେଳଇ ।।



# କଲ୍ୟାଣ ଦେଲି ତୋତେ

ଏକଂ ଶାସ୍ତ୍ରଂ ସୁକାନ୍ତିସୁତ ଗୀତମ୍ । ଏକୋଦେବଃ ସୁକାନ୍ତିପୁତ୍ର ଏବ ।।
ଏକୋ ମନ୍ତ୍ର ତସ୍ୟ ନାମାନିଯାନି । କର୍ମପି ଏକଂ କେଶବସ୍ୟ ସେବା ।।
ପଶ୍ୟାମି ଦେବଂ ତବ ଦିବ୍ୟଦେହେ । ସୂକ୍ଷ୍ମାତିସୂକ୍ଷ୍ମଂ କାରଣ ଜଗତମ୍ ।।
ତଥୈବଯାତି ଦୃଶ୍ୟମାନ ଏତେ । ସକଳଭାତି ପିଣ୍ଡ ବ୍ରହ୍ମାଣ୍ଡେ ତ୍ୱଂ ।।

''ତ୍ୱୟା ହୃଷିକେଶ ହୃଦିସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି ।।'' ହେ ହୃଷିକ ଈଶ । ହେ ଇନ୍ଦ୍ରିୟଗଣର ନିୟନ୍ତା ! ହେ ଠାକୁର ! ମୋତେ ତମରି କାମରେ ତମରି ଇଚ୍ଛାମତେ ସତତ ନିଯୁକ୍ତ କର । ଭକ୍ତ ଦାସର ଆକୁଳ ଆକୁତିରେ ଭକ୍ତବନ୍ଧୁ ଭାବଗ୍ରାହୀ ଦେବତା ଅଭୟମୁଦ୍ରାରେ ଅଶେଷ କଲ୍ୟାଣ କରୁଛନ୍ତି, ''କଲ୍ୟାଣ ଦେଲି ତୋତେ'' ରେ ।

ପ୍ରତ୍ୟେକଙ୍କର ପ୍ରତିଦିନ ପ୍ରତି ସତ୍‌ସଙ୍ଗରେ ଏହା ସୁଖପାଠ୍ୟ ଧାରାବାହିକ ସ୍ତମ୍ଭ ।

ଚରମରେ, ଧର୍ମ ନନ୍ଦନରେ, ମୁଁ ତୋର ମନଧ୍ୟାନରେ ରହିଛିଟି ବାବୁ ! ଧାରା ଧରିବା ଦିନର ପୁଲକ ତୋର ସତେଜ ଅଛିଟି ଧନ ! ଲୟ ସ୍ଥିର ରଖିଛୁଟି ? ଲକ୍ଷ୍ୟ ତୋର ସ୍ଥିର ଅଛିଟି ? ବିଚଳିତ ହେବୁ ନାହିଁ ଧନ । ଅସ୍ଥିର ହେବୁ ନାହିଁ କିମ୍ବା ଅଧୈର୍ଯ୍ୟ ହେବୁ ନାହିଁ । ସଂଘୀୟ କର୍ମରେ, ପରିଷଦ୍ କାର୍ଯ୍ୟରେ, ଆଶ୍ରମ ସଂଗଠନରେ, ଶାଖା ସତ୍‌ସଙ୍ଗ ବୈଠକରେ, ବ୍ୟକ୍ତିଗତ ସାଧନ ପ୍ରକ୍ରିୟାରେ ଅନୁରାଗ ଓ ପ୍ରେମଭକ୍ତିର ସହିତ ସହଯୋଗ କରିବୁ । ଆପଣାର ଇଚ୍ଛାକୁ ଆମ ଇଚ୍ଛା ବୋଲି ମନେ କରି ଭ୍ରାନ୍ତିରେ ପଥହୁଡ଼ି ଦେବୁ ନାହିଁ । ଠକି ଯିବୁରେ ବାବୁ, ଠକି ଯିବୁ ଯେ !

ଭୌତିକ ଜଗତର କୌଣସି ବିଷୟଜଞ୍ଜାଳର ସମାଧାନ ହେଲା ନାହିଁ ବୋଲି ଅବିଶ୍ୱାସ କରି ବିକାର ଗ୍ରସ୍ତ ହେବୁନାହିଁ ଧନ । ବିଷୟୀ ମନ ତୋର ଅନେକ କିଛି କାମନାବାସନା ନେଇ ତୋତେ ଜଞ୍ଜାଳଗ୍ରସ୍ତ କରୁଛି, ତହିଁକି ନିଘା କରିବୁ ନାହିଁରେ । ଜାଗତିକ ଆଶାଆକାଂକ୍ଷାର ବଶବର୍ତ୍ତୀ ହୋଇ ପଥ ହୁଡ଼ି ଯିବୁନାହିଁ । ବିଷୟୀ ସାଜି ଜନ୍ମ ଲଭିଛୁ, ଜଞ୍ଜାଳ ରହିବ ହିଁ ରହିବ । ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ ଜୀବନରେ ସମସ୍ୟା ଅବଶ୍ୟ ରହିବ । ସୁଖଦୁଃଖ, ଭଲମନ୍ଦ, ଆନନ୍ଦବିଷାଦ, ହାନିଲାଭ ଚକ୍ରାକାରରେ ଗୋଟିଏ ପରେ ଗୋଟିଏ ଭୋଗ ହେବ । ଏସବୁ ମଧ୍ୟରେ ମନ ଟାଣ କରି, ବିଶ୍ୱାସ ଦୃଢ଼ କରି, ଲକ୍ଷ୍ୟ ଅଟଳ କରି, ଲୟ ସ୍ଥିର କରି

ଧାରାଧରି କର୍ମଯୋଗ ଅଭ୍ୟାସ କରୁଥିଲେ, ଧୈର୍ଯ୍ୟ, ସ୍ଥିରତା, ଦୃଢ଼ତା, ବିଶ୍ୱାସ, ପ୍ରେମ, ଭକ୍ତି, ମୁକ୍ତି ସବୁକିଛି ମିଳିଯିବ । ଆସ୍ତେ ଆସ୍ତେ ସବୁ ସମସ୍ୟାର ସମାଧାନ ହୋଇଯିବ । ଉଦ୍ୟମରେ କିନ୍ତୁ ହେଳା କରିବୁ ନାହିଁ । କର୍ମବିମୁଖ ହୋଇ ଆଳସ୍ୟପରାୟଣ ହେବୁ ନାହିଁ । ଧାରାଧରି ଅବିଶ୍ୱାସୀ କିମ୍ବା କୃତଘ୍ନ ସାଜିବୁ ନାହିଁ । ସେବା, ଦାନତ୍ୟାଗ, ଭକ୍ତିରେ ହେଳା କରିବୁ ନାହିଁ । କୃପଣ ସାଜି ଅତ୍ୟଧିକ ସଞ୍ଚୟ କରିବୁ ନାହିଁ । ଦୁଇହାତ ଖୋଲି, ଖୋଲା ମନପ୍ରାଣରେ ଅକୁଣ୍ଠିତ ଦାନ କରିବୁ, ତ୍ୟାଗ କରିବୁ । ଦେଖିବୁରେ ମଣି, ଏପରି କରୁଁକରୁଁ ଈଶ୍ୱରଙ୍କର କୃପା ପାଇଯିବୁ । ସନାତନ ପୁରୁଷଙ୍କର କରୁଣା ଲାଭ କରିବୁ । ନିରାକାର ପରଂବ୍ରହ୍ମଙ୍କର ସତ୍ତା ଆପଣା ମଧ୍ୟରେ ଅନୁଭବ କରିପାରିବୁ ।

ଆମର ସୁବିଧା ଅସୁବିଧାରେ ସଖାପରି ସହଯୋଗ କଲେ, ଲୀଳାଙ୍ଗ ହୋଇଯିବୁରେ, ଜ୍ୟୋତି ଦର୍ଶନ କରିପାରିବୁ । ଏହାପରା ଶାସ୍ତ୍ରର କଥା ! ଗୁରୁସେବା ଠାରୁ ବଳି ସେବା କ'ଣ ଆଉ କିଛି 'ଅଛିରେ ? ନିର୍ଲଜଙ୍କ ପରି ଏହି କଥା ଶେଷରେ ଆମକୁ ଖୋଲି କହିବାକୁ ହେଲା । ଆମ ମନ କ'ଣ ବୁଝିପାରୁନୁ ବାବୁ ? ଧନସମ୍ପତ୍ତି ଠୁଳ କରୁଛୁ ?ସେ କ'ଣ ତୋତେ ଉଚିତ୍ ପଥରେ ଚଳେଇ ନେଇ ବାଞ୍ଛିତ ଫଳ ଦେଇ ପାରିବରେ ଧନ ? ତାହା ଯଦି ହୋଇ ପାରୁଥାନ୍ତା, କୋଟିପତି ଲକ୍ଷପତିମାନେ ଚରମ ସିଢ଼ିରେ ଚଢ଼ି ମୁକ୍ତି ମୋକ୍ଷ ନିର୍ବାଣ ପାଇ ଯାଉଥାଆନ୍ତେ । ତା' କ'ଣ କେବେ ଏ ଧରାଧାମରେ ହୋଇଛି ବାବୁ ? ଗୋଟିଏ ଉଦାହରଣ ଦେଇପାରିବୁ କି ମଣି ?

ଲୋଭ ତୋତେ ଜାଲରେ ପକାଇ ଦେଉଛି କି ରଙ୍କ ? ତା'ହେଲେ ତୁ ମୋତେ ଭଲ ପାଇ ପାରିବୁନିରେ ! ଲୋଭ ଜାଲରୁ ଖସିବାକୁ ଚେଷ୍ଟା କର । ଲୋଭ ଜାଲରେ ନ ପଡ଼ିବା ପାଇଁ ଜାଗ୍ରତ ରହିଥିବୁ । ଯେତେ ପାରୁ ସେତେ ବୀଜମନ୍ତ୍ର ମାନସ ଜପ କରିଚାଲ । ଶ୍ରୀଗୁରୁଚରଣରେ ମନଟି ନିବେଶ କରି ଅହରହ ଆମକଥା ମନରେ ଭାବୁଥିବୁ, ତେଣେ ବୁଦ୍ଧି ବିବେକ ଖଟେଇ ଇନ୍ଦ୍ରିୟମାନଙ୍କ ଦ୍ୱାରା ସାଂସାରିକ କାର୍ଯ୍ୟ କରୁଥିବୁ । ଦେଖିବୁ, କର୍ମବନ୍ଧନରେ ପଡ଼ିବୁ ନାହିଁ । ଏହାକୁ ହିଁ କହନ୍ତି ନିଷ୍କାମ କର୍ମ । କର୍ମଫଳ ଭୋଗ କରିବାକୁ ପଡ଼ିବ ନାହିଁ । ଅର୍ଜିତ ଓ ସଞ୍ଚିତ ଧନ ଗୁରୁଦ୍ୱାରରେ ଆଶ୍ରମ ସଂଗଠନରେ ବିଶ୍ୱକଲ୍ୟାଣ ନିମନ୍ତେ ଅକାତରରେ ଆନନ୍ଦ ମନରେ ଦେଇପାରିବୁ । ତୁ କ'ଣ ଲକ୍ଷ୍ୟକରି ପାରୁନୁରେ ଧନ, ତମରିମାନଙ୍କ ମଧ୍ୟରୁ ଅନେକେ ଏପରି ସ୍ତରକୁ ଉଠି ଗଲେଣି ବୋଲି ? ସେମାନଙ୍କୁ ଖୋଜି ପଚାରି ବୁଝିନେବୁ, ସେମାନଙ୍କର କିପରି ଦିବ୍ୟ ଅନୁଭୂତି ସବୁ ହୋଇଛି, ହେଉଛି । ଏହିପରି କରୁଁକରୁଁ ବୁଦ୍ଧିବୃତ୍ତି ସ୍ମୃତି ସବୁ କଟିଯିବ, ଇନ୍ଦ୍ରିୟାତୀତ ଅନୁଭୂତି ହେବ, ଦେହଭାବ କଟିଯିବ । ଏହା ହିଁ ଦେହାତୀତ ଭାବ । ଦେହାତୀତ ଭାବ ଧାରଣର ଏହା ହିଁ ଧାରା, ଏହା ହିଁ ସୂତ୍ର, ଏହା ହିଁ ପଥ । ଏହା ଆମର ଚରମ ମତ ।

ଗୁରୁ ରୂପରେ ବରଣ କଲୁ । ଗୁରୁ ଗ୍ରହଣ କଲୁ । ଧାରା ଧରିଲୁ, ମନ୍ତ୍ର ନେଲୁ । ଅଥଚ ଗୁରୁବାକ୍ୟ ପାଳନ କରିବୁ ନାହିଁ । ସଂଘ ଓ ପରିଷଦ ସହିତ ନିବିଡ଼ ସମ୍ପର୍କ ରଖି କାର୍ଯ୍ୟବାହି ନେବୁନାହିଁ । ଆମ ପାଖରେ ଆସି ନାନାଦି ସମସ୍ୟା ଥୋଇ ରିହାତି ମାଗି ନେଇ ଖସି ଯିବାକୁ ଚାଲାକି ଦେଖେଇବୁ । ତ୍ୟାଗ, ଦାନ, ସେବା, ନିଷ୍ଠା ଇତ୍ୟାଦି ବେଳକୁ ପଛେଇ ରହିଲେ, ପ୍ରାପ୍ତି ବେଳକୁ ଆଗେଇବୁ କିପରିରେ ରଙ୍କରତନ ମୋର ! ତୁ କ'ଣ ଜାଣିନୁରେ ଧନ, ଆମେ ନିଷ୍କ୍ରିୟ, ଆମେ ନିରାମୟ, ଆମେ ଇଚ୍ଛାଧୀନ ବୋଲି । ତମ ଅନ୍ତଃକରଣର ସଞ୍ଚିତଭାବକୁ ନେଇ ଆମେ ଖେଳା କରୁ । ତାହା ହିଁ ଆମର ଲୀଳା । ତମେ କୃପଣତା ଭାବ ପୋଷଣ କରି ଆସିଲେ, ଆମେ ତମକୁ ବଦାନ୍ୟ କରିପାରିବୁ କିପରି ? ତମ ଭାବରେ ଆମେ ଭାବଗ୍ରାହୀ । ତମେ ବିଶ୍ୱାସ ନେଇ ଆସିଲେ, ଆମେ ତାହାକୁ ଦୃଢ଼ କରିଦେଉ, ଅବିଶ୍ୱାସ ଭାବ ପୋଷଣ କଲେ, ଅବିଶ୍ୱାସୀ ହୋଇଯିବୁରେ, ସବୁ ସାଧନା ଏ ଜନ୍ମ ପାଇଁ ପଣ୍ଡ ହୋଇଯିବ ଯେ ।

ଚରମରେ, ମୋର କଳାମାଣିକ ! ତୁ ପରା ସନ୍ଦେଶପତ୍ର ନେଇଛୁରେ ଧନ ? ସେଥିରେ ଥିବା ଦଶମୋଦକକୁ ସାଧନ କଲୁଣି କି ବାବୁ ? ସଂଘରେ ରହିବାର ନିୟମାବଳୀ ହେଉଛି ଦଶମୋଦକ । ସେହି ଦଶମୋଦକ ସାଧନ ନ କଲେ, ସଂଘରେ ରହିବାର ମାନେ କିଛି ହୁଏନାରେ ରଙ୍କରତନ । ସାଧନ ନ କଲେ, ସିଦ୍ଧି ମିଳେନା । ତେଣୁ, ତୁ ଉଚ୍ଚନୀଚ ଭେଦଭାବ ରଖିବୁ ନାହିଁ । ଏଥି ନିମେନ୍ତ ତୋତେ ଲଜ୍ଜା, ଘୃଣା, ଭୟ ଛାଡ଼ିବାକୁ ହେବ । ଶିକ୍ଷାଗତ ଯୋଗ୍ୟତା ମାପିବୁ ନାହିଁ । ଗର୍ବ, ଅହଂକାର କରିବୁ ନାହିଁ । ପରଶ୍ରୀକାତର ବା ଈର୍ଷାପରାୟଣ ଏବଂ ହିଂସ୍ରକ ହେବୁ ନାହିଁ । ଅହଂଭାବ ପୋଷଣ କରିବୁ ନାହିଁ । ଦିନ ମାପିବୁ ନାହିଁ ବାବୁ । ପୂର୍ବ ଜନ୍ମାନ୍ତରର ସମ୍ପର୍କକୁ ଯୋଡ଼ି ଆମ ସହିତ ନିଜ ସମ୍ପର୍କ ସଂଲଗ୍ନ କରି ସାଂସାରିକ ଭାବ ଲଗାଇ ସ୍ୱାର୍ଥବୁଦ୍ଧି ସମ୍ପନ୍ନ ହୋଇ ଅହଂଜ୍ଞାନ ପ୍ରୟୋଗ କରିବୁ ନାହିଁ । ନୈରାଶ୍ୟର ତୀବ୍ର ଦଂଶନର ପ୍ରତିକ୍ରିୟାରୁ ଶ୍ରୀଗୁରୁଙ୍କ ପ୍ରତି ନିନ୍ଦାସୂଚକ ବାକ୍ୟ ପ୍ରୟୋଗ କରିବୁ ନାହିଁ । ବହୁ ମିଳାମିଶା କରି ବିକୃତ ଭାବ ଏବଂ ପ୍ରକୃତି ବୈକଲ୍ୟରେ ପଡ଼ିବୁ ନାହିଁ । ବହୁ ମିଳାମିଶାରୁ ଦେହଘଷା ଭାବ ଜାତ ହୁଏ । ଏହା ଫଳରେ ଆମକୁ ସାଧାରଣ ମଣିଷଟିଏ ଭାବି ନିଜର ସଞ୍ଚିତ ମହାଭାବକୁ ନଷ୍ଟ କରିବୁ ନାହିଁ ଧନ । ତୋ ସ୍ନେହବନ୍ଧନରେ ମୋତେ ବାନ୍ଧି ରଖିବାକୁ ଅପଚେଷ୍ଟା କରିବୁ ନାହିଁ । ବରଂ ଆମ ସ୍ନେହ ବନ୍ଧନରେ ବାନ୍ଧି ହୋଇ ରହିବୁରେ ବାପ । ଦ୍ରବ୍ୟବନ୍ଧନରେ ଆମକୁ ବାନ୍ଧିବୁ ନାହିଁ । ବରଂ, ତୋର ଯାହା ଦେବାକୁ ଇଚ୍ଛା ହେଉଛି, ଦେଇଦେରେ ବାବୁ । ବଦଳରେ କିଛି ଆଶା ରଖ ନାହିଁ । ଦେଖିବୁ, ସବୁ ତୋର ହୋଇଯାଇଛି । ବିକାରଗ୍ରସ୍ତ ହୋଇ ସଂଘ ବର୍ଜନ କରିବୁ ନାହିଁ । ମନେ ରଖିଥିବୁ : ''ସଂଘଂ ଶରଣଂ ଗଚ୍ଛାମି ।'' ସଂଘରେ ତଥା ସତ୍‌ସଙ୍ଗରେ ନିୟମିତ ବିଧିପୂର୍ବକ ଯୋଗ ଦେଲେ, ପ୍ରାରବ୍ଧହାନୀ ହୋଇଥାଏ । ତେଣୁ ଶାଖା ସତ୍‌ସଙ୍ଗ ଠାରୁ ଆରମ୍ଭ କରି ସବୁ ସତ୍‌ସଙ୍ଗ ଓ ଉତ୍ସବରେ ଯୋଗ ଦେବୁ । ଏଥି ନିମନ୍ତେ ଅଞ୍ଜଳି ଦେବୁ । ନିଜର ଅହଂଜ୍ଞାନ ପ୍ରୟୋଗ କରିବୁ ନାହିଁ । ଆମ ନୀତି ଓ ଆଦର୍ଶ ମାନି ଚଳିବୁ । ପରିଷଦ କର୍ମକର୍ତ୍ତାଙ୍କର ବିଶ୍ୱାସଭାଜନ ହେବୁ, ଆଜ୍ଞା ମାନି ଚଳିବୁ । ନୋହିଲେ ଶୃଙ୍ଖଳା ରହିବ କିପରି ? ଶ୍ରୀପଦକୁ ଛାଡ଼ି ପଦବୀ ପାଇଁ ଲାଳାୟିତ ହେବୁ ନାହିଁ । ତେବେ, ଆମେ ବା ଆମ ଦ୍ୱାରା ନିର୍ବାଚିତ ଓ ମନୋନୀତ ପରିଷଦ୍ କର୍ମକର୍ତ୍ତାଙ୍କ ଦ୍ୱାରା ଦିଆଯାଉଥିବା ଦାୟିତ୍ୱ ତୁଲାଇନେବୁ । ଆମର ଆଦର୍ଶ ପରା : ସହି ପାରୁ ନ ଥିବୁ, କହି ପାରୁ ନ ଥିବୁ, ମାତ୍ର କାର୍ଯ୍ୟବାହି ନେଉଥିବୁ । ଅବାଧ୍ୟ ହେଲେ, ଗୁରୁଦ୍ରୋହୀ ହୋଇଯିବୁ ଯେ । ବଡ଼ସାନ ବିଚାର କରିବୁ ନାହିଁ । ଏଠାରେ କେହି ବଡ଼ ନୁହଁନ୍ତି କି କେହି ସାନ ନୁହଁନ୍ତି । ଏଠାରେ ପରା ସମସ୍ତେ ସମାନ । ସାମ୍ୟନୀତି ମାନି ଚଳିବୁ । ଏ ସକଳ ମାନି ଚଳିଲେ ଚରିତ୍ର ଗଠନ ହେବ । ତୁ ମଧ୍ୟ ଏସବୁ ମାନି ଚରିତ୍ର ଗଠନ କରିବୁରେ ବାବୁ । ସର୍ବଦା ଏକମୁଖୀ ହେବୁ । ଗୁରୁଙ୍କ ଶ୍ରୀପଦରେ ମନଟି ଥୋଇଥିବୁ । ମୈତ୍ରୀଭାବ ପୋଷଣ କରିବୁ । ବିଦ୍ୱେଷୀ ବା ବିଦ୍ରୋହୀ ହେବୁ ନାହିଁ । ଭ୍ରାତୃତ୍ୱ ସ୍ନେହରେ ଅବଗାହୀ ହେବୁରେ ଧନ !

**ଚରମ**ରେ, ଦିନେ ମୋତେ ତୁ ପଚାରିଥିଲୁ : ପିତା, ମୁଁ କ'ଣ ତୁମର ଏକମାତ୍ର ଗେହ୍ଲାପୁଅ ? ତୁମର କ'ଣ ଆଉ ସନ୍ତାନସନ୍ତତି ନାହାନ୍ତି ? ଗେହ୍ଲାପୁଅ ନାହାନ୍ତି ? ''ଅଛନ୍ତିରେ ଧନ, ଅଛନ୍ତି । ବହୁ ସନ୍ତାନର ପିତା ମୁଁ । କିନ୍ତୁ ଏତେ ସନ୍ତାନସନ୍ତତି ଥାଇଁ ଥାଇଁ, ମୋତେ ନିଃସନ୍ତାନ ପରି ବୋଧ ହେଉଛି । ବାବୁରେ, ଏ ଧରାଧାମରେ ଯେତେ ବ୍ୟକ୍ତି ଅଛନ୍ତି ସେମାନେ ସମସ୍ତେ ତୋର ଭାଇଭଉଣୀ । ସେମାନେ ସମସ୍ତେ ମୋର ପ୍ରିୟସନ୍ତାନ । ହେଲେ, ଆଜି ଦେଖ, ଭାଇ ଭାଇକୁ ଈର୍ଷା କରୁଛି, ଭାଇ ଭାଇକୁ ହିଂସା କରୁଛି । ଭାଇ ଭାଇ ସହିତ ବିବାଦ ରତ । ହତ୍ୟା, ରକ୍ତପାତ, ବ୍ୟଭିଚାର, ଲୁଣ୍ଠନ, ସାମ୍ପ୍ରଦାୟିକ ମନୋଭାବ ଇତ୍ୟାଦିର ବିଭତ୍ସ ନାରକୀୟ କାଣ୍ଡ ଆଜି ଭାଇ ଭାଇ ମଧ୍ୟରେ ଉପୁଜୁଛି । ଭାଇ ଦାଉରେ ଭାଇ ଆଜି ଭୂଲୁଣ୍ଠିତ । ଜଣେ ଭାଇ ଧନଦୌଲତର ଅଧିକାରୀ ତ ଅନ୍ୟ ଜଣେ ଭାଇ ଦାଣ୍ଡର ଭିକାରୀ । ଏହି ବୈଷମ୍ୟ ଅତୀବ ତୀବ୍ର । ପରସ୍ପର ସାହାଯ୍ୟ ସହଯୋଗ ସହାନୁଭୂତି

ରହିଲେ, ସକଳେ ସାମ୍ୟଭାବରେ ଜୀବନ ଅତିବାହିତ କରନ୍ତେ । ଏ ପୃଥିବୀରେ ନିତ୍ୟଶାନ୍ତି ବିରାଜମାନ କରନ୍ତା । ଚରମରେ, ମୋର ଧର୍ମନନ୍ଦନରେ, ତୁ ଥରେ ସେମାନଙ୍କୁ ବୁଝାଇ କହ : ଏ ସମଗ୍ର ବିଶ୍ୱ ଗୋଟିଏ ପରିବାର । ଏ ପରିବାରରେ ସକଳେ ଭାଇ ଭାଇ । ସମସ୍ତଙ୍କର ଜନ୍ମଦାତା ପିତା ଜଣେ । ସଭିଙ୍କ ମଧ୍ୟରେ ଜନ୍ମଗତ ଭ୍ରାତୃତ୍ୱ ସଂପର୍କ । ଧନରେ, ବିଶ୍ୱଭ୍ରାତୃତ୍ୱ ପ୍ରେମ ପ୍ରକୃତରେ ସନାତନ ମାନବିକ ଧର୍ମର ମୂଳନୀତି । ସେଥିରୁ କେବେ ବି ଓହରି ଯିବୁନି । ଏ ସମଗ୍ର ଜୀବଶରୀରରେ ତୋ ପିତାର ରକ୍ତ, ପିତାର ଅବୟବ, ତୋ ପିତାର ପ୍ରାଣ, ପିତାର ଜ୍ୟୋତି ବିରାଜିତ । ସକଳ ଜୀବଜଗତ ଗୋଟିଏ ଆତ୍ମସୂତ୍ରରେ ଛନ୍ଦା ହୋଇଛି । ତୋର ପିତା ଏବଂ ପିତାଙ୍କର ସନ୍ତାନସନ୍ତତି ଏ ଜୀବକୁଳ ଏକ ଏବଂ ଅଭିନ୍ନ । ଏ ନୀତି ଛାଡ଼ିଲେ, ସନାତନ ଧର୍ମନୀତିରେ ରହିବୁ କିପରି ? ବିଶ୍ୱଭ୍ରାତୃତ୍ୱ ଜାଗ୍ରତ କଲେ, ସର୍ବଦା ଏବଂ ସର୍ବଥା ଈଶ୍ୱରୀୟ ସତ୍ତା ଉପଲବ୍ଧି ନିଶ୍ଚୟ କରିବୁ ।


**ଚରମ**ରେ, ମୋର ପ୍ରିୟ ସନ୍ତାନରେ, ଆଜି ଏହି ସନାତନ ମାନବିକ ଧର୍ମର ମୂଳନୀତି ବିଶ୍ୱଭ୍ରାତୃତ୍ୱ ପ୍ରେମକୁ ଭୁଲି ମାନବ ସମାଜ ଧ୍ୱଂସାଭିମୁଖୀ ହୋଇଛି । ଧନରେ, ତୁ ସେମାନଙ୍କୁ ବୁଝାଇସୁଝାଇ ବୋଧ କରି ଆମ ନିକଟକୁ ଆଣ । ଆମେ ବୁଝାଇ ଦେବୁ । ସେଇଥିପାଇଁ ଆମେ ବାହୁ ପ୍ରସାରି ମୋର ପ୍ରିୟ ସନ୍ତାନସନ୍ତତିମାନଙ୍କୁ ଅପେକ୍ଷା କରି ରହିଛୁ । ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱର ଦିବ୍ୟଭାବ ସୃଷ୍ଟିକରି ସନାତନ ଧର୍ମ ବୀଜବପନ ପାଇଁ ଆମେ **''ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍''** ପ୍ରତିଷ୍ଠା କରିଛୁ । ଏହି ପରିଷଦ୍‌ର ପ୍ରବେଶଦ୍ୱାର ସ୍ୱରୂପ ଆଧ୍ୟାତ୍ମିକ ସଂସ୍ଥା **'ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ'** ଗଠନ କରିଛୁ । ପରିଷଦ୍‌ର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ରୂପେ ଆଉ ସବୁ ସଂସ୍ଥାମାନ ସ୍ଥାପନ କରିଛୁ । **କ୍ଷିତିଜ୍ୟୋତି ଆଶ୍ରମ**ର ଶାଖା ଉପଶାଖାମାନ ଠାବେ ଠାବେ ଖୋଲି ଦେଇଛୁ । ସତ୍‌ସଂଘ ମାଧ୍ୟମରେ ନାମ ପ୍ରଚାର କରାଉଛୁ । ଧର୍ମର ମୂଳନୀତି, ଆଚରଣ, ବିଶ୍ୱଭ୍ରାତୃତ୍ୱ, ସଦାଚାର ଇତ୍ୟାଦିରେ ଜନସମାଜକୁ ଉଦ୍‌ବୁଦ୍ଧ କରିବାର ଧାରା ଦେଉଛୁ  ଚରମରେ, ତୁ ଏ ସବୁରେ ଆନ୍ତରିକ ସାହାଯ୍ୟ ସହଯୋଗ କରିବୁ ଏବଂ ଅନ୍ୟମାନଙ୍କୁ ଏଥିରେ ସାମିଲ କରିବା ନିମନ୍ତେ ଆନ୍ତରିକ ଉଦ୍ୟମ କରୁଥିବୁ ।


ଧର୍ମନନ୍ଦନ ମୋ **ଚରମ**ରେ, ତୋ ପ୍ରାଣରେ କ'ଣ ଆମ ବାଣୀ ଭେଦି ନାହିଁରେ ? ଆମେ ପରା ତମମାନଙ୍କର ଚଲାପଥରେ ଫୁଲ ଚନ୍ଦନ ବର୍ଷିଦେଇ ବାଣୀମାନ ଦେଉଛୁ । ଆମ ବାଣୀ ପରା ଚରମ ଓ ଚିନ୍ତନ ପୃଷ୍ଠାରେ ନିୟମିତ ପ୍ରକାଶ ପାଉଛି । ସତ୍‌ସଙ୍ଗରେ ମଧ୍ୟ ଆଲୋଚିତ ହେଉଛି । ଏହି ବାଣୀସବୁ ମାନି ଚଳିଲେ ସାଧନଭଜନର ପଥ ଖୋଲିଯିବ । ମୁକ୍ତି, ମୋକ୍ଷ, ନିର୍ବାଣପ୍ରାପ୍ତି ସହଜ, ସରଳ ଓ ସୁଗମ ହୋଇଯିବ । ମାନି ଚଳିବୁରେ ବାବୁ ।

ରଙ୍ଗରତନରେ, ଅବ୍ୟକ୍ତବିନ୍ଦୁର ଜ୍ୟୋତି ତୋତେ ଜ୍ୟୋତିସ୍ନାନ କରୁଛି । ତୋ ନତଶିରରେ ଆମ ଆଶିଷର ଧାରା ଝରି ପଡୁଛି । ତୁ ନିର୍ଭୀକ, ତୁ ବୀରପୁତ୍ର । ତୁ ନିଖିଳ ବିଶ୍ୱରେ ବିଶ୍ୱଭ୍ରାତୃତ୍ୱର ପ୍ରେମ ମନ୍ଦାକିନୀ ପ୍ଲାବନ କରି ପ୍ରାଣେ ପ୍ରାଣେ ଧର୍ମ ପ୍ରଦୀପ ଜାଳି ଦେଇ ପୁଣି ଥରେ ମୋରି କୋଳକୁ ଫେରିଆ । ମୁଁ ତୋତେ ଆଶୀର୍ବାଦ କରୁଛି । ତୋତେ କଲ୍ୟାଣ ଦେଉଛି । ଇତି,

ତୋର ଚିର କଲ୍ୟାଣକାରୀ,

ପିତା ।





# ପୁରାଣ ପୃଷ୍ଠାରୁ

## ଗଳ୍ପଟି

ପୁରାତନ ଇତିହାସ ହିଁ ପୁରାଣ । ଇତିହାସ ମିଥ୍ୟା ନୁହେଁ । ପୁରାଣ ମଧ୍ୟ ମିଥ୍ୟା ନୁହେଁ । ଇତିହାସର ପୁନରାବୃତ୍ତି ଘଟିଲା ପରି ପୁରାଣର ମଧ୍ୟ ପୁନରାବୃତ୍ତି ଘଟେ, ଘଟୁଛି । ଜଡ଼ବୁଦ୍ଧି ସମ୍ପନ୍ନ ଅହଂଙ୍କାରୀରୁ ଅନେକେ ଏହା ବିଶ୍ୱାସ କରନ୍ତି ନାହିଁ, କେତେକ ଏହାର ବିରୋଧ କରନ୍ତି ମଧ୍ୟ । ତଥାପି ଏହା ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ପରି ସତ୍ୟ ଓ ସନାତନ । ଅବିଶ୍ୱାସ ଓ ବିରୋଧ ଦ୍ୱାରା ସୂର୍ଯ୍ୟୋଦୟକୁ ଅସ୍ୱୀକାର କରାଯାଇ ପାରେନା, ସୂର୍ଯ୍ୟାସ୍ତର ଗତିରୋଧ ମଧ୍ୟ କରାଯାଇ ପାରେନା । କିନ୍ତୁ ପ୍ରତିଟି ପୌରାଣିକ ଆଖ୍ୟାୟିକାର ଅନ୍ତରାଳରେ ଏକ ତାତ୍ତ୍ୱିକ ବ୍ୟାଖ୍ୟା ରହିଛି । ଏହି ସ୍ତମ୍ଭରେ ସଂଯୋଜିତ ପୁରାଣ କଥା ସହିତ ତାତ୍ତ୍ୱିକ ମୀମାଂସା ଅତ୍ୟନ୍ତ ଉପଯୋଗୀ ଓ ସୁଖପାଠ୍ୟ । ଏଥର ଆସନ୍ତୁ ପଢ଼ିବା......

## ଖାଣ୍ଡବ ବନର ପୂର୍ବବୃତ୍ତାନ୍ତ ଓ ବିଷ୍ଣୁଙ୍କର ନବଗୁଞ୍ଜର ରୂପ

ମହାରାଜା ମନୁ ଅଗସ୍ତି ମୁନିଙ୍କ ପାଦପୂଜା କରି ଖାଣ୍ଡବ ବନ ନାମକରଣ ଓ ଅନଳରେ ତାହା ପୋଡ଼ି ଭସ୍ମ ହେବାର କାରଣ ପଚାରିଲେ । ମନୁ ମହାରାଜାଙ୍କର ପ୍ରଶ୍ନର ଉତ୍ତର ଦେଇ ଅଗସ୍ତି କହିଲେ :

ଏକଥା ସତ୍ୟ, ତ୍ରେତା, ଦ୍ୱାପର ତିନିଯୁଗର ଦିବ୍ୟରୀତି । ସତ୍ୟଯୁଗରେ ଏକଦା ବ୍ରହ୍ମା ଏବଂ ବୃହସ୍ପତି ଏକତ୍ର ବସି ନାନାଦି ପ୍ରସଙ୍ଗରେ କଥାବାର୍ତ୍ତା ହେଉଥିଲେ । ଏହି ସମୟରେ ଇନ୍ଦ୍ର ସେଠାରେ ଉପସ୍ଥିତ ହୋଇ ଯଥାବିଧି ମାନ୍ୟକରି ବ୍ରହ୍ମାଙ୍କୁ ପଚାରିଲେ : ''ଗୋଟିଏ ତୋଟା ରୋପିବା ପାଇଁ ମନ ବଳାଇଛି । ଆପଣ ଏହାର ଅନୁକୂଳ ଶୁଭଦିନ ଧାର୍ଯ୍ୟ କରିଦିଅନ୍ତୁ ।'' ବ୍ରହ୍ମା ଏକଥା ବୃହସ୍ପତିଙ୍କୁ ପଚାରିବା ପାଇଁ ଉପଦେଶ ଦିଅନ୍ତେ ଇନ୍ଦ୍ରଦେବଙ୍କର ପ୍ରଶ୍ନର ଉତ୍ତର ଦେଇ ବୃହସ୍ପତି ତୋଟା ନିର୍ମାଣର ଶୁଭାଶୁଭ ଜଣାଇଲେ । ଉତ୍ତମ ଯୋଗ, ଲଗ୍ନ, ନାଡ଼ି, ନକ୍ଷତ୍ର, କରଣ, ଯୋଗ, ବାର, ତିଥିରେ ଆକାଶଗଙ୍ଗା କୂଳରେ ଆଡ଼ ଦୀର୍ଘ ମାପି ବ୍ରହ୍ମାଙ୍କ ଉପସ୍ଥିତିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନାମ ଉଚ୍ଚାରଣ କରି ଶୁଭ ଅନୁକୂଳରେ ପ୍ରଥମେ ବିଷ୍ଣୁ ବୃକ୍ଷ ସ୍ଥାପନ କଲେ । ଇନ୍ଦ୍ରରାଜା ଆପଣା ହସ୍ତରେ ଗାତ ଖୋଳି ବିଷ୍ଣୁ ବୃକ୍ଷ ରୋପଣ କଲେ । ସେଠାରୁ ସେହି ସ୍ଥାନରେ ତୋଟା ନିର୍ମାଣର ଶୁଭ ଦେଇ ଅର୍ଘ୍ୟ

ଘେନି ବୈକୁଣ୍ଠପୁରକୁ ଗଲେ ଏବଂ ବିଷ୍ଣୁଙ୍କ ପାଦରେ ଅର୍ଘ୍ୟଦେଇ ଇନ୍ଦ୍ର କହିଲେ : ହେ ଦେବାଧିରାଜ ଦେବଦେବ, ମୋର ଏହି ତୋଟା ଖଣ୍ଡନ ହେବ ନାହିଁ, ଅଖଣ୍ଡ ରହିବ, ତେଣୁ ଏହାର ନାମ ଖାଣ୍ଡବ ବନ ହେବ । ଇନ୍ଦ୍ର ସେହି ବନରେ ନାନାପ୍ରକାର ଅମର ଔଷଧି ବୃକ୍ଷଲତା ଗୁଳ୍ମ ସହିତ ସ୍ତମ୍ଭନ, ମୋହନ,ଉଚ୍ଚାଟନ, ବଶୀକରଣ ଆଦି ବୃକ୍ଷମାନ ରୋପଣ କଲେ । ଆକାଶଗଙ୍ଗାର ଜଳରେ ସେ ବନର ବୃକ୍ଷଲତା ଗୁଳ୍ମ ଆଦି ସତେଜ ରହି ନାନା ପ୍ରକାର ଫୁଲଫଳରେ ଶୋଭିତ ହେଲା । ଏହା ଦେଖି ଇନ୍ଦ୍ର ହୃଷ୍ଟ ହେଲେ । ହେ ରାଜା ମନୁ, ଏହିରୂପେ ସତ୍ୟ, ତ୍ରେତୟା, ଦ୍ୱାପର ତିନିଯୁଗ ପର୍ଯ୍ୟନ୍ତ ଖାଣ୍ଡବ ବନ ଅଖଣ୍ଡ ହୋଇ ରହିଲା ।

ରାଜା ମନୁ ଅଗସ୍ତିମୁନିଙ୍କୁ ପ୍ରଶ୍ନ କଲେ : ହେ ତପସ୍ୱୀ ପ୍ରବର, ଯେଉଁ ତୋଟାର ଅନୁକୂଳ ଶୁଭ ଦେବଗୁରୁ ବୃହସ୍ପତି ଦେଲେ ପୁଣି ସ୍ୱୟଂ ଇନ୍ଦ୍ର ସ୍ୱହସ୍ତରେ ବୃକ୍ଷ ରୋପିଲେ, ସେ ତୋଟା କାହିଁକି ଅଗ୍ନିରେ ଦଗ୍ଧ ହେଲା, ତାହା ଫିଟାଇ କୁହନ୍ତୁ । ତହୁଁ ଅଗସ୍ତି ମୁନି ପୁରାଣକୁ ଚାହିଁ କହିଲେ : ମହାଭାରତର ମହିମା ଅତୀବ ଅଗୋଚର । ଆମକୁ ଯେତିକି ଦୃଶ୍ୟ ହେଉଛି, ଆମେ ସିନା ସେତିକି କହିବୁ, ଯାହା ଆମ ଦୃଷ୍ଟିର ଅଗୋଚର ତାହା କିପରି ଜାଣିବା ବା କିପରି କହିବା ? ତହୁଁ ସେ ଯୋଗଲୟରେ ବସି କହିଲେ, ହେ ରାଜା ମନୁ, ତମ ଚରିତ୍ର ଓ ହୃଦୟ ନିର୍ମଳ ବୋଲି ଜାଣୁଛୁ, ତେଣୁ ଖାଣ୍ଡବ ବନ ଦହନର ବୃତ୍ତାନ୍ତ କହୁଛୁ । ମନ ସ୍ଥିର କରି ଶୁଣ ।

ଖାଣ୍ଡବବନ ଦହନ ପରେ ଇନ୍ଦ୍ର ଦେବସଭା ଡକାଇଲେ । ବ୍ରହ୍ମା, ବୃହସ୍ପତିଙ୍କ ସମେତ ସକଳ ଦେବତାଙ୍କ ଉପସ୍ଥିତିରେ ଇନ୍ଦ୍ର କହିଲେ : ହେ ସୁରଗୁରୁ ବୃହସ୍ପତି, ଆପଣ ମୋର ଦୋଷ ନ ଧରି ମୋ ପ୍ରଶ୍ନର ଉତ୍ତର ଦେବେ । ଆପଣ ନିଜେ ଶୁଭ ଅନୁକୂଳ ଦେଲେ, ବ୍ରହ୍ମା ନିଜେ ଅର୍ଘ୍ୟଦାନ କଲେ, ଆମେ ସ୍ୱୟଂ ବୃକ୍ଷ ରୋପଣ କଲୁଁ । ତଥାପି ଏ ତୋଟା କାହିଁକି ଜଳିଗଲା ? ମୋ ବିଚାରରେ ଏଥିପାଇଁ ଅଗ୍ନି ଏବଂ ଅର୍ଜୁନ ଦୋଷୀ ଅଟନ୍ତି । ତେଣୁ ସେମାନେ ମୋର ଶତ୍ରୁ । ଆପଣ ଏହାର ବୃତ୍ତାନ୍ତ ମୋତେ କୁହନ୍ତୁ । ଇନ୍ଦ୍ରଙ୍କର ପ୍ରଶ୍ନ ଶୁଣି ବ୍ରହ୍ମା ଓ ବୃହସ୍ପତି ଭାଳି ହେଲେ । ବ୍ରହ୍ମାଙ୍କ ମୁଖକୁ ଚାହିଁ ବୃହସ୍ପତି କହିଲେ, ଏଥିରେ ଅଗ୍ନି କିମ୍ବା ଅର୍ଜୁନଙ୍କର କିଛି ଦୋଷ ନାହିଁ । ଏହାର କିଛି ବିଶେଷ ଭବିଷ୍ୟ ରହିଛି । ମୁଁ ଲକ୍ଷେକ ଜ୍ୟୋତିଷ ଗ୍ରନ୍ଥ ଓ ଶାସ୍ତ୍ର ଖୋଜି ଏହାର; କିଛି ହିଁ ଅଶୁଭ ଦେଖି ପାରିନାହିଁ । ତେଣୁ ଚାଲ, ଆମେ ତିନିହେଁ କୈଳାସ ପର୍ବତକୁ ଯିବା । ସେଠାରେ ଦେବୀପାର୍ବତୀଙ୍କୁ ଏ ପ୍ରଶ୍ନର ଉତ୍ତର ପଚାରିବା, କାରଣ ଦେବୀ ଲକ୍ଷେ ପର୍ଯ୍ୟନ୍ତ ଜ୍ୟୋତିଷ ଗ୍ରନ୍ଥ ପଢ଼ିଛନ୍ତି, ଏ କଥାର ସନ୍ଧି ସେ ଫିଟାଇ କହିବେ ।

ତଦନୁସାରେ ବୃହସ୍ପତି, ବ୍ରହ୍ମା ଏବଂ ଇନ୍ଦ୍ର କୈଳାସ ପର୍ବତକୁ ଯାଇ ମହାଦେବୀଙ୍କୁ ଭେଟିଲେ । ଏ ତିନି ଜଣଙ୍କର ପ୍ରଶ୍ନ ଶୁଣି ଦେବୀ ହୈମବତୀ କହିଲେ, ଏ ପ୍ରଶ୍ନର ଉତ୍ତର ମୁଁ ଦେଇପାରିବି ନାହିଁ, କାରଣ ଶାସ୍ତ୍ରମତେ କୌଣସି ଅଶୁଭ ଲଗ୍ନ ମୁଁ ଦେଖିପାରୁ ନାହିଁ । ଦେବୀ ଉମା ଅଳ୍ପ ହସି କହିଲେ, ତମେମାନେ ଯାଇ ଦେବ ଦେବ ବିଶ୍ୱନାଥଙ୍କୁ ଏକଥା ପଚାରି ବୁଝ । ତାଙ୍କ ଗର୍ଭରେ ଲକ୍ଷାଧିକ ଜ୍ୟୋତିଷ ଗ୍ରନ୍ଥ ରହିଛି । ତହୁଁ ବ୍ରହ୍ମା, ବୃହସ୍ପତି ଓ ଇନ୍ଦ୍ର ମହେଶ୍ୱରଙ୍କ ଛାମୁରେ ମିଳି ଏହି ପ୍ରଶ୍ନ ଉଠାଇଲେ । ଦେବଦେବ ମହାଦେବ ସ୍ୱଗର୍ଭକୁ ଧ୍ୟାନ ଲୟ ଲଗାଇ ଉତ୍ତର ଦେଲେ, ଖାଣ୍ଡବ ବନ ଦହନର କାରଣ ଏବେ ସାବଧାନ ହୋଇ ଶୁଣ ।

ଈଶ୍ୱର କହିଲେ, ଚନ୍ଦ୍ର ସକଳ କାମକଳା ପରିବନ୍ଧରେ ପ୍ରବୀଣ । ତେଣୁ ଦକ୍ଷ ନିଜର ସତେଇଶ ଜଣ କନ୍ୟାଙ୍କୁ ଚନ୍ଦ୍ରଙ୍କୁ ଦାନକଲେ । ଚନ୍ଦ୍ର ପ୍ରତ୍ୟେକ କନ୍ୟାକୁ ଅଢ଼େଇ ଦିନ ଭୋଗ କରନ୍ତି । ଏକଦା ଉତ୍ତରଭାଦ୍ର କନ୍ୟାପୁରରେ ଚନ୍ଦ୍ର ଥିଲେ । ରତିକ୍ରୀଡ଼ା ଶେଷରେ ତହୁଁ ବାହାର ହେଲେ । ରେବତୀ କନ୍ୟା ଉପରେ ଚନ୍ଦ୍ରଙ୍କର ଦୃଷ୍ଟି ପଡ଼ିଲା । ତହୁଁ ଚନ୍ଦ୍ରଙ୍କର ହୃଦୟରେ ପ୍ରବଳ କାମ ଅନଳ ଜଳିଲା । ଯେଉଁ ସମୟରେ ଉତ୍ତରଭାଦ୍ରପୁରରୁ ଚନ୍ଦ୍ର ବାହାର ହୋଇ ରେବତୀ ଉପରେ ଚନ୍ଦ୍ର ଦୃଷ୍ଟି ପକାଇଥିଲେ, ସେହି ସମୟରେ ଖାଣ୍ଡବ ଅନୁକୂଳ ଦେଇଥିବାରୁ

ଖାଣ୍ଡବବନକୁ ଅଗ୍ନି ଭକ୍ଷଣ କଲେ । ଚନ୍ଦ୍ରଙ୍କର କାମଦୋଷରୁ ଖାଣ୍ଡବବନ ଅଗ୍ନି ଭକ୍ଷଣ କଲେ । ଏଥିରେ ଅର୍ଜୁନଙ୍କର କୌଣସି ଦୋଷ ନାହିଁ ।

ମହେଶ୍ୱରଙ୍କର ଶ୍ରୀମୁଖରୁ ଉତ୍ତର ଶୁଣି ବ୍ରହ୍ମା, ବୃହସ୍ପତି ଏବଂ ଇନ୍ଦ୍ର ବିଦାୟ ନେଇ ଆସିଲେ । ସେମାନଙ୍କ ମନରୁ ଭ୍ରାନ୍ତି ତୁଟି ଯିବାରୁ ସେମାନେ ପରମ ସନ୍ତୋଷ ଲାଭ କଲେ । ଦେବେନ୍ଦ୍ର ଅର୍ଜୁନ ବା ଅଗ୍ନିଙ୍କୁ ଆଉ ଅଯଥା ଦୋଷ ଦେଲେ ନାହିଁ ବା ଶତ୍ରୁ ଜ୍ଞାନ କଲେ ନାହିଁ । ଏହା ହିଁ ଖାଣ୍ଡବ ବନ ଓ ଖାଣ୍ଡବ ଦହନର ପୂର୍ବବାର୍ତ୍ତା । ଅଗସ୍ତିଙ୍କ ମୁଖରୁ ଏ ସନ୍ଦେଶ ପାଇ ମହାରାଜା ମନୁ ସନ୍ତୁଷ୍ଟ ହେଲେ ।

ତେଣେ ଅର୍ଜୁନଙ୍କର ବନବାସ ବାର୍ତ୍ତା ପାଇ ଚକ୍ରପାଣି ବିଷ୍ଣୁ ଦ୍ୱାରକାରୁ ହସ୍ତିନାକୁ ବିଜେ କଲେ । ମହାତପୀ ଅଗସ୍ତି ବୈବସ୍ୱତ ମନୁଙ୍କୁ ଏକ କଥା କହିଲେ, ଚୈତ୍ରମାସ । ଶୁକ୍ଳ ପକ୍ଷ । ତ୍ରୟୋଦଶୀ ତିଥି । ଶତଭିଷା ନକ୍ଷତ୍ର ଏବଂ କୁମ୍ଭରାଶିରେ ଚନ୍ଦ୍ର ବିଜେ କରିଥାଆନ୍ତି । ଗରୁଡ଼ ବାହନରେ ଚଢ଼ି ବିଷ୍ଣୁ ବାରୁଣାବନ୍ତରେ ବିଜେ କଲେ । ଯୁଧିଷ୍ଠିର, ଭୀମ, ନକୁଳ ଓ ସହଦେବ ଚାରିଭାଇ ଏବଂ ଅନ୍ୟାନ୍ୟ ରଥୀ ମହାରଥୀ ସମସ୍ତେ ଅଛନ୍ତି, କିନ୍ତୁ ବୀରପାର୍ଥ ନାହାନ୍ତି କାହିଁକି ବୋଲି ପ୍ରଭୁ ଯୁଧିଷ୍ଠିରଙ୍କୁ ପଚାରିଲେ । ମାତା କୁନ୍ତୀ ଶୋକ ଗଦଗଦ ହୋଇ କହିଲେ, ଅର୍ଜୁନ ବାରବର୍ଷ ପାଇଁ ବନବାସ କରିବାକୁ ଯାଇଛନ୍ତି । ଦେବ କମ୍ବୁପାଣି ଏହା ଶୁଣି ମନରେ ବିଷାଦ ଲାଭ କଲେ । ବୀର ଫାଲ୍‌ଗୁନି କାହିଁକି ବନକୁ ଗଲେ ବୋଲି ଗୋବିନ୍ଦ ଯୁଧିଷ୍ଠିରଙ୍କୁ ପଚାରିଲେ । ଯୁଧିଷ୍ଠିର ଏ ପ୍ରଶ୍ନ ମନ୍ତ୍ରୀ ସହଦେବଙ୍କୁ ପଚାରିବା ନିମନ୍ତେ ସବିନୟ ଅନୁରୋଧ କଲେ । ତହୁଁ ଦେବ ଚକ୍ରପାଣି ମନ୍ତ୍ରୀ ସହଦେବଙ୍କୁ ଘେନି ଅନ୍ୟତ୍ର ଏକାନ୍ତ ସ୍ଥାନକୁ ଗମନ କରି ଏହି ପ୍ରଶ୍ନ ପଚାରନ୍ତେ ମନ୍ତ୍ରୀବର ସହଦେବ ଯୋଡ଼ହସ୍ତରେ ଉତ୍ତର ଦେଲେ :

ଆମ୍ଭେ ପାଞ୍ଚଭାଇ ବସି ଏହି ନିୟମ କରିଥିଲୁ ଯେ, ଦ୍ରୌପଦୀଙ୍କ ଗୃହକୁ ପାଳି ଅନୁସାରେ ଜଣେ ଭାଇ ଯିବ । ଅନ୍ୟ ଭାଇ ସେହି ଏକାନ୍ତ କାଳରେ ତାହା ଦେଖିଲେ ଦଣ୍ଡ ସ୍ୱରୂପ ବାରବର୍ଷ ବନବାସ ବ୍ରତ ପାଳନ କରିବ । ଦୈବଯୋଗକୁ ସେଦିନ ଯୁଧିଷ୍ଠିରଙ୍କର ପାଳିଥାଏ । ଦ୍ରୌପଦୀ ଦେବୀଙ୍କ କକ୍ଷରେ ଯୁଧିଷ୍ଠିର ଠାକୁର ବିଜେ କରି କ୍ରୀଡ଼ା ରଙ୍ଗରେ ମାତିଥିଲେ । ସେହି ସମୟରେ ଅଗ୍ନିଦେବ କପଟରେ ଛଦ୍ମବେଶ ଧରି ଜଣେ ବ୍ରାହ୍ମଣ ରୂପରେ ଉପସ୍ଥିତ ହୋଇ ଅର୍ଜୁନଙ୍କୁ ଯାଇ ଯୁଧିଷ୍ଠିରଙ୍କୁ ବାର୍ତ୍ତା ଦେବାକୁ କହିଲେ । ଯୁଧିଷ୍ଠିର ଠାକୁରଙ୍କୁ ଯାଇ କୁହ ଜଣେ ବ୍ରାହ୍ମଣ ଦ୍ୱାରଦେଶରେ ଉଭା ହୋଇ ଅଛନ୍ତି । ଆମେ ତାଙ୍କୁ ଗୋଟିଏ ଗୁପ୍ତବାର୍ତ୍ତା ଦେବୁ । ଏକଥା କହି ଯୁଧିଷ୍ଠିରଙ୍କୁ ଏଠାକୁ ସାଙ୍ଗରେ ନେଇଆସ । ଏ କଥାକୁ ଅନ୍ୟଥା ବା ଅବଜ୍ଞା କଲେ, ଅଭିଶାପ ଦେଇ ବାରୁଣାବନ୍ତ ନଗରକୁ ଭସ୍ମ କରିଦେବି । ପାର୍ଥ ଅଗ୍ନିଦେବଙ୍କର ମାୟା ବୁଝି ନ ପାରି ଦ୍ରୌପଦୀଙ୍କ ପୁର ମଧ୍ୟକୁ ପ୍ରବେଶ କରି ଯୁଧିଷ୍ଠିର ଏବଂ ଦ୍ରୌପଦୀଙ୍କୁ ଏକାନ୍ତ ଅବସ୍ଥାରେ ଦେଖିଲେ । ଏଣେ ଅଗ୍ନିଦେବ ତତ୍‌କ୍ଷଣାତ୍ ଅନ୍ତର୍ଦ୍ଧାନ ହୋଇଗଲେ । ତେଣୁ ନିୟମାନୁସାରେ ସତ୍ୟ ପାଳି ଅର୍ଜୁନ ବନବାସ ଗଲେ । ବନବାସ କାଳରେ ଅର୍ଜୁନ ଅନେକ ବନ, ପର୍ବତ, ବହୁ ତୀର୍ଥ ସ୍ଥାନ ଭ୍ରମଣ କରି ହରଉଦ୍ୟାନ ନାମକ ବନରେ ତ୍ରିପୁରାରିଙ୍କୁ ଜିଣି ପାଶୁପତ ଅସ୍ତ୍ର ଶିବଙ୍କ ଠାରୁ ଓ ଅକ୍ଷୟତୂଣୀର ଦେବୀ ଉମାଙ୍କ ଠାରୁ ପ୍ରାପ୍ତ ହେଲେ ଓ ହରପାର୍ବତୀଙ୍କର ପୁତ୍ର ହେଲେ । ହରପାର୍ବତୀ ଅର୍ଜୁନଙ୍କୁ ସବ୍ୟସାଚୀ ନାମ ପରମ ସନ୍ତୋଷରେ ପ୍ରଦାନ କଲେ । ଏ ଉତ୍ତାରୁ ହରଗୌରୀ କପିଳାସ ଗମନ କଲେ ଏବଂ ପାର୍ଥ କାଶୀ ନଦୀର ପଶ୍ଚିମରେ ବାସ କଲେ । ବିପ୍ରପ୍ରସାଦ ନାମକ ଏକ ନଦୀ ଅଛି । ପାର୍ଥ ଯାଇ ସେଠାରେ ମଧ୍ୟ ରହିଥିଲେ । ସତ୍ୟବ୍ରତ ପାଳି ବୀର ଧନଞ୍ଜୟ ଘୋର ବନରେ ବୁଲୁଛନ୍ତି । ସେ ଏବେ ପବିତ୍ର ମଣିଭଦ୍ରା ପର୍ବତରେ ବିଜେ କରୁଛନ୍ତି । ସେଠାରେ ଅଣିଗୋଟି ନଳ ଅଗୁରୁ ବୃକ୍ଷ ଅଛି । ସେଠାରେ ମହତ ଶିଳା ଉପରେ ବସି ପାର୍ଥ ଧନୁର ବିଭବ ମହାଗୁଣକୁ ଅଗୁରୁ ବୃକ୍ଷ ଏବଂ ବେଣୁ ବୃକ୍ଷରେ ବାନ୍ଧି ମାରୁଛନ୍ତି । ପାର୍ଥ ଏହି କର୍ମରେ

ଏବେ ନିମଗ୍ନ ଅଛନ୍ତି । ଆଜକୁ ଚାରିବର୍ଷ ଛଅମାସ ତେରଦିନ ହେବ ଅର୍ଜୁନ ବନବାସ କଲେଣି । ଏ ବୃତ୍ତାନ୍ତ ଶୁଣି ଶ୍ରୀହରି ଅଳ୍ପ ହସି ସହଦେବଙ୍କୁ ପଚାରିଲେ : ବୈଶ୍ୱାନର ଅଗ୍ନିଦେବ ଏପରି କପଟ ଆଚରଣ କରିବାର କାରଣ କ'ଣ ମୋତେ ଫିଟାଇ କୁହ । ମନ୍ତ୍ରୀ ସହଦେବ କହିଲେ :

ଶ୍ୱେତରାଜା ଯଜ୍ଞ ଅନୁଷ୍ଠାନ କରୁଥିବା କାଳରେ ଶହେ ବର୍ଷ ପର୍ଯ୍ୟନ୍ତ ଅଗ୍ନିଙ୍କୁ ଆହୁତି ଦେଲେ । ଅଗ୍ନି ଲୋଭରେ ସେ ଯଜ୍ଞରେ ପର୍ଯ୍ୟାପ୍ତ ପରିମାଣରେ ଘୃତପାନ କଲେ । ତେଣୁ, ସେ କ୍ଷୁଦ୍ରୁହ ବ୍ୟାଧିଗ୍ରସ୍ତ ହେଲେ । ବ୍ୟାଧିର ଉପଶମ ଓ ଆରୋଗ୍ୟ ନିମନ୍ତେ ଖାଣ୍ଡବ ବନରେ ଥିବା ଔଷଧି ବୃକ୍ଷଲତା ଗୁଳ୍ମ ଖାଇବା ପାଇଁ ସେ ଇନ୍ଦ୍ରଙ୍କର ଅନୁମତି ମାଗିଲେ । ମାତ୍ର ଇନ୍ଦ୍ର ମନାକଲେ । ତେଣୁ ଅର୍ଜୁନ ଘରଛାଡ଼ି ବନବାସ କଲେ, ସେ ବ୍ରାହ୍ମଣ ରୂପ ଧରି ଦାନ ମାଗିବେ । ଅର୍ଜୁନ ସତ୍ୟ ରକ୍ଷା ନିମନ୍ତେ ପିତା ଦେବାଧିରାଜ ଦେବେନ୍ଦ୍ରଙ୍କ ସହିତ ବିବାଦ ଆଚରଣ କରିବେ । ଅଗ୍ନିଦେବତା ମହୌଷଧି ପାଇ ରୋଗମୁକ୍ତ ହେବେ ।

ଏ ସକଳ ବୃତ୍ତାନ୍ତ ଶୁଣି ବିଷ୍ଣୁ ଶ୍ରୀକୃଷ୍ଣ ବିଦାୟ ନେଇ ଆସିଲେ । ଗରୁଡ଼ ପୃଷ୍ଠରେ ଆସି ମଣିଭଦ୍ରା ପର୍ବତରେ ବିଜେ କଲେ । ସହଦେବଙ୍କ ବର୍ଣ୍ଣନାନୁସାରେ ପାର୍ଥ ଗୁଣ ମାଜୁଥିବାର ସେ ଦେଖିଲେ । ଗରୁଡ଼ଙ୍କୁ ଶୂନ୍ୟରେ ରଖି ଏକ ଅଭିନବ ବେଶରେ ଅର୍ଜୁନଙ୍କ ପାଖକୁ ଯିବାକୁ ଇଚ୍ଛା କଲେ । ଦେଖିବା, ଅର୍ଜୁନ ଆମକୁ ଚିହ୍ନି ପାରୁଛି କି ନାହିଁ ! ତହୁଁ ଚକ୍ରଧର ଏକ ବିଚିତ୍ର ମୂର୍ତ୍ତି ଧାରଣ କଲେ । ଅଗସ୍ତିଦେବ ବୈବସ୍ୱତ ମନୁ ମହାରାଜାଙ୍କୁ କହୁଛନ୍ତି :

ଶ୍ରୀକୃଷ୍ଣବିଷ୍ଣୁ ଏକ ଅଭିନବ ବିଚିତ୍ର ରୂପ ଧାରଣ କଲେ । ଶରୀରଟି ହସ୍ତୀର । ଗୋଟିଏ ପାଦ ଘୋଡ଼ାର, ଅନ୍ୟ ଏକ ପାଦ ମୃଗର ଓ ତୃତୀୟ ପାଦଟି ବ୍ୟାଘ୍ରର । କଣ୍ଠଦେଶ ମୟୂରର, କଟୀଦେଶ ସିଂହର, ପୃଷ୍ଠରେ ବୃଷଭର ଚୂଳ ଏବଂ ଅଣ୍ଡଟି କୁକୁଟର । ହସ୍ତରେ ପଦ୍ମଫୁଲ ଧାରଣ କରି ଗଳାରେ ରତ୍ନହାର ଲମ୍ବେଇ ପ୍ରଭୁ ଅର୍ଜୁନଙ୍କ ଅଗ୍ରତରେ ବିଜେ କଲେ । ଅର୍ଜୁନ ଏକ ଲୟରେ ମଗ୍ନ ହୋଇ ଧନୁର ଗୁଣ ମାଜୁଛନ୍ତି । ପ୍ରଭୁ ନାରାୟଣ ସେଠାରେ ନୃତ୍ୟରତ ହେଲେ । ତଥାପି, ସେଥିପ୍ରତି ପାର୍ଥବୀର ଲକ୍ଷ ନ କରି ବ୍ରହ୍ମଜ୍ଞାନୀ ବ୍ରହ୍ମରେ ଯୁକ୍ତ ହେଲା ପରି ଏକାଗ୍ରଚିତ୍ତରେ ଆପଣା କାମରେ ନିମଗ୍ନ । ଏଣେ ପ୍ରଭୁ ବାସୁଦେବ ଚଉଷଠୀ ତାଳରେ ନୃତ୍ୟରଙ୍ଗ କରନ୍ତେ, ଗୁଣ ଛାଡ଼ି ଅର୍ଜୁନ ସେଥିପ୍ରତି ଦୃଷ୍ଟି ଦେଲେ । ଧନଞ୍ଜୟ ଅପୂର୍ବ ଦିବ୍ୟମୂର୍ତ୍ତି ଦେଖିଲେ । ଗୋଟିଏ ଶରୀରରେ ନବରୂପ । ଏକ ଏକ କାନ୍ତି । ଅର୍ଜୁନ ଚକିତ ହେଲେ । ଏମନ୍ତ ବିଚିତ୍ର ରୂପ ଦେଖି ସେ ମନ ମଧ୍ୟରେ ବିଚାର କଲେ ।

ସମଗ୍ର ପୃଥିବୀ ଭ୍ରମଣ କରି ମୁଁ ଏକ ଦେହରେ ନଅଗୋଟି ରୂପଥିବା ଏମନ୍ତ ବିଚିତ୍ର ମୂର୍ତ୍ତି କେଉଁଠାରେ ଦେଖିବାକୁ ପାଇଲି ନାହିଁ । ଏହାତ ମାୟାସ୍ୱରୂପ ପ୍ରାୟେ ଦିଶୁଅଛି । ସତେ ଅବା କମଳାକାନ୍ତ ମାୟାରୂପରେ ବିଜେ କରିଅଛନ୍ତି । ଯଦି ମୋତେ ଦର୍ଶନ ଦେବା ପାଇଁ କମଳନୟନ ଶ୍ରୀହରି ବିଜେ ହୋଇଛନ୍ତି, ତେବେ ମୁଁ ଏହାର ପାଦତଳେ ଗଡ଼ି ଶୋଇଯିବି । ଏ ଯଦି ଅନ୍ୟ ଜୀବ ହୋଇଥିବ ତେବେ ନିଶ୍ଚେ ଜଳି ପୋଡ଼ିଯିବ । ଏହା ବିଚାରି ଅର୍ଜୁନ ସେହି ବିଚିତ୍ର ସ୍ୱରୂପ ନବଗୁଞ୍ଜରର ପାଦତଳେ ଶୋଇପଡ଼ିଲେ । ଶ୍ରୀହରିଙ୍କ ପାଦତଳେ ଗଡ଼ି ଅର୍ଜୁନ ତାହାଙ୍କୁ ସ୍ତୁତି କରିବାକୁ ଲାଗିଲେ । ସ୍ତୁତି ଶୁଣି ଦେବ ନାରାୟଣ ନବୀନ ମୂର୍ତ୍ତି ଧାରଣ କରି ଉଭାହେଲେ ।

ନବଘନ ଶ୍ୟାମସୁନ୍ଦର ମୂର୍ତ୍ତି । କଟିତଟରେ ପାଟ ପିତାମ୍ବର । ପଦ୍ମ ଦଳଲୋଚନ । ଅରୁଣ ଅଧର । ବକ୍ଷ ଦେଶରେ ଶ୍ରୀବତ୍ସଲକ୍ଷଣ ଓ କୌସ୍ତୁଭମଣି । ଏରୂପ ଦର୍ଶନରେ ଅର୍ଜୁନ ହାତଯୋଡ଼ି ବିନୟ ସହକାରେ ସ୍ତୁତି କରି ପାଦତଳେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କଲେ । ପ୍ରଭୁ ଅର୍ଜୁନଙ୍କୁ କୋଳ କଲେ ଓ ମର୍କତ ଶିଳା ଉପରକୁ ବିଜେ କଲେ । ଶ୍ରୀବିଷ୍ଣୁ କହିଲେ, ଧନ୍ୟ ଧନ୍ୟ ଧନଞ୍ଜୟ । ପଞ୍ଚଭୂତରେ ତୁ ମୋର ଅତି ପ୍ରିୟପାତ୍ର । ତେଣୁ ତୁ ମୋତେ

ଚିହ୍ନି ପାରିଲୁ । ଶ୍ରୀବିଷ୍ଣୁ ଅର୍ଜୁନ ଏବଂ ସହଦେବଙ୍କର ଭୂରିଭୂରି ପ୍ରଶଂସା କଲେ । ଏହାପରେ ବିଷ୍ଣୁଙ୍କର ପ୍ରଶ୍ନର ସମସ୍ତ ଉତ୍ତର ଅର୍ଜୁନ ଦେଲେ ଏବଂ କେଉଁ ପରିସ୍ଥିତିରେ ଯୁଧିଷ୍ଠିର ଓ ଦ୍ରୌପଦୀଙ୍କର ରତିରମଣ କ୍ରୀଡ଼ା ଦେଖି ସତ୍ୟପାଳି ବାରବର୍ଷ ବନବାସ ବ୍ରତରେ ଆସିଲେ ତାହା ମଧ୍ୟ ଜଣାଇଦେଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦ୍ୱାରାବତୀପୁରକୁ ବାହୁଡ଼ିଯିବା ପାଇଁ ପ୍ରସ୍ତାବ ଦିଅନ୍ତେ, ଅର୍ଜୁନ କହିଲେ ଆଉ ମାତ୍ର ସାତ ବର୍ଷ, ପାଞ୍ଚମାସ, ଷୋଳ ଦିନ ଗତ ହେଲେ ମୋର ବ୍ରତ ଉଦ୍‌ଯାପନ ହେବ । ତଦନ୍ତେ ଆମେ ଆପଣଙ୍କୁ ଦ୍ୱାରକାପୁରରେ ଦର୍ଶନ କରିବୁ । ଶ୍ରୀକୃଷ୍ଣ ଆନନ୍ଦିତ ହୋଇ କହିଲେ : ଆଜି ମହାବାରୁଣୀ ଯୋଗ ଗଙ୍ଗାରେ ପଡ଼ିଛି । ଆଜି ଯଦି ଆମେ ଦ୍ୱାରକାରେ ଥାଆନ୍ତେ, ତେବେ ପାପନାଶିନୀ ଗଙ୍ଗାସ୍ରୋତରେ ସ୍ନାନ କରିଥାଆନ୍ତେ ।

ଶ୍ରୀକୃଷ୍ଣଙ୍କର ବାଣୀ ଶୁଣି ଅର୍ଜୁନ କହିଲେ, ହେ ଶ୍ରୀହରି, ଦେବୀ ସୁରେଶ୍ୱରୀ ଗଙ୍ଗା ଏଠାକୁ ଆସିବେ । ଆପଣ ଏଠାରେ ସ୍ନାନ ସମାପନ କରିପାରିବେ । ଏଥିଅନ୍ତେ ଅର୍ଜୁନ ଅରକ୍ଷପିଶାଚ ଠାରୁ ଶିଖିଥିବା ଧନୁର୍ବିଦ୍ୟା ଅନୁସାରେ ଜଳତରଙ୍ଗ ଶର ମନ୍ତ୍ର ସ୍ମରଣ କରି ବିନ୍ଧିଲେ । ଅର୍ଜୁନଙ୍କ ଆଜ୍ଞାରେ ଶର ଗଙ୍ଗାଦେବୀଙ୍କ ଛାମୁରେ ପହଞ୍ଚି ସମସ୍ତ କଥା କହନ୍ତେ ଗଙ୍ଗାମାତା ହୃଦୟରେ ଲୟ ଲଗାଇ କୃଷ୍ଣଙ୍କର ଶ୍ରଦ୍ଧା ଜାଣିପାରିଲେ । ତେଣୁ ବାଣ ବାଟ କଢ଼ାଇ ଗଙ୍ଗାଙ୍କୁ ମଣିଭଦ୍ରା ପର୍ବତକୁ ନେଇଯିବାକୁ ଆଦେଶ ଦେଲେ । ଦେବୀ ପାତାଳ ଭେଦକରି ପର୍ବତରେ ପ୍ରବେଶ କଲେ । ସ୍ୱେତକଚ୍ଛ ନାମକ ବୃକ୍ଷ କୋଟର ମଧ୍ୟରୁ ଗଙ୍ଗାଦେବୀ ଆବର୍ଭୂତା ହେଲେ । ଅର୍ଜୁନ ଗଙ୍ଗାଦେବୀଙ୍କର ପଦବନ୍ଦନା କରି ପ୍ରଣାମ କଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧରି ଗଙ୍ଗାଜଳରେ ପଶି ପରମ ସନ୍ତୋଷରେ ସ୍ନାନ କଲେ । ଶ୍ରୀକୃଷ୍ଣ ସୁରେଶ୍ୱରୀ ଗଙ୍ଗାଙ୍କୁ କହିଲେ, ଦେବୀ ! ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଚାରିଯୁଗରେ ଯେବେ ମହାବାରୁଣୀ ସ୍ନାନଯୋଗ ପଡ଼ିବ ତମେ ପୃଥିବୀରେ ଆବିର୍ଭୂତା ହୋଇ ମ୍ଳେଚ୍ଛଜନମାନଙ୍କୁ ଆପଣା ପବିତ୍ରଜଳରେ ସ୍ନାନ କରାଇ ମୁକ୍ତ କରିବ । ଦେବୀଗଙ୍ଗା ଶ୍ରୀକୃଷ୍ଣଙ୍କର ଏହି ବାକ୍ୟ କଳ୍ପେ କଳ୍ପେ ସତ୍ୟରେ ପରିଣତ କରିବା ନିମନ୍ତେ ଅଙ୍ଗୀକାର କଲେ ।

## ମୀମାଂସା

ବ୍ରହ୍ମଃଙ୍କର ବୟାଳିଶ କୈବଲ୍ୟ ହେଉଛନ୍ତି ମନୁରାଜା ଏବଂ ବାଷଠି କୈବଲ୍ୟ ହେଉଛନ୍ତି ଅଗସ୍ତି ମୁନି । ଖାଣ୍ଡ ଅର୍ଥ ଯାହା ଭଙ୍ଗୁର । ଖାଣ୍ଡବ ଅର୍ଥ ଯାହା କ୍ଷଣଭଙ୍ଗୁର, କ୍ଷୟଶୀଳ । ବ୍ରହ୍ମଃ ଖଣ୍ଡିତ ନୁହେଁ, ଏହା ପୂର୍ଣ୍ଣ । ଏହା ଶାଶ୍ୱତ ଓ ଚିରନ୍ତନ, ତେଣୁ ସନାତନ । ବନ ଅର୍ଥ ଆଳୟ ବା ନିବାସ । ଏହି ଦେହ ହିଁ ବନ । ଏହି ବନ ବା ଶରୀର କ୍ଷଣସ୍ଥାୟୀକ୍ଷଣଭଙ୍ଗୁର ଓ କ୍ଷୟଶୀଳ । ତେଣୁ ଖାଣ୍ଡବ ବନ ବୋଇଲେ, ଏହି କ୍ଷୟିଷ୍ଣୁ ଦେହ ।

ବାଷଠି କୈବଲ୍ୟ ଅଧିକାରୀ ଅଗସ୍ତି ମୁନିଙ୍କ ଜ୍ଞାନରେ ସତ୍ୟ ୮୪ ଚୈତନ୍ୟ, ତ୍ରେତୟା ୬୨ ଚୈତନ୍ୟ ଏବଂ ଦ୍ୱାପର ୫୮ ଚୈତନ୍ୟ । ଏହା ବ୍ରହ୍ମାଙ୍କର ଦିବାରାତି ଭୋଗ ବେଳାକୁ ବୁଝାଏ । କେଉଁ ଯୁଗ କେତେ ସଂଖ୍ୟକ ଚୈତନ୍ୟ ଭୋଗ କରନ୍ତି, ତହିଁରୁ ଯୁଗଭୋଗର ହିସାବ ମିଳେ । ବ୍ରହ୍ମା ହେଉଛନ୍ତି ପ୍ରଜାପତି, ସୃଷ୍ଟିକର୍ତ୍ତା ଏବଂ ବୃହସ୍ପତି ହେଉଛନ୍ତି ସକଳ ଶାସ୍ତ୍ର ପ୍ରବୀଣ ଜ୍ଞାନବୃଦ୍ଧ । ଇନ୍ଦ୍ର ହେଉଛନ୍ତି ଚିଦ୍‌ଚୈତନ୍ୟର ଚାଳକ ଇନ୍ଦ୍ରିୟାଦି ମାୟାମୋହର ବଶ୍ୟ । ଉଚ୍ଚାଟନ, ସ୍ତମ୍ଭନ, ବଶୀକରଣ ଇତ୍ୟାଦି ପ୍ରକୃତିଗଣ ହେଉଛନ୍ତି ଅପସରା । ପିଣ୍ଡ ବ୍ରହ୍ମାଣ୍ଡ ସମାନ ।

ଖାଣ୍ଡବବନ ରୂପୀ ଶରୀରରେ ଚିତ୍ତ ଚୈତନ୍ୟର ଚାଳକ ଇନ୍ଦ୍ରିୟାଦି ମାୟାମୋହର ବଶ ଇନ୍ଦ୍ର ଉଚ୍ଚାଟନ, ସ୍ତମ୍ଭନ, ବଶୀକରଣ ଇତ୍ୟାଦି ପ୍ରକୃତିପ୍ରବୃତ୍ତି ରୂପକ ବୃକ୍ଷମାନ ରୋପଣ କରିବା ଅର୍ଥ ପ୍ରକାଶ କରେ । ଏହି

ଶରୀର ହିଁ ବ୍ରହ୍ମାଣ୍ଡ ଏବଂ ଏହି ପିଣ୍ଡରେ ସପ୍ତଲୋକ ସୂକ୍ଷ୍ମରେ ବାସ କରନ୍ତି । ତେଣୁ ଏହାକୁ ତୋଟା କୁହାଯାଏ । ସୂକ୍ଷ୍ମାଂଶରେ ଏହି ତୋଟା ଅଖଣ୍ଡ ହେଲେ ମଧ୍ୟ ସ୍ଥୂଳାଂଶରେ ଏହା ଖଣ୍ଡନଶୀଳ, ତେଣୁ ଏ ପିଣ୍ଡ ହିଁ ଖାଣ୍ଡବ ବନ । ଇନ୍ଦ୍ରିୟ ଏହି ଖାଣ୍ଡବ ବନର ପ୍ରତିଷ୍ଠାତା ।

ବତିଶ କଳ୍ପ ବ୍ରହ୍ମନିଦ୍ରାରେ ଥରେ ମର୍ତ୍ତ୍ୟପୁରରେ ପ୍ରଳୟ ହୁଏ । ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର, ଦଶଦିଗପାଳ ସ୍ୱପ୍ନରେ କ୍ରୀଡ଼ା କରନ୍ତି । ଏମାନଙ୍କର ବିନାଶ ହୁଏ ନାହିଁ । ବୃହସ୍ପତି ହିଁ ଗ୍ରହକାଳ କୁଞ୍ଜ ଓ ଶ୍ରେଷ୍ଠାଂଶ । କୈଳାସ ହିଁ ଜ୍ଞାନପୀଠ । ଜ୍ଞାନ ଆସି ଏଠାରେ ଠୁଳ ହୁଏ । ତାହା ମହାଦେବଙ୍କୁ ମଧ୍ୟ ଅଗୋଚର । କିନ୍ତୁ ପ୍ରକୃତି ଶୁଦ୍ଧ ପାର୍ବତୀ ଜ୍ଞାନ ଠୁଳ ହେବା ପରେ ତାହା ବୁଝି ପାରନ୍ତି ।

ଖାଣ୍ଡବ ବନ ଦହନ ବୃତ୍ତାନ୍ତ ହିଁ ପିଣ୍ଡ ବ୍ରହ୍ମାଣ୍ଡ ବୃତ୍ତାନ୍ତ । ଈଶ୍ୱର କହିଲେ ଦହନର କାରଣ ହେଉଛି ଜ୍ଞାନ ପ୍ରକ୍ଷାଳନ ସୂତ୍ର । ଚନ୍ଦ୍ର ଶୀତଳ ଜ୍ୟୋତିଃର୍ମୟ । ସୂକ୍ଷ୍ମାଦିସୂକ୍ଷ୍ମ କାମକଳାର ଆଦେଶ ନେଇ ଚନ୍ଦ୍ର ବିରାଜିତ । ଦକ୍ଷ ବୋଇଲେ ସାହସ । ଏହା ତମ ଓ ରଜ ଗୁଣ ମିଶ୍ରିତ ଆସୁରିକ ଦମ୍ଭ ଭାବ । ସତେଇଶ କନ୍ୟା ସତେଇଶ ନକ୍ଷତ୍ରକୁ ବୁଝାଏ । ଏହି ସତେଇଶ ନକ୍ଷତ୍ର ଚନ୍ଦ୍ର ସହିତ ଯୁକ୍ତ ହୋଇ ଅଛନ୍ତି । ବ୍ରହ୍ମାଣ୍ଡରେ ଚନ୍ଦ୍ର ସତେଇଶ କନ୍ୟା ରୂପକ ସତେଇଶ ନକ୍ଷତ୍ର ମଧ୍ୟରୁ ପ୍ରତ୍ୟେକକୁ ଅଢ଼େଇ ଦିନ ଭୋଗ କଲାବେଳେ, ପିଣ୍ଡରେ ଚନ୍ଦ୍ରବାୟୁ ପ୍ରହରାନୁସାରେ ଭୋଗ ହୋଇ ଶ୍ୱାସପ୍ରଶ୍ୱାସ ମଧ୍ୟମ ଗତିରେ ଆଧିବ୍ୟାଧି ଭୋଗ ଓ ପରିବର୍ତ୍ତନ ହୁଏ । ଜୀବର ଅନୁକୂଳ ଭାବମତିର ଅଭ୍ୟାସ କ୍ରିୟା ନକ୍ଷତ୍ର ଭୋଗ ଦ୍ୱାରା ପ୍ରତିକୂଳ ବନ୍ଧନକୁ ମଧ୍ୟ ଆସେ । ଏହା ବାହ୍ୟ ଆଙ୍ଗିକ ସୂତ୍ର ଦ୍ୱାରା ମଧ୍ୟ ବାସ୍ତବ ଅନୁକୂଳ କ୍ରିୟା ପ୍ରତିକୂଳକୁ ନେଇ ଆସେ । ଏହା ଗ୍ରହନକ୍ଷତ୍ରାଦି ଦ୍ୱାରା ସଂଘଟିତ ହୁଏ । ବ୍ରହ୍ମଦର୍ଶୀମାନେ ଏହା ଏକ ସମୟରେ ବ୍ରହ୍ମାଣ୍ଡ ତଥା ପିଣ୍ଡରେ ଦର୍ଶନ କରିଅଛନ୍ତି । ବ୍ରହ୍ମର୍ଷିମାନେ ବ୍ରହ୍ମାଣ୍ଡର ଅନୁକୂଳ ଅବସ୍ଥାକୁ ଯୋଗ ଦ୍ୱାରା ପରିବର୍ତ୍ତନ କରିପାରନ୍ତି ।

ଅର୍ଜ୍ଜନକାରୀ ଜୀବକୁ ଅର୍ଜୁନ ବୋଲା ଯାଇଛି । ବନବାସର ଅର୍ଥ - ପ୍ରକୃତିପ୍ରବୃତ୍ତି ଓ ଇନ୍ଦ୍ରିୟାଦି ସୂତ୍ରରେ ଜୀବରୂପୀ ଅର୍ଜୁନ ଆତ୍ମାରୂପୀ ଶ୍ରୀକୃଷ୍ଣଙ୍କ ଠାରୁ ବିଯୁକ୍ତ ହୋଇଛି, ତଥାପି ତାହା ଅଚେତନ ଜୀବ ଜାଣିପାରେ ନାହିଁ । ଚୈତ୍ର ମାସ ହିଁ ଚିତ୍ତ ଗରିଷ୍ଠ ଅବସ୍ଥା । ଅର୍ଜୁନର ଗରିଷ୍ଠ ଚିତ୍ତବୃତ୍ତିରେ କ୍ଷୀଣ ବୁଦ୍ଧିକୁ ବୁଝାଉଅଛି । ଶୁକ୍ଳପକ୍ଷ, ତ୍ରୟୋଦଶୀ ତିଥି, ଶତଭିଷା ନକ୍ଷତ୍ର, କୁମ୍ଭରାଶିରେ ଚନ୍ଦ୍ର ବିଜେ କରିଛନ୍ତି । ଶୁକ୍ଳପକ୍ଷ କହିଲେ ସ୍ୱଚ୍ଛ ମନୋଭାବ । ତ୍ରୟୋଦଶୀ ତିଥି ବୋଇଲେ ଏକାଦଶ ଇନ୍ଦ୍ରିୟ, ମାତ୍ର ମନ ଓ ଚୈତନ୍ୟ ପୃଥକ୍ । ଅର୍ଜୁନରୂପୀ ଜୀବର ଏକାଦଶ ଇନ୍ଦ୍ରିୟ ସୁପ୍ତ ଅବସ୍ଥାରେ, ମନ ଓ ଚୈତନ୍ୟ ଜାଗ୍ରତ ଅବସ୍ଥାରେ ଥାଏ । ଏହି ଅବସ୍ଥାରେ ଯୋଗୀ ହୃଦୟରେ ପ୍ରଭୁ ବିରାଜମାନ କରନ୍ତି । (ଏହି ଅବସ୍ଥାରେ ହିଁ ବିଷ୍ଣୁ (କୃଷ୍ଣ) ଅର୍ଜୁନକୁ ଖୋଜିବାକୁ ଗଲେ ।)

ଦ୍ରୌପଦୀ ହିଁ ଯୋଗାମୟା । ଯୁଧିଷ୍ଠିର ହିଁ ସ୍ଥିରଚିତ୍ତ ଓ ସ୍ଥିତପ୍ରଜ୍ଞ । ଏହି ଦେହ ହିଁ ଧର୍ମକ୍ଷେତ୍ର ଏବଂ କୁରୁକ୍ଷେତ୍ର । ତେଣୁ ଏ ଦେହ ମଧ୍ୟରେ ବା ଯୁଦ୍ଧକ୍ଷେତ୍ରରେ ଯେ ଧିରସ୍ଥିର, ସେ ହିଁ ଯୁଧିଷ୍ଠିର । ସେ ହିଁ ଧର୍ମନନ୍ଦନ । ତ୍ରିପୁରାରୀ ବୋଇଲେ ସ୍ୱର୍ଗ ମର୍ତ୍ତ୍ୟ ପାତାଳର ପ୍ରଳୟକାରୀ ଦେବତା ଶମ୍ଭୁ ।

ଜୀବ ଅର୍ଜୁନ ବ୍ରାହ୍ମଣ ବେଶ ଧାରଣ କରିଅଛନ୍ତି । ସଦାଚାର ନୀତିରେ ରହି ବ୍ରହ୍ମ ସନ୍ଧାନରେ ସେ ଚାରଣ କରୁଛନ୍ତି ଓ ନୀତିବାନ ଅଛନ୍ତି । କ୍ଷତ୍ରିୟର ନୀତି ତ୍ୟାଗ କରିଅଛନ୍ତି । ମଣିଭଦ୍ରା ବୋଇଲେ ମଣିବନ୍ଧ । କୁଣ୍ଡଳିନୀର ସୂକ୍ଷ୍ମ ଜାଗ୍ରତ ପଥରେ ଅର୍ଜୁନ ସାଧନାରତ । ମାୟା ଏଠାରେ ଅଚେତନ । ଶ୍ୱେତରାଜା ଅବୋଧ ଭାବରେ ଗରିଷ୍ଠ । ସତଜଳ ଭାବର ମତି ଅଚେତନ ଥାଏ । ଯଜ୍ଞରେ ଆହୁତି ଦ୍ୱାରା ସଦ୍‌ନିଷ୍ଠା ପ୍ରଜ୍ଜ୍ୱଳିତ ହୁଏ । ଏ ଅବସ୍ଥାରେ

ମନୋଭାବ କଳୁଷିତ ହୁଏ ନାହିଁ । କୁଭାବ ନ ଥାଏ । ପରମେଶ୍ୱରଙ୍କ ନିଷ୍ଠାରେ ରହି ଆହୁତି ଦେବା ଦ୍ୱାରା ନିଷ୍କାମ କର୍ମ ସାଧନ ହୁଏ । ଷଡ଼ରିପୁ ସୁପ୍ତ ଥିବା ଅବସ୍ଥାରେ ବିକୃତି ଭାବ ଉଦୟ ହେଲେ ଲୁହୁବୁହୁ ନାମକ କୁବ୍ୟାଧି କୁହାଯାଏ ।

ପିଣ୍ଡସ୍ଥ ଅଗ୍ନିର ଏ ଅବସ୍ଥାରେ ବିକୃତ ଭାବରାଜି ଖାଣ୍ଡବ ବନ ବା ଦେହରେ ରୋପିତ ସ୍ତମ୍ଭନ, ମୋହନ, ଉଚ୍ଚାଟନ, ବଶୀକରଣାଦି ପ୍ରକୃତିପ୍ରବୃତ୍ତିର ପ୍ରେୟ ବସ୍ତୁ ଭୋଗଲାଳସାରେ ପ୍ରବୃତ୍ତ ହୁଏ ।

କାରଣଜଗତର ଚୈତନ୍ୟରୂପୀ ଅଗସ୍ତି ଦେବ କାରଣଜଗତର ଚିତ୍ତର ପୂର୍ଣ୍ଣହେତୁ ଅବସ୍ଥାରୂପୀ ବୈବସ୍ୱତ ମନୁଙ୍କୁ ଚେତନା ଦେଇ କହନ୍ତି । ବିଷ୍ଣୁ ହିଁ ପରମେଶ୍ୱର ପରଂବ୍ରହ୍ମ । ନବଗୁଞ୍ଜର ବେଶ କଥନ । ଶରୀରଟି ହସ୍ତୀର । ଶରୀର ସମ୍ମତ ବ୍ରହ୍ମାଣ୍ଡ ସହିତ ପିଣ୍ଡର ତୁଳନା । ହସ୍ତୀ ଭଳି ବର୍ତ୍ତୁଳ, କଷ୍ଟ ସହିଷ୍ଣୁ, ବଳିଷ୍ଠ ଓ ଧୈର୍ଯ୍ୟଶୀଳ । ଏହା ମହାଶୂନ୍ୟକୁ ନିର୍ଦ୍ଦେଶ କରେ । ଗୋଟିଏ ପାଦ ଘୋଡ଼ାର । ଏହା କାରଣଜଗତର ବ୍ରହ୍ମାଣ୍ଡଚକ୍ରର ଦ୍ରୁତ ଗତିକୁ ବୁଝାଏ । ଘୋଡ଼ା ପାଦ ଭଳି ଦ୍ରୁତଗାମୀ । ଆତ୍ମାର ଚକ୍ରାକାର ଗତିକୁ ସଙ୍କେତ ଦେଉଛି । ଅନ୍ୟ ଏକ ପାଦ ମୃଗର । ମୃଗପାଦ ଦ୍ୱିଖଣ୍ଡିତ, ଧାଉଁଆ, ତିକ୍ଷ୍ଣ, ଦ୍ରୁତ ଗତିଶୀଳ ଓ ଶବ୍ଦାୟମାନ । ଏହା ପିତୃଲୋକ ଯାନର ଶବ୍ଦ । ଏହା ପରଂବ୍ରହ୍ମଙ୍କ ଠାରୁ ମର୍ତ୍ତ୍ୟଲୋକ ପର୍ଯ୍ୟନ୍ତ ଆଜ୍ଞା ପାଳନ କରେ । ତୃତୀୟ ପାଦ ବ୍ୟାଘ୍ରର । ବ୍ୟାଘ୍ର ହିଂସ୍ର ପ୍ରକୃତିର, ମାଂସ ଭକ୍ଷଣକାରୀ, ଏକମୁଖୀ, ବ୍ରହ୍ମାଣ୍ଡ ଚକ୍ରର ଆମିଷଗନ୍ଧ, ସ୍ପର୍ଶ ଗ୍ରହଣ କରି ହିରଣ୍ୟଗର୍ଭରେ ଲୀନ କରେ । ଏହା ପରଂବ୍ରହ୍ମଙ୍କର ତୃତୀୟ ପାଦ ଅଟେ । କଣ୍ଠଦେଶ ରୂପକ ବ୍ରହ୍ମାଣ୍ଡରେ ଶିବପାର୍ବତୀ ଅବସ୍ଥାନ କରନ୍ତି । ଏହା ବ୍ରହ୍ମାଣ୍ଡର ଯାବତୀୟ ଜ୍ଞାନର ପୀଠ ସ୍ଥଳ । ଶିବ ଜ୍ଞାନ କ୍ଷରଣ କରେ ଏବଂ ପ୍ରକୃତିରୂପିଣି ପାର୍ବତୀ ଯତ୍ନର ସହିତ ତାହା ସଞ୍ଚୟ କରି ଭକ୍ତମାନଙ୍କୁ ପ୍ରଦାନ କରେ । ମୟୂର ଗୁଣରେ ବିବେକବାନ । ମୟୂରର କଣ୍ଠ ନୀଳ ବର୍ଣ୍ଣ । ତେଣୁ ମୟୂରର ଅନ୍ୟନାମ ନୀଳକଣ୍ଠ । କଣ୍ଠରେ ଶିବପାର୍ବତୀ ଅବସ୍ଥାନ କରୁଥିବାରୁ ମୟୂରକୁ ମଧ୍ୟ ନୀଳକଣ୍ଠ କୁହାଯାଏ, ଶିବଙ୍କୁ ମଧ୍ୟ ନୀଳକଣ୍ଠ କୁହାଯାଏ । କଟୀଦେଶ ସିଂହର । ଏହା ହିରଣ୍ୟ ଗର୍ଭର ଦେବ ଓ ପିତୃସୋପାନକୁ ବୁଝାଏ । ହିଂସା, ଈର୍ଷା, ଅହଂଜ୍ଞାନ ଶୁଦ୍ଧ ଥାଏ । କାଳଚକ୍ର ତଥା ଚଉରାଶି ଲକ୍ଷ ଯୋନି ଭ୍ରମଣ କରି ଆସୁଥିବା ଆତ୍ମା ଯେତେବେଳେ ପଞ୍ଚଭୂତ ଶରୀର ଧାରଣ କରେ, ଶରୀରରେ ସୂକ୍ଷ୍ମ ଧାରଣ ଶୁଦ୍ଧ ବସ୍ତୁ ଇନ୍ଦ୍ରିୟାଦି ଦ୍ୱାରା ପରିଚାଳିତ ହୋଇ ବିକୃତ ବିକଳାଙ୍ଗ ରୂପ ନିଏ । ପୃଷ୍ଠରେ ବୃଷଭର ତୂଳ । ସୃଷ୍ଟିର ପୃଷ୍ଠଦେଶ ବିରାଟ ରୂପର ଛାୟା ଦ୍ୱାରା ଆଚ୍ଛାଦିତ । ପ୍ରତ୍ୟେକ ଜୀବ ଜନ୍ତୁର ପ୍ରକୃତିକୁ ଜୀବବ୍ରହ୍ମ ଛାୟାଲୋକ ଦେଖାଇବାରେ ସାହାଯ୍ୟ କରେ । ବୃଷଭର ତୂଳ ସୂକ୍ଷ୍ମ, ଶୁଭ୍ର ଓ ନିଦାଘ ହୋଇଥିବାରୁ ଶିବରୂପୀ ତତ୍ତ୍ୱଜ୍ଞାନର ବାହନ ସଦୃଶ ବ୍ୟବହୃତ । ସେ ଜ୍ଞାନକୁ ସଂରକ୍ଷିତ କରି ରଖିଛି - ଏହାର ସର୍ବମୟକର୍ତ୍ତ୍ରୀ ମା ରୂପିଣୀ ପାର୍ବତୀ । ଅଣ୍ଡଟି କୁକ୍କୁଟର । ବ୍ରହ୍ମାଣ୍ଡକୁ ପୁରୁଷଙ୍କର ମୁଖର ସ୍ୱରୂପ ଅଣ୍ଡ ସଦୃଶ । ଏହା ମହାକାଳ ସର୍ପ । ସୃଷ୍ଟିର ପାପ, ତାପ, ହିଂସା, ଦ୍ୱେଷ, ରୋଗ, ଶୋକ, ଜରା, ବ୍ୟାଧିକୁ ଅଣ୍ଡ ସାହାଯ୍ୟରେ ଦଂଶନ ଓ ଭୋଗ କରୁଅଛି । କାଳଗର୍ଭକୁ କ୍ଷେପଣ କରି ହଜମ ପ୍ରକ୍ରିୟା ଦ୍ୱାରା ବିଷୟାବିଷକୁ ହରିଦ୍ରାବର୍ଣ୍ଣରେ ଅମୃତତୁଲ୍ୟ କରିଦେଇ ଅମୃତ ପ୍ରଦାନ କରୁଛି । ତେଣୁ କୁକ୍କୁଟର ଅଣ୍ଡ ହଳଦିଆ । ହସ୍ତରେ ପଦ୍ମଫୁଲ, ଗଳାରେ ରତ୍ନହାର । ନିରାକାର ବ୍ରହ୍ମଙ୍କର ହସ୍ତ ଚଉଦ ବ୍ରହ୍ମାଣ୍ଡକୁ ପ୍ରସାରିତ ହୋଇଛି । ପଦ୍ମଫୁଲ ସ୍ଥିରତା ଓ ଏକଲୟମୁଖୀର ପ୍ରତୀକ । ଏହା ସୁନ୍ଦର ଓ ସୁବାସ ଯୁକ୍ତ । ପଦ୍ମ ମଧ୍ୟରେ ମଧୁ ସଞ୍ଚିତ । ବ୍ରହ୍ମାଣ୍ଡକର୍ତ୍ତା ସୃଷ୍ଟିକୁ ଜନ୍ମ, ପାଳନ ଓ ସଂହାର ବା ବ୍ରହ୍ମପ୍ରଳୟ ଦ୍ୱାରା ଫୁଲ ପରି ହାଲୁକା ସ୍ଥିରମତିରେ ଆତ୍ମାରୂପୀ ପାଖୁଡ଼ାକୁ ସୁନ୍ଦର, କମନୀୟ କରି କାଳଗର୍ଭରୁ ଉଦ୍ଧାର କରୁଅଛନ୍ତି । ଆତ୍ମା ମଧ୍ୟରେ

ବିଶ୍ବପ୍ରେମ ରୂପକ ମଧୁ ସାଇତି ଦେଇଅଛନ୍ତି । ମୁକ୍ତିର ପଥ ଆପଣା ହସ୍ତରେ ଧାରଣ କରିଅଛନ୍ତି । କଣ୍ଠଦେଶ ବା ଗଳାରେ ଆପଣା ଭକ୍ତମାନଙ୍କୁ ଗଳାମାଳି ରୂପେ ରତ୍ନହାର ପରିଧାନ କରିଅଛନ୍ତି ।

ପିଣ୍ଡତତ୍ତ୍ୱରେ ନବଗୁଞ୍ଜରର ରୂପର ମୀମାଂସା ନିମ୍ନରେ ପ୍ରଦତ୍ତ ହେଲା ।

ଜୀବଦେହରେ ଆତ୍ମାସ୍ୱରୂପ ବିଷ୍ଣୁ ବା ଶ୍ରୀକୃଷ୍ଣ ରହିଲେ । ଶରୀରର ତିନି ଅଂଶ : ସ୍ଥୂଳ, ସୂକ୍ଷ୍ମ ଓ କାରଣ । କାରଣ ଶରୀର ହିଁ ସ୍ୱର୍ଗଲୋକ । ମସ୍ତକ ଏବଂ ତ୍ରିକୂଟ । ଏଠାରେ ନିରାକାର ବ୍ରହ୍ମ ଆତ୍ମା ସ୍ୱରୂପରେ ବିଦ୍ୟମାନ ।

ଶରୀର ହସ୍ତୀ । ପଞ୍ଚଭୂତର ମିଶ୍ରଣରେ ଦେହ ତିଆରି ହୋଇଛି । ତହିଁରେ ଷଡ଼ରିପୁ ମଦଗଜ, ଶକ୍ତ, ମଜବୁତ ହୋଇ ଜୀବ ମଧ୍ୟରେ ଅଛି । ଜୀବ ଦେହରେ ଅନେକ ଭାବ ଅଛି । ତନ୍ମଧ୍ୟରୁ ଜୀବର ଗୋଟିଏ ପାଦ ଘୋଡ଼ାର ପାଦଭଳି । ଘୋଡ଼ାର ପାଦ ବା ଟାପୁ ସମତଳ, ସମତାଳରେ ଘୋଡ଼ା ଦ୍ରୁତଗତିରେ ଦୌଡ଼ିପାରେ । ଚେତନ ଓ ଅଚେତନ ଅବସ୍ଥାର ଭାବ ଘୋଡ଼ାର ଦୌଡ଼ ଭଳି ଅତ୍ୟନ୍ତ ଚଞ୍ଚଳ । ଅନ୍ୟ ଏକ ପାଦ ମୃଗର । ମୃଗ ମଧ୍ୟ ଦ୍ରୁତଗତିରେ ଦୌଡ଼ିପାରେ । ସଦା ସଞ୍ଚଳ । ଜୀବ ଦେହରେ କୁସ୍ୱଭାବ ଗୁଡ଼ିକ ଚତୁରତାର ପ୍ରତୀକ ଅଟେ । ସୁକର୍ମରେ ଲିପ୍ତ ରହିଲେ ସେହିପରି ଦ୍ରୁତ ଗତିଶୀଳ ହେବା ନିମନ୍ତେ ଇନ୍ଦ୍ରିୟାଦିର ତାଡ଼ନାରୁ ଅନ୍ୟ ଏକପାଦର ସାହାଯ୍ୟ ନିଏ । ତୃତୀୟପାଦ ବ୍ୟାଘ୍ରର । ଏହି ତୃତୀୟପାଦ ଭାବର ତୃତୀୟ ହେତୁକୁ ବୁଝାଏ । ତ୍ରିଗୁଣରୁ ମିଶ୍ରିତ ପ୍ରକୃତି ସୁ(ଭଲ), କୁ(ମନ୍ଦ) ହୋଇ ଚେତାଜଗତରେ ଥାଏ । ତାହା ଜୀବ ଜାଣିପାରେ ନାହିଁ । ରଜ, ତମ ଗୁଣର ତୃତୀୟପାଦରେ ଜୀବକୁ ସାହାଯ୍ୟ କରେ । ତୀକ୍ଷ୍ଣ ବଳଶାଳୀ ମାଦକର ଅଂଶ ଅହଂକାର । ଏହାର ଏକ ଭାବ, ଏକ ଦୃଷ୍ଟି । ଶିକାରୀ ଭଳି ସ୍ୱଭାବ । ବ୍ୟାଘ୍ର ଭଳି ମାଂସାଶୀ, ଆକ୍ରମଣକାରୀ । ଜୀବ ମଧ୍ୟରେ ଅହଂକାରୀ ରିପୁ ମଧ୍ୟ ବ୍ୟାଘ୍ର ସଦୃଶ ଶିକାରୀ ଓ ବଳଶାଳୀ । କଣ୍ଠଦେଶ ମୟୂରର । ପିଣ୍ଡରେ କଣ୍ଠଦେଶ ଜ୍ଞାନପୀଠସ୍ଥ ଶିବପାର୍ବତୀ ନୀଳବର୍ଣ୍ଣରେ ଅବସ୍ଥିତ । ଏହି କାରଣରୁ ଜୀବ ମୟୂର ଭଳି ବିବେକୀ, ବୁଦ୍ଧିମାନ, ଏକମୁଖୀ, ଚତୁର ଏବଂ ବିଚାରବନ୍ତ । କଟୀଦେଶ ସିଂହର । ଜାଗ୍ରତ କୁଣ୍ଡଳିନୀ ହେତୁ କଟୀଦେଶ ଜ୍ଞାନଚୈତନ୍ୟ ଆଣେ । ଯୋଗୀମାନଙ୍କର ଏହି ଅବସ୍ଥା ପ୍ରାପ୍ତ ହୁଏ । ଜୀବ ବଳୁଆ ଓ ଶକ୍ତିଶାଳୀ ହୁଏ । ଏହା ସଜ୍ଜନତା ବଢ଼ାଏ । ଅଧମ ଅବସ୍ଥାରେ କଟୀ ସମସ୍ତ ବଳ ଦିଏ । କାର୍ଯ୍ୟକ୍ଷେତ୍ରରେ ଜାଗତିକ କାର୍ଯ୍ୟ ସମ୍ପାଦନ ପାଇଁ ବିଶେଷତଃ ମନ୍ଦକାର୍ଯ୍ୟରେ ଅଧିକ ବଳ ଦିଏ । ପୃଷ୍ଠଦେଶରେ ବୃଷଭର ଚୂଳ । ଏହା ସାଙ୍କେତିକ ଅର୍ଥରେ ବଳୁଆ, ଆଗୁଆ, କ୍ରୋଧରେ ଫଁଫଁ ଶବ୍ଦ ସୃଷ୍ଟି, ଅତ୍ୟଧିକ ହିଂସା, ହିଂସା ବଢ଼େ, ଇର୍ଷା ବଢ଼େ । ବୃଷଭର ଚୂଳ ଭଳି ପ୍ରକୃତି ପାହାଡ଼ ପରି ଶକ୍ତ । ବିବେକୀ ହେଲେ ବା ଚେତା ପାଇଲେ, ସୁଚିନ୍ତନ, ସତ୍ୟ, ଦୟା, କ୍ଷମା, ଇତ୍ୟାଦି ଶୁଦ୍ଧଭାବ ଉତ୍ପନ୍ନ ହୁଏ । ପୃଷ୍ଠଦେଶ ବକ୍ରଭାନୁ କୁଣ୍ଡଳିନୀକୁ ବୁଝାଇଥାଏ ।

ଅଣ୍ଟଟି କୁକୁଟର । ଈଷତ୍ ଲାଲ୍ ଏବଂ ହଳଦିଆ ରଙ୍ଗ । କାଳକୂଟ ବିଷର ଭାବ । ଷଡ଼ରିପୁ, ପଞ୍ଚ'ମ'କାର ସହିତ ବିକାର ଭାବ, ବିକୃତ ନୀତି, କୁଭାଷା ଏହି ମୁଖ ବା ଅଣ୍ଟ ଦ୍ୱାରା ଆସେ । ଯେଉଁ ମୁଖ ବିଷବାକ୍ୟ ଉଚ୍ଚାରଣ କରେ, ସେହି ମୁଖରେ ମଧ୍ୟ ଅମୃତ ରସ ଝରେ । ମୁଖରେ ଉଚ୍ଚାରିତ ଶବ୍ଦଜ୍ଞାନ ସୁଚିନ୍ତନ ଆଣି ମୁକ୍ତିର ପଥ ଦେଖାଏ । କୁଭାଷା, କୁବାକ୍ୟ, ଅଶ୍ଳୀଳ ଶବ୍ଦ ଯେଉଁ ମୁଖ ବାରମ୍ବାର ଉଚ୍ଚାରଣ କରେ, ତା'ର ମନ ମଧ୍ୟରେ, ଅନ୍ତଃକରଣରେ ସୂକ୍ଷ୍ମବୀଜ ସ୍ୱରୂପ କୁଚିନ୍ତା, ଦୁଷ୍ଟ ବୁଦ୍ଧି ବସା ବାନ୍ଧିଥାଏ । ଏକାନ୍ତରେ ସେ କୁଚିନ୍ତାରେ ଲିପ୍ତ ରହେ ଓ ତା'ର ନରକର ପଥ ଖୋଲିଯାଏ । ଜନ୍ମଜନ୍ମାନ୍ତର ପାଇଁ ତା'ର ମୁକ୍ତି ପଥରୋଧ ହୁଏ । କୁକ୍କୁଟ ତା'ର ଅଣ୍ଟରେ

ଅଭକ୍ଷ ଭକ୍ଷଣ କରି ଶରୀର ଧାରଣ କରେ । ପୁଣି ସେହି ଅଣ୍ଡରେ ଲାଳନପାଳନ ଶକ୍ତି ଦ୍ୱାରା ଆପଣା ଶାବକମାନଙ୍କୁ ପ୍ରତିପୋଷଣ ଓ ସ୍ନେହ କରେ । ଅଣ୍ଡର ସାହାଯ୍ୟରେ ଶତ୍ରୁ ଦମନ ମଧ୍ୟ କରେ । ସେହି ଅଣ୍ଡ ଦ୍ୱାରା କଅ, କଅ, କଅ ରାବ ଦ୍ୱାରା ଶାବକମାନଙ୍କୁ ଅମୃତଧାରା ତୁଲ୍ୟ ବାତ୍ସଲ୍ୟ ପ୍ରେମକଥା ଶୁଣାଇଥାଏ । ପୁଣି ସେହି ଅଣ୍ଡ ଦ୍ୱାରା ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରେ ସମଗ୍ର ଜଗତକୁ ମଙ୍ଗଳ ସାଧନର ଶବ୍ଦ ଯୋଗେ ଜାଗ୍ରତ କରି ସାଧନ ମୁହୂର୍ତ୍ତ ଅବଗତ କରାଇଥାଏ । ଜୀବ ମଧ୍ୟ କୁକ୍କୁଟ ପରି ଆପଣା ମୁଖରେ ଏ ସକଳ କାର୍ଯ୍ୟ ସଂପାଦନ କରେ । ହସ୍ତରେ ପଦ୍ମ ଫୁଲ । ପଦ୍ମ ପଙ୍କରୁ ଜାତ । ଉପରକୁ ପରିଷ୍କାର ପରିଚ୍ଛନ୍ନ, ଯତ୍ନଶୀଳ ଓ ସୁନ୍ଦର ଦେଖାଯାଏ । ଜୀବ ହସ୍ତର ପାଖୁଡ଼ା ଗୁଡ଼ିକ ଏହି ଆଙ୍ଗୁଳି । ଯତ୍ନଶୀଳ ଓ ସେବା ଧର୍ମ କାର୍ଯ୍ୟରେ ହସ୍ତପଦ୍ମ ଓ ଆଙ୍ଗୁଳି ପାଖୁଡ଼ା କାର୍ଯ୍ୟରତ ହୁଏ । ହାତରେ ନାନାଦି କାର୍ଯ୍ୟ କରି  ଜୀବନ ଧାରଣ କରେ । ମାତ୍ର ସୂକ୍ଷ୍ମସତ୍ତାରେ ଜୀବ ଆଜନ୍ମ ବିନ୍ଦୁ ସ୍ଥାପନା ମୁହୂର୍ତ୍ତରୁ ଗ୍ରହ, ନକ୍ଷତ୍ର, ଲଗ୍ନ ନିର୍ଣ୍ଣୟ ଅନୁସାରେ ତଳ ସ୍ତରରେ ନାନା ପାପ ପଙ୍କ ଉପରେ ନିର୍ଭର କରି ଜୀବନ ଧାରଣ କରୁଛି । ବ୍ୟକ୍ତି ଗୃହୀତ ଫଳକୁ ଯତ୍ନ ସହକାରେ ସାଇତି ରଖିଛି । ପୁଣି ସେହି ହାତ ଦ୍ୱାରା ପୂଜା, ଆରାଧନା, ସାଧନ, ଭଜନ, କୀର୍ତ୍ତନ ଇତ୍ୟାଦି କର୍ମରେ ପଦ୍ମ ଫୁଲ ତୁଲ୍ୟ ସୁନ୍ଦର ଦିଶୁଛି । ଗଳାରେ ରତ୍ନହାର । ଜୀବ ଯତ୍ନ ସହକାରେ ସମଗ୍ର ଷଡ଼ଚକ୍ର ଧୃତ ଶରୀରକୁ ଧାରଣ କରି ଭାବଭକ୍ତି ଦ୍ୱାରା ବ୍ରହ୍ମ ସନ୍ଧାନ ପାଇଁ ଗୁରୁ ପ୍ରଦତ୍ତ ବୀଜମନ୍ତ୍ରକୁ ଗଳାମାଳି କରୁଛି । ଆଦର ଯତ୍ନ କରୁଛି । ରତ୍ନହାର ପରି ସାଧନା ଆରାଧନାକୁ ଗଳାରେ ପକାଇ ନିଜକୁ ସୁସ୍ଥସୁନ୍ଦର କରିବା ଉଦ୍ଦେଶ୍ୟରେ ସାଧନ କରୁଛି । ସଜ୍ଜନ ପାଇଁ ଏହା ଯେପରି ରୁଚିକର, ଦୁର୍ଜ୍ଜନ ପାଇଁ ତା'ର ଦୁଷ୍ଟ ବୁଦ୍ଧି ଉତ୍ପନ୍ନ ଦୁଷ୍କର୍ମ ମଧ୍ୟ ସେହିପରି ରତ୍ନହାର ତୁଲ୍ୟ ରୁଚିକର ବୋଧ ହୋଇଥାଏ ।



# ଜିଜ୍ଞାସା : ଜିଜ୍ଞାସୁ

ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ଆଚାର୍ଯ୍ୟ ପରମପୂଜ୍ୟ ଦିବଂଗତ ଯତୀଶ ଦା'ଙ୍କ ସହିତ ଶ୍ରୀଶ୍ରୀଶ୍ରୀଠାକୁରଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଆଧ୍ୟାତ୍ମ ଆଲୋଚନା ଓ କଥୋପକଥନ ପ୍ରସଙ୍ଗରେ ପରମାର୍ଥ ଚିନ୍ତନମୂଳକ ପ୍ରଶ୍ନୋତ୍ତର ଭିତ୍ତିକ ମୀମାଂସା ''ଚରମ''ର ଏହି ସ୍ତମ୍ଭରେ ନିୟମିତ ପ୍ରକାଶ ପାଇ ଆସୁଛି । ତୀବ୍ର ସଂଶୟ ସନ୍ଦେହ ଅନେକତ୍ର ଅହଂଭାବରୁ ସୃଷ୍ଟି ହୁଏ । ଅହଂଭାବ ଦୂର କରିବା ନିମନ୍ତେ ସ୍ୱଚ୍ଛ ମନ ଓ ଶୁଦ୍ଧ ଚିତ୍ତବୃତ୍ତି ଏକାନ୍ତ ଆବଶ୍ୟକ । ଅଭ୍ୟାସଯୋଗ ସାଧନମାର୍ଗରେ ଗୁରୁକୃପାର ମିଳନ ଘଟିଲେ ସବୁ ଅସମ୍ଭବ ସମ୍ଭବ ହୁଏ । ଏହି ଲକ୍ଷ୍ୟରେ ଆସନ୍ତୁ ଶ୍ରଦ୍ଧାଶୀଳ ହୋଇ ପାଠ କରିବା ।

## ଶ୍ରୀ ଶ୍ରୀ ଗୁରୁ ସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

**ଯତୀଶଦା'** - ଯଦି ସତ୍ତ୍ୱଗୁଣର ସବୁଅଂଶ ତେଜସ୍ୱୀ ରହିଲା, ତା'ହେଲେ ଜୀବ ଭୂମିଷ୍ଠ ହେଲା ମାତ୍ରେ ଅଚେତନ ହେଲା କାହିଁକି ?

**ଶ୍ରୀଶ୍ରୀଠାକୁର** - ଜରାୟୁରୁ ଭୂମିଷ୍ଠ ପର୍ଯ୍ୟନ୍ତ ମାୟାର ଛାୟା ବା ପରଦା ସତ୍ତ୍ୱଗୁଣର ଭାବ ଉପରେ ଆଚ୍ଛାଦିତ ହୋଇଥାଏ । ତେଣୁ ଜୀବ ଅଚେତନ ।

**ଯତୀଶଦା'** - ଜୀବକୁ ଅଚେତନ କରି ଦିଆଯାଇଥାଏ ନା ସୃଷ୍ଟିର ଧର୍ମ ସେଇୟା ?

**ଶ୍ରୀଶ୍ରୀଠାକୁର** - ସୃଷ୍ଟି ଧର୍ମାନୁଯାୟୀ ଜରାୟୁରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଚୈତନ୍ୟମୟ ଶିଶୁ ମଧ୍ୟ ଆସନ୍ତି । ଏଠାରେ ପୁଣି ପ୍ରଶ୍ନ ଉଠିବ : ମାତୃଗର୍ଭରେ ଯଦି ସବୁ ଶିଶୁ ଦର୍ଶନ କରନ୍ତି, ତା'ହେଲେ ମୋହଗ୍ରସ୍ତ ହେବେ କିପରି ? ପକ୍ଷାଙ୍କ ମହାକାଳ ସୂତ୍ର ଅନୁଯାୟୀ ସବୁ ଶିଶୁ ବ୍ରହ୍ମକୁ ଉପଲବ୍ଧି କରିପାରନ୍ତି । କାରଣ, ୮୪ ଯୋନି ଅତିକ୍ରମ କରିଥିବା ଶିଶୁ ବ୍ରହ୍ମ ଉପାସକ ହୋଇଥାଆନ୍ତି । ପ୍ରାରବ୍ଧ କର୍ମଫଳ ଶୁଦ୍ଧହେତୁ ଜନ୍ମ ନେବା ପରେ ପରମାର୍ଥକୁ ଧାଇଁ ଆସନ୍ତି ।

**ଯତୀଶଦା'** - କେଉଁମାନେ ଅଚେତନ ହୋଇଥାନ୍ତି ?

**ଶ୍ରୀଶ୍ରୀଠାକୁର** - ଜୀବ ଜୀବନଚକ୍ର କାଳ ଗତି କଲାବେଳେ ଯଦି ଦେହ ମରିଗଲା, ତା'ହେଲେ ଆତ୍ମା ବା ବ୍ରହ୍ମ ସୃଷ୍ଟିଚକ୍ରର ନୀତି ଭଙ୍ଗକରି ଜୀବଲୋକରେ ଭ୍ରମଣ କଲେ । ଆମ୍ଭେମାନେ ଦୈନିକ ବହୁସଂଖ୍ୟାରେ ମଶା, ମାଛି, ପିମ୍ପୁଡ଼ି, ଜନ୍ଦା, ମାଛ, କୁକୁଡ଼ା, ଛେଳି ଇତ୍ୟାଦି ଦେହକୁ ବଧ କରୁଛୁ । ସୃଷ୍ଟିଚକ୍ରର ନିୟମାନୁଯାୟୀ ବ୍ୟତିକ୍ରମ ହେଉଛି । କ୍ରମବିକାଶକୁ ନଷ୍ଟ କରିଦେଲେ, ଆତ୍ମା ଜୀବଲୋକକୁ ଫେରିଯିବ । ସେଠାରେ ସେ ଘୁରିବୁଲିବ । ଏଣେ ବିଶ୍ୱବ୍ରହ୍ମାଣ୍ଡରେ ଗ୍ରହନକ୍ଷତ୍ରାଦିର ଘୂର୍ଣ୍ଣନ ମଧ୍ୟ ଲାଗିରହିଛି । ଏହିପରି ଅବସ୍ଥାରେ ପୃଥିବୀରେ ପିତାମାତାଙ୍କର ସଂଯୋଗ କାଳଯୋଗରେ ଆତ୍ମା ଜରାୟୁରେ ବିନ୍ଦୁରୂପରେ ଅବସ୍ଥିତ ହୋଇ ପଞ୍ଚଭୂତ ଭାଗନେଇ ଦେହଧରି ରହିଲା । ମନୁଷ୍ୟ

ଦେହ ଧରିଲେ ମଧ୍ୟ ସ୍ୱଭାବ ପଶୁପରି ହେବ । ଏପରି ମନୁଷ୍ୟ ବର୍ତ୍ତମାନ ବହୁଳ ସଂଖ୍ୟାରେ ଦେଖାଯାଉଛି । ତେଣୁ ସୃଷ୍ଟିର ନିୟମ ଭଙ୍ଗକରି ଅକାଳରେ ଯେଉଁ ପଶୁପକ୍ଷୀ କୀଟପତଙ୍ଗ ଇତ୍ୟାଦି ହତ୍ୟା କରାଯାଉଛି, ସେସବୁ ନରଶରୀର ଧାରଣ କଲେ ମଧ୍ୟ ପଶୁ ସ୍ୱଭାବରେ ବାଧିତ ହୁଅନ୍ତି । ସେମାନଙ୍କ ପକ୍ଷରେ ଧର୍ମଧାରା ଅବଲମ୍ବନ କରିବା କଷ୍ଟକର ହୁଏ ।

ଯତୀଶଦା' - ବର୍ତ୍ତମାନ ଦେଖାଯାଉଛି, ସମାଜରେ ବିଭିନ୍ନ ପର୍ବପର୍ବାଣୀରେ ଜୀବବଧ କରାଯାଉଛି । ଏହା ପାପ ସତ୍ୟ, କିନ୍ତୁ ସାଧାରଣ ଲୋକେ ଏପରି କରୁଛନ୍ତି କାହିଁକି ?

ଶ୍ରୀଶ୍ରୀଠାକୁର - ସୃଷ୍ଟିର ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ଏହା କ୍ରମଶଃ ବଢ଼ି ବଢ଼ି ଚାଲିଛି । ଏହାର ସଂଶୋଧନ ହେଉନାହିଁ । ପଶୁ ପ୍ରବୃତ୍ତି ଓ ପଶୁ ସ୍ୱଭାବରେ ପଡ଼ି ଜିହ୍ୱାଲାଳସା ହେତୁ ସାଧାରଣ ଲୋକେ ଏହା କରୁଛନ୍ତି । ଏହିହେତୁ ସେମାନେ ଜୀବବଧ କରିବାକୁ ବାଧ୍ୟ ହେଉଛନ୍ତି । ସ୍ରଷ୍ଟା ତାଙ୍କର ନିୟମକୁ ଧରି ପ୍ରାରବ୍ଧକର୍ମର ଫଳ ଫଳାଉଛନ୍ତି । ଯଦି ଜୀବକୁ ଧର୍ମର ଅଭ୍ୟାସ କର୍ମରେ ଲିପ୍ତ କରାଯାଆନ୍ତା, ତା'ହେଲେ ଧିରେଧିରେ ଜୀବନକାଳ ମଧ୍ୟରେ ମନୁଷ୍ୟ ସତ୍‌ମାର୍ଗରେ ଯାଇପାରନ୍ତା ।

ଯତୀଶଦା' - ସୃଷ୍ଟିଚକ୍ରର ନୀତିନିୟମ କ'ଣ କଠୋର ଅଟେ ?

ଶ୍ରୀଶ୍ରୀଠାକୁର - ହଁ । ସୃଷ୍ଟିକର୍ତ୍ତା ତାଙ୍କ ସୃଷ୍ଟିକୁ କଠୋର ନିୟମ ମଧ୍ୟରେ ପାଳନ କରନ୍ତି । ପୁଣି, ମହତ ପୁରୁଷଙ୍କ ଦ୍ୱାରା ସଦାଚାର ପଦ୍ଧତି ଦେଖାଉଛନ୍ତି । ସେ ସୂତ୍ରସବୁ ଆମ୍ଭେମାନେ ମାନିବାକୁ ବାଧ୍ୟ ।

ଯତୀଶଦା' - ସତ୍ତ୍ୱଗୁଣର ଭାବ ଯଦି ତେଜସ୍ୱୀ ହୋଇ ରହୁଛି, ତେବେ ଅନ୍ୟାନ୍ୟ କୁଭାବ ଦବିଯାଉ ନାହିଁ କାହିଁକି ?

ଶ୍ରୀଶ୍ରୀଠାକୁର - ପୂର୍ବରୁ ତାହା କୁହାଯାଇଛି । ଯଦି ପରିବାର ଓ ସମାଜରେ ସୁପରିବେଶ ମିଳିଯାଏ, ତା'ହେଲେ ସତ୍ତ୍ୱଭାବ ଆଗେଇବ । ବାଲ୍ୟକାଳରୁ ଯଦି ପରିବେଶ ମନ୍ଦ ମିଳିଲା, ତେବେ ଜୀବନର ବାକି ଅଂଶତକ ମନ୍ଦ ହେବ ।

ଯତୀଶଦା' - ଜୀବ ମାଂସାଶୀ ହେଉଛି କାହିଁକି ?

ଶ୍ରୀଶ୍ରୀଠାକୁର - ଜୀବ ଭିତରେ କ୍ରମବିକାଶ ସୂତ୍ରର ପଶୁଭାବ ଥିବାରୁ ଜୀବ ମାଂସାଶୀ ହେଉଛି । ପୂର୍ବଜନ୍ମରେ ଯଦି ଦେହଧାରୀ ଚାରିପାଦ କୁକୁର ବିଲୁଆ ହୋଇ ତାକୁ ମାରି ଦିଆଯାଏ, ପରଜନ୍ମରେ ନରଶରୀର ଧାରଣ କଲେ ମଧ୍ୟ ଜୀବର ଭାବ ମାଂସାଶୀ ହେବ । କାରଣ, ତାହାର ସୃଷ୍ଟିଚକ୍ର ଭୋଗ କରିବାକୁ ବହୁତ କିଛି ବାକି ରହିଗଲା ।

ଯତୀଶଦା' - ଗାଈ, ଗୋରୁ, ଛେଳି, ମେଣ୍ଢା - ଏମାନେ ତୃଣଭୋଜୀ କାହିଁକି ?

ଶ୍ରୀଶ୍ରୀଠାକୁର - ସେମାନେ ପୂର୍ବରୁ ମାଂସାଶୀ ପଶୁ ଶରୀର ଭୋଗକରି କାଳଚକ୍ରରେ ଠିକ୍ ଭାବରେ ଛେଳିଗୋରୁ ଶରୀର ଧାରଣ କରିଥିବାରୁ ମାଂସାଶୀ ହୁଅନ୍ତି ନାହିଁ ।

ଯତୀଶଦା' - ସୃଷ୍ଟିତତ୍ତ୍ୱ ବହୁ ଜଟିଳ । ସହଜରେ ବୁଝି ହେଉନାହିଁ ।

ଶ୍ରୀଶ୍ରୀଠାକୁର - ଏସବୁ ଅନୁଭବ ସୂତ୍ର ଏବଂ ସୂକ୍ଷ୍ମଦର୍ଶନରୁ ମିଳେ । ସବୁକଥା ସହଜରେ ବୁଝି ହୁଏ ନାହିଁ କିମ୍ବା

ଜାଣି ହୁଏ ନାହିଁ । ଚୈତନ୍ୟ ଜାଗ୍ରତ ହେଲେ ମଧ୍ୟ କେତେକ ଅନୁଭବ କ୍ରିୟାଶୀଳ କରିହୁଏ ନାହିଁ । ଯେପରି : ପବନ ତମେ ଅନୁଭବ କରୁଛ । କହିପାରିବ ନାହିଁ ତା'ର ଗନ୍ଧ, ରୂପ, ରସ ଅଛି କି ନାହିଁ । କିନ୍ତୁ ତାହା ସୂକ୍ଷ୍ମରେ ଅଛି ।

**ଯତୀଶଦା'** - ଗୋଟିଏ ଜନ୍ମରେ କ'ଣ ସୃଷ୍ଟି ବିଷୟରେ ସବୁ କଥା ଜାଣିହେବ ନାହିଁ ?

**ଶ୍ରୀଶ୍ରୀଠାକୁର** - ନା । ଏଥିପାଇଁ ଅନେକ ଜନ୍ମ ଲୋଡ଼ା । ଏହି ଅନେକ ଜନ୍ମର କାଳବର୍ଷର ହିସାବ ଅଛି । ଯେଉଁ ଯୋଗୀ ଜନ୍ମାନ୍ତର କ୍ରମରେ ମୁକ୍ତି ବା ବିକାଶ ଚାହେଁ, ସେ ଜାଣିପାରେ । ଲୋକେ ମୁକ୍ତି ମୁକ୍ତି ହେଉଛନ୍ତି, କିନ୍ତୁ ସେ ବିଷୟରେ କାହାର ଜାଣିବାର ଇଚ୍ଛା ଅଛି ? ମୁକ୍ତିର ପ୍ରତ୍ୟେକ ଅଂଶରେ ବିଶାଳଭାବ ଜାଗ୍ରତ ହୁଏ । ଏହି ଭାବଗୁଡ଼ିକ ପ୍ରତ୍ୟେକ ଜୀବର ମନ୍ୱନ୍ତର କାଳବର୍ଷକୁ ଶୁଦ୍ଧିକାର୍ଯ୍ୟ ଆଣେ । କେବଳ ପରମାର୍ଥୀଭାବ ସମ୍ପନ୍ନ ଜୀବକୁ ଏହା ବୁଝାଏ । ଜୀବ ଯେ ପର୍ଯ୍ୟନ୍ତ ଧର୍ମପଥର ଯାତ୍ରୀ ନ ହେଉଛି, ସେ ପର୍ଯ୍ୟନ୍ତ ବିକାଶ କିମ୍ବା ମୁକ୍ତିକ୍ରିୟା ସମ୍ବନ୍ଧରେ ଆଦୌ କିଛି ଜାଣିପାରେ ନାହିଁ ।

**ଯତୀଶଦା'** - ଦେହରେ ବିକୃତ ଭାବନା ଅଛି ସତ୍ୟ, ତାହା ଜାଣି ମଧ୍ୟ ବେଳେବେଳେ ବୋଧଶକ୍ତିର ପରାଜୟ ହେଉଛି କାହିଁକି ?

**ଶ୍ରୀଶ୍ରୀଠାକୁର** - ଯାହା ଜାଣିବାକୁ ଚାହୁଁଛ, ସେ ସବୁର ମୂଳରେ ଆଧ୍ୟାତ୍ମିକ ବୋଧଶକ୍ତି ହେଉଛି ପ୍ରଧାନ ଶକ୍ତି । ଜୀବ ଯେପର୍ଯ୍ୟନ୍ତ ଜନ୍ମାନ୍ତରରେ ବିବେକୀ ନ ହୋଇଛି, ବୋଧ ନିଶ୍ଚିତ ଭାବରେ କମିକମି ଯିବ । ଉଦାହରଣ ସ୍ୱରୂପ, ପାଣି ବାଲ୍‌ଟିରେ ସର୍ଫ୍ ପାଉଡର୍ ପକାଇ ଯଦି ଘାଣ୍ଟିବ, ତେବେ ସର୍ଫ୍ ବସି ରହି ମିଳେଇଯିବ । ଘାଣ୍ଟିଲେ ସଫା ଧୌତ ଫେଣ ବାହାରିବ । ସେହିପରି ଜୀବ ଯଦି ବିବେକକୁ କାର୍ଯ୍ୟକାରୀ ନ କରିବ, ତା'ହେଲେ ବୋଧଶକ୍ତି କ୍ରମଶଃ କମିଯିବ । ତେଣୁ କରି ଆମ ଦେହରେ ଥିବା ବୁଦ୍ଧି, ବିବେକକୁ ଘର୍ଷଣ ନ କଲେ, ବୋଧ ଆସିବ ନାହିଁ, ତାହା ସୀମିତ ରହିଯିବ ଓ କାଳକ୍ରମେ ଲୋପ ପାଇଯିବ ।

**ଯତୀଶଦା'** - ତା'ହେଲେ ଆମ୍ଭେମାନେ ଅନେକ ଜନ୍ମ ଜଡ଼ ଅବସ୍ଥା ଭୋଗ କରୁଛେ ?

**ଶ୍ରୀଶ୍ରୀଠାକୁର** - ହଁ । ଅନେକ ଜନ୍ମ ଜଡ଼ଅବସ୍ଥା ଭୋଗ କରିବା ପରେ, ସେହି ଜଡ଼ଦେହରେ ଶେଷକୁ ଦଶିପୋକ ହୋଇ ଜନ୍ମ ନେବାକୁ ହେବ ।

**ଯତୀଶଦା'** - ଏଥିରୁ ତରିଯିବାର ସହଜ ଉପାୟ କ'ଣ ?

**ଶ୍ରୀଶ୍ରୀଠାକୁର** - ଏଥିରୁ ତରିଯିବାର ସହଜ ଉପାୟ ତ ତମମାନଙ୍କୁ ବତାଇ ଦିଆଯାଇଛି । ଧର୍ମଧାରା, ଅଭ୍ୟାସ କର୍ମଯୋଗ, ପ୍ରେମଭକ୍ତି, ଅକୁଣ୍ଠିତ ଦାନ, ତ୍ୟାଗ, ସେବା, ନିଷ୍ଠା ହିଁ ଏହାର ପ୍ରକୃଷ୍ଟ ମାର୍ଗ ।

**ଯତୀଶଦା'** - ତା'ହେଲେ ଆମ ସମସ୍ତଙ୍କୁ ଧର୍ମବାଟ ଧରିବାକୁ ହେବ ?

**ଶ୍ରୀଶ୍ରୀଠାକୁର** - ପୁଣି ସେହି ଗୋଟିଏ କଥାକୁ ବାରମ୍ବାର ଓଲଟପାଲଟ କରୁଛ । ପୂର୍ବରୁ କୁହାଗଲା, ଧରି ପାରୁନ । କ'ଣ ନା' ବୁଝି ହେଉନାହିଁ ।

**ଯତୀଶଦା'** - କିଛି ବୁଝି ହେଉଛି, ପୁଣି କିଛି ବୁଝି ହେଉନାହିଁ । ଏଠାରେ ବସିଲେ, ସବୁ ବୁଝିଗଲା ପରି ଜଣା ପଡୁଛି, ଉଠିଗଲେ ଭୁଲି ଯାଉଛି ।

ଶ୍ରୀଶ୍ରୀଠାକୁର - ଏଠାରେ ଯେତେ ସମୟ ବସୁଛ, ଏକମୁଖୀ ଭାବ ରହୁଛି । ତେଣୁ ଶୁଣିବାକୁ ଭଲ ଲାଗୁଛି, ବୃଝି ପାରୁଛ ମଧ୍ୟ । ଏପରିକି ପ୍ରଶ୍ନ ବି ତିଆରି କରିପାରୁଛ । ଏଠାରୁ ଉଠିଯିବା ପରେ ସେହିପରି ଏକମୁଖୀ ହୋଇ ଶୁଣିଥିବା କଥାକୁ ଗୁଣି ହେଲେ, ଅନେକଟା ନିଜେ ଅନୁଭବ କରିପାରନ୍ତ । ଆଉ ଭୁଲିଯିବାକୁ ହୁଅନ୍ତା ନାହିଁ ।

ଯତୀଶଦା' - ଏସବୁ ଶ୍ରବଣ କରି ନିରୋଳାରେ ବସି ଚିନ୍ତା କରିବାକୁ ଭଲ ଲାଗେ । ପୁଣି, କିଛି ସମୟ ପରେ ବିରକ୍ତି ଆସିଲେ, ଭ୍ରମି ଯାଏ । ଏଭଳି ହେବାର କାରଣ କ'ଣ ?

ଶ୍ରୀଶ୍ରୀଠାକୁର - ଏହା ଧୀଶକ୍ତିର ହ୍ରାସବୃଦ୍ଧି ହେତୁ ହୁଏ । ଯାହାର ଧୀଶକ୍ତି ଯେତେ ପ୍ରଖର ଓ ତୀବ୍ର, ତାହାର ସ୍ମୃତି ଶକ୍ତି ସେତେ ଅଧିକ ସାହାଯ୍ୟ କରିଥାଏ । ବାରମ୍ବାର ଆଲୋଚନା କଲେ ମଧ୍ୟ ସ୍ମୃତି ଶକ୍ତି ବୃଦ୍ଧିଲାଭ କରେ । ବର୍ଣ୍ଣାଶ୍ରମ ନିୟମ ଶୁଣି ଶୁଣି ପୂର୍ବେ ସାଧକମାନେ ସମାଧି ଭାବାପନ୍ନ ହେଉଥିଲେ, କାରଣ ତାଙ୍କର ଏକମୁଖୀ ଏକଭାବ ଥିଲା ।


ଯତୀଶଦା' - ଏ ଘୋର କଳିକାଳରେ ପରିବାର ମଧ୍ୟରେ ପରମାର୍ଥ ଜୀବନ ଗଠନ କରିବା କଠିନ ନୁହେଁ କି ?

ଶ୍ରୀଶ୍ରୀଠାକୁର - ନା । ଆଦୌ କଠିନ ନୁହେଁ, ଅତି ସହଜ । କାରଣ, ଦୈନନ୍ଦିନ ଗୋଟିଏ କର୍ମରେ ନିୟମିତ ହେଲେ, ସହଜରେ ହୋଇଯିବ , ଜଟିଳ ଲାଗିବ ନାହିଁ । କିନ୍ତୁ ଆମ୍ଭେ ନିୟମିତ ଆଚରଣ ରକ୍ଷା କରି ନ ପାରିବାରୁ କଠିନ ବୋଧ ହେଉଛି । ବିଚାର କରି ଦେଖ, ସୃଷ୍ଟିକର୍ତ୍ତାଙ୍କ ନିଷ୍ପତ୍ତିରେ ବସ୍ତୁତଃ ଜୀବନ କ'ଣ ?

ଯତୀଶଦା' - ଗୃହସ୍ଥାଶ୍ରମରେ ଜୀବନ ନିୟମିତ ନୁହେଁ, ଜଞ୍ଜାଳମୟ ଓ ବିରକ୍ତି କର ନୁହେଁ କି ?

ଶ୍ରୀଶ୍ରୀଠାକୁର - ନିୟମିତ କର୍ମ ନ କଲେ, ସବୁ ଜଞ୍ଜାଳଭଳି ଲାଗିବ । ତୁମେ ତମ ବାପା, ବୋଉ, ଭାଇ, ଭଉଣୀ, ବନ୍ଧୁ, ବାନ୍ଧବ, ଛାଡ଼ି ଆସିଛ । ତମ ଭିତରେ ଜଞ୍ଜାଳ ଅଛି । ଯଦି ଆଚରଣ ଶୁଦ୍ଧ ନ ହୁଏ, ତେବେ ସବୁକିଛି ଜଞ୍ଜାଳ ଲାଗିବ । ବ୍ୟକ୍ତି ନୀତିହୀନ ହେଲେ, ପଶୁ ଜୀବନଯାପନ କରିବାକୁ ପଡ଼ିଥାଏ । ପରିବାର, ଧନସମ୍ପତ୍ତି କ'ଣ ଜଞ୍ଜାଳ ନୁହେଁ । ଦେହ ଭିତରେ ଜଞ୍ଜାଳର କୋଷ ଭରପୂର ହୋଇ ରହିଛି । ପିଣ୍ଡରେ ଯାହା ଅଛି, ବ୍ରହ୍ମାଣ୍ଡରେ ମଧ୍ୟ ତାହା ରହିଛି ।

| | |
|---|---|
| ନିଜ ଚିନ୍ତା, କଥା, କାମ ନିଜର । | ନୀତିରେ ରୁହ, କତି ନ ରୁହ । |
| ଗୁରୁମୁଖୀ ହୋଇ ରଖ ନଜର ॥ | ପତି ବୋଲି ମୁଖେ ସର୍ବଦା କୁହ ॥ |
| ଯେତିକି ପାଉଛ ସେଥିରେ ଖୁସି । | ପତିତପାବନ ବାନା ଉଡ଼େଇ । |
| ହେଲେ ଚରମରେ ଧସେଇ ପଶି ॥ | ଚରମ ଲଭିବୁ ନ ହେଲେ ବାଇ ॥ |



# ନୀଳଚକ୍ର ଚରମର ସଙ୍କେତ

ଆଜି ବିଶ୍ୱ ଏକ ଭୟଙ୍କର ସଙ୍କଟରେ ସମ୍ମୁଖୀନ । ହିଂସା, ଦ୍ୱେଷ, ଅସହିଷ୍ଣୁତା, ଅବିଶ୍ୱାସ, ପରଶ୍ରୀକାତରତା, ଈର୍ଷା, ଅସ୍ଥିରତାର ଘେରରେ ମାନବିକ ଧର୍ମ ଅବକ୍ଷୟମାଣ । ଏପରି ସନ୍ଧିକ୍ଷଣରେ ପ୍ରତ୍ୟେକେ ସତର୍କ ଓ ସଚେତନ ନ ରହିଲେ, ଅବିଶ୍ୱାସ ଏବଂ ଅକୃତଜ୍ଞତାର ରାକ୍ଷସୀଗର୍ଭରେ ବ୍ୟକ୍ତିତ୍ୱ ନଷ୍ଟଭ୍ରଷ୍ଟ ହୋଇଯିବା ଆଦୌ ଅସମ୍ଭବ ନୁହେଁ । ମଣିଷର ଶାଶ୍ୱତ ସନାତନଧର୍ମ ହିଁ ମଣିଷପଣିଆ । ମାନବିକ ସମ୍ବେଦନହୀନ ଜୀବନ ଜୀବନ ନୁହେଁ, ବରଂ ଜୀବନ୍ତ ମରଣ । ଛଳନାର ଅଭିନୟ କଦାପି ଆଚରଣ ନୁହେଁ । ଯାହା ବ୍ୟକ୍ତିସତ୍ତାର ଅନ୍ତଃକରଣରେ ଦାନା ବାନ୍ଧି ଦୈନନ୍ଦିନ ଜୀବନଚର୍ଯ୍ୟାର ପ୍ରତିଟି ପଦକ୍ଷେପରେ ବିକଶିତ ହୋଇ ଆନନ୍ଦମୟ ସୌରଭ ବିତରଣ କରି ଜୀବନ ଉପବନକୁ ସତେଜ ସୁନ୍ଦର ଓ ମହନୀୟ କରି ତୋଳେ, ତାହାହିଁ ସ୍ୱାଭାବିକ ଆଚରଣ । ଆଧ୍ୟାତ୍ମିକ ସାଧନ ଏବଂ ଆତ୍ମିକ ଉନ୍ନୟନ ପଥରେ ଛଳନାର ଅଭିନୟ ନୁହେଁ, ସ୍ୱାଭାବିକ ସ୍ୱତଃସିଦ୍ଧ ଆଚରଣ ହିଁ ଉପାଦେୟ ।

ଜୀବନର ସମ୍ମୁଖୀନ ହୁଅ । ଜୀବନ ଏକ ଖେଳଘର ନୁହେଁ । ଗୋଟିଏ ଗୋଟିଏ ମୁହୂର୍ତ୍ତ ମିଶି ଜୀବନ ଗଠିତ । ତେଣୁ ପ୍ରତି ମୁହୂର୍ତ୍ତରେ ସେହି ଶାଶ୍ୱତ ଦିବ୍ୟ ସତ୍ତା ସହିତ ଯୋଗଯୁକ୍ତ ହୁଅ । ନିଃସ୍ୱାର୍ଥପର ସେବାକାର୍ଯ୍ୟରେ ନିଯୁକ୍ତ ରହି ବିଶ୍ୱର କଲ୍ୟାଣକର କର୍ମରେ ବିନିଯୁକ୍ତ ହୁଅ । ଜୀବନର ବହୁଭାଗ ଆତ୍ମକେନ୍ଦ୍ରିକ ସ୍ୱାର୍ଥଜଡ଼ିତ ବିଷୟାବିଷ ବନ୍ଧନରେ ଅତିବାହିତ କରି ସାରିଲଣି । ଏବେବି ସମୟ ଅଛି, ହତାଶ ହୁଅନାହିଁ, ନିରାଶ ହୁଅନାହିଁ, ନୂତନ ଆଶା ପୋଷଣ କରି ଆପଣା ଜାଲରୁ ମୁକୁଳି ଆସି ପରୋପକାରରେ ଜୀବନର ଅବଶିଷ୍ଟ ମୁହୂର୍ତ୍ତ ପ୍ରେମ ଏବଂ ଆନ୍ତରିକତାର ସହିତ ବିନିଯୋଗ କର । ଏ ଧରାଧାମକୁ ଧୂଳିକଣାଟିଏ ନେଇ ତମେ ଆସି ନ ଥିଲ, ଏ ଧରାଧାମରୁ ଧୂଳିକଣାଟିଏ ବି ନେଇ ତମେ ଯିବ ନାହିଁ । କେହି କିଛି ନେଇ ଏଠାରୁ ଯାଉନାହାନ୍ତି, ଯାଇପାରନ୍ତି ନାହିଁ । ତମର ପୂର୍ବଜନ୍ମର ସୁକୃତରୁ ଏ ଜନ୍ମରେ ତମକୁ ବିଶ୍ୱପିତା ଯାହାସବୁ ଦେଇଛନ୍ତି, ଏ ଜନ୍ମରେ ସେ ସବୁକୁ ବିଶ୍ୱକଲ୍ୟାଣରେ ଯଥାର୍ଥ ଭାବରେ ବିନିଯୋଗ କଲେ, ପରବର୍ତ୍ତୀ ଜନ୍ମରେ ତହିଁରୁ ଅଧିକ ପ୍ରାପ୍ତ ହେବ ତୁମର । କୃପଣତାବଶରୁ ସ୍ୱାର୍ଥପର ହେଲେ, ପରବର୍ତ୍ତୀ ଜନ୍ମରେ ଦରିଦ୍ର ହେବ, ଭିକ୍ଷୁକ ହେବ, ରୋଗଗ୍ରସ୍ତ ହେବ ହିଁ ହେବ । ଏହା ହିଁ ତ ବେଦର ବାଣୀ ।


ବନବାସୀ ସାଧୁସନ୍ଥ ଯୋଗୀ ତପସ୍ୱୀମାନଙ୍କର ଜୀବନଚର୍ଯ୍ୟା ସ୍ୱତନ୍ତ୍ର । ତୁମ୍ଭେମାନେ ସଂସାରୀ, ସଂସାରରେ ରହି ଆତ୍ମୋନ୍ନୟନ ତଥା ମୁକ୍ତିମୋକ୍ଷ ନିର୍ବାଣ ନିମନ୍ତେ ଅଭ୍ୟାସ କର୍ମଧାରା ଓ ଧର୍ମଧାରା ଗ୍ରହଣ କରିଛ । ଏଥିନିମନ୍ତେ ତୁମମାନଙ୍କ ପାଇଁ ସଂଘ, ପରିଷଦ୍ ତଥା ପରିଷଦ୍‌ର ବିଭିନ୍ନ ସଂସ୍ଥା ଖୋଲା ଯାଇଛି । ଏ ସବୁର ସୁପରିଚାଳନାର

ଦାୟିତ୍ୱ ତୁମ୍ଭେମାନେ ହିଁ ବହନ କରିବ । ନିଜ ସଂସାର ଓ ପରିବାର ଚଳାଇବା ଭଳି, ତୁମ୍ଭ ଶାଖା ପରିଚାଳନା, ସଂଘ ପରିଚାଳନା, ପରିଷଦ୍‌ର ବ୍ୟୟଭାର,ଅଖଣ୍ଡଦୀପର ବ୍ୟୟ, ଅନାଥାଶ୍ରମର ଶିଶୁମାନଙ୍କର ବ୍ୟୟ, ଆଶ୍ରମ ଉଦ୍ୟାନ ଗଠନ ଓ ରକ୍ଷଣାବେକ୍ଷଣ, କ୍ଷେତ୍ର ପରିଚାଳନା, ମାତୃବନ୍ଦନା ସଙ୍ଗଠନ, ସଙ୍ଗୀତ ମହାବିଦ୍ୟାଳୟ, ମହାମନ୍ତ୍ର ନାମ ସଂକୀର୍ତ୍ତନ, ସେବାଶ୍ରମ, ସତ୍‌ସଙ୍ଗ, ଉତ୍ସବ, ସାହିତ୍ୟ ସଂସଦ୍ ତଥା ''ଚରମ'' ପତ୍ରିକା ପ୍ରକାଶନ ଇତ୍ୟାଦି ଯାବତୀୟ ବ୍ୟୟଭାର ତୁମ୍ଭମାନଙ୍କୁ ହିଁ ବହନ କରିବାକୁ ହେବ । ନାନାଦି ଆଳରେ ସମସ୍ୟା ଦର୍ଶାଇ ଏଥିରୁ ଖସିଯିବାର ଚାଲାକି କଲେ,ସୃଷ୍ଟି ଧ୍ୱଂସ ହୋଇଯିବ ନାହିଁ, ସାବଧାନ ! ତମେ ନିଜେ ହିଁ ନିଜ ଖାଲରେ ପଡ଼ି ହାହୁତାଶ ମଧ୍ୟରେ ଦୀର୍ଘଶ୍ୱାସ ଛାଡୁଥିବ । କିଏ କାହିଁକି ସେଥିପ୍ରତି ଦୃଷ୍ଟି ପକାଇବ ? ଆପଣା କରଣୀରୁ ଜୀବ ଫଳ ଭୋଗିଥାଏ । ପ୍ରଭୁ ତହିଁର ଅଂଶୀଦାର ନୁହଁନ୍ତି । ଏହା ଗୀତାର ବାଣୀ ।

ନଶ୍ୱର ଜଗତରେ ବିମୋହିତ ହୁଅନାହିଁ । 'ଚରମ'ର ପୃଷ୍ଠପୋଷକ ହୁଅ, ଆଜୀବନ ଗ୍ରାହକ ହୁଅ । ଗ୍ରାହକ ଦେୟ ଯଥା ସମୟରେ କାଳବିଳମ୍ବ ନ କରି ପଇଠ କର । ଦୀର୍ଘଦିନ ହେବ ଅନେକଙ୍କର ଗ୍ରାହକ ଦେୟ ଏ ପର୍ଯ୍ୟନ୍ତ ମିଳୁନାହିଁ । ପତ୍ରିକା ଚାଲୁରହିବ କିପରି ? ତୁମ୍ଭମାନଙ୍କ ପ୍ରତିଶ୍ରୁତି ଉପରେ ଭରସା କରି ଆମେ ଯଦି ନିରାଶ ହେବୁ, ଆମ ପ୍ରତିଶ୍ରୁତି ଉପରେ ଭରସା କରି ଶେଷକୁ ତୁମ୍ଭମାନେ ପାଇବ କ'ଣ ? ବାୟାବୁଦ୍ଧି ଛାଡ଼ି ସଂସାର କାର୍ଯ୍ୟରେ ମନପ୍ରାଣ ଦେଇ ସହଯୋଗ କର । ଏକତା ରକ୍ଷାକର, ସଂକଳ୍ପ ରକ୍ଷାକର, ବଚନ ରକ୍ଷାକର । ଦେଖିବ, କାଳର କରାଳ କବଳରୁ ତମେ ବି ରକ୍ଷା ପାଇଯିବ । ତୁମ୍ଭମାନଙ୍କ ପାଇଁ ଏହା ଚରମର ସଙ୍କେତ ।

## ବିଜ୍ଞପ୍ତି

ଏତଦ୍ୱାରା ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ଅନ୍ତର୍ଭୁକ୍ତ **''କ୍ଷିତିଜ୍ୟୋତି ସଂଗୀତ ମହାବିଦ୍ୟାଳୟ''** ସରକାରୀ ସ୍ୱୀକୃତିପ୍ରାପ୍ତ ଏକ ନୃତ୍ୟ, ବାଦ୍ୟ, ସଂଗୀତ ଶିକ୍ଷାନୁଷ୍ଠାନ । ଅଭିଜ୍ଞ ଓ ଦକ୍ଷ ଅଧ୍ୟାପକମାନଙ୍କ ଦ୍ୱାରା ଏଠାରେ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ ସଂଗୀତ, ନୃତ୍ୟ ଓ ବାଦ୍ୟଯନ୍ତ୍ର ଶିକ୍ଷା ଦିଆଯାଉଅଛି ।



ସଂପର୍କ

ସମ୍ପାଦକ

କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟ

# ଆଶ୍ରମ ସନ୍ଦେଶ

'ଚରମ' ଦ୍ୱିତୀୟ ପୁଷ୍ପ : ଦ୍ୱିତୀୟ ପାଖୁଡ଼ାରେ ତା୧୫।୧୨।୯୪ରିଖ ପର୍ଯ୍ୟନ୍ତ କ୍ଷିତିଜ୍ୟୋତି ଆଶ୍ରମ ଓ ବିଭିନ୍ନ ଶାଖା/ଉପଶାଖା/ପ୍ରସ୍ତାବିତ ଶାଖା ଏବଂ ଉତ୍ସବାଦିର ସନ୍ଦେଶ ପତ୍ରସ୍ଥ ହୋଇଥିଲା । ଏହି ପାଖୁଡ଼ାରେ ତତ୍‌ପରବର୍ତ୍ତୀ ସମୟରୁ ଏଯାବତ୍ ବାର୍ତ୍ତା ପତ୍ରସ୍ଥ ହେଉଅଛି ।

ଆଶ୍ରମରେ ଯଥା ପ୍ରାତଃ ଘ.୫.୩୦ମି. ପରିଷଦ ପ୍ରକୋଷ୍ଠରେ ପ୍ରାତଃକାଳୀନ ପ୍ରାର୍ଥନା ଓ ଧ୍ୟାନ ଏବଂ ସନ୍ଧ୍ୟା ଘ.୬.୩୦ମି.ରେ ସନ୍ଧ୍ୟା ପ୍ରାର୍ଥନା ଆଶ୍ରମ ପ୍ରାଙ୍ଗଣରେ ସାମୁହିକ ଭାବେ ଆଶ୍ରମର ଆବାସିକ ଭକ୍ତବୃନ୍ଦ ଓ ଆଶ୍ରମଗତ ଭାଇଭଉଣୀଙ୍କ ଦ୍ୱାରା ହେଉଅଛି ।

**ତା୨୪।୧୨।୯୪ରିଖ - ଶନିବାର-**ପ୍ରହରାଜପୁର ଶାଖାର ତୃତୀୟ ବାର୍ଷିକୋତ୍ସବ ଉପଲକ୍ଷେ ଅଚ୍ୟୁତଗୁପ୍ତ ବ୍ରହ୍ମ ସଂଘର ୪୦ତମ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

**ତା୩୧।୧୨।୯୪ରିଖ - ଶନିବାର-**ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଠାକୁର ସାଲେପୁରସ୍ଥ ଶଙ୍କର ଭାଇଙ୍କ ବାସଭବନକୁ ଗସ୍ତକରି ପରିବାରବର୍ଗଙ୍କୁ ଅଶେଷ କଲ୍ୟାଣ ଦେଇଅଛନ୍ତି ।

**ତା୧।୧।୯୫ରିଖ - ରବିବାର-**ମହାପ୍ରଭୁ ଶ୍ରୀଶ୍ରୀଠାକୁରଙ୍କୁ ଆଶ୍ରମରେ ଅଗଣିତ ଭକ୍ତ ଦର୍ଶନ କରି ନବବର୍ଷର ଆଶୀର୍ବାଦ ଗ୍ରହଣ ଓ ଶ୍ରୀଶ୍ରୀଠାକୁରଙ୍କ ଉପସ୍ଥିତିରେ ପରିଷଦ୍‌ର ତୃତୀୟ ନିର୍ବାହୀ ସଭାର ୫ମ ବୈଠକ ଯଥାରୀତି ଅନୁଷ୍ଠିତ ହୋଇଯାଇଛି ।

**ତା୨।୧।୯୫ରିଖ - ସୋମବାର-**ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ନିର୍ବାହୀ କର୍ମକର୍ତ୍ତାଙ୍କ ତରଫରୁ ବେଲରପାଣ ଜାଗୁଲାଇ ବିଦ୍ୟାନିକେତନରେ ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କର ମିଳିତ ଅଧିବେଶନରେ ବିଶ୍ୱଭ୍ରାତୃତ୍ୱ ଛାତ୍ର ପରିଷଦ୍ ଗଠନ ନିମନ୍ତେ ପ୍ରାରମ୍ଭିକ ଆଲୋଚନା ସର୍ବ ସାଫଲ୍ୟରେ ଅନୁଷ୍ଠିତ ହୋଇଯାଇଛି ।

**ତା୧୨।୧।୯୫ରିଖ - ଗୁରୁବାର (ପୁତ୍ରଦା ଏକାଦଶୀ) -** ସ୍ୱର୍ଣ୍ଣକ୍ଷେତ୍ରରେ ଠାକୁବା'ଙ୍କ ୬୮ ତମ ଜନ୍ମଜୟନ୍ତୀ ଉତ୍ସବ ତଥା ଚରମ ଦ୍ୱିତୀୟ ପାଖୁଡ଼ାର ଶୁଭ ଉନ୍ମୋଚନ ଉପଲକ୍ଷ୍ୟରେ ଅଚ୍ୟୁତଗୁପ୍ତବ୍ରହ୍ମ ସଂଘର ୪୧ତମ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

**ତା୩୧।୧।୯୫ରିଖ -** ଗୋପାଳପୁରର ଭଦ୍ରେଶ୍ୱର ହାଇସ୍କୁଲରେ ବିଶ୍ୱଭ୍ରାତୃତ୍ୱ ଛାତ୍ର ପରିଷଦ୍ ଗଠନ ନିମନ୍ତେ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷିକାଙ୍କର ମିଳିତ ଅଧିବେଶନରେ ପ୍ରାରମ୍ଭିକ ଆଲୋଚନା ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ତରଫରୁ ଅନୁଷ୍ଠିତ ହୋଇଛି ।

**ତା୧୪।୧।୯୫ରିଖ - ଶନିବାର-** ଉଚ୍ଛିମୁଣ୍ଡା ଶାଖାର ପ୍ରଥମ ବାର୍ଷିକୋତ୍ସବ ଏବଂ ଅଚ୍ୟୁତଗୁପ୍ତବ୍ରହ୍ମ ସଂଘର ୪୨ତମ ସତ୍‌ସଙ୍ଗ ଅଧିବେଶନ ସର୍ବଶୁଭରେ ଅନୁଷ୍ଠିତ ହୋଇଅଛି ।

**ତା୨୦।୧।୯୫ରିଖ-ଶୁକ୍ରବାର ଠାରୁ ତା ୨୮।୧।୯୫ରିଖ ଶନିବାର** ପର୍ଯ୍ୟନ୍ତ କେନ୍ଦ୍ରୀୟ କର୍ମୀ ଅଚ୍ୟୁତଗୁପ୍ତବ୍ରହ୍ମ ସଂଘର ସାଙ୍ଗଠନିକ ମୁଖ୍ୟ, ପରିଷଦ୍‌ର ସାଧାରଣ ସମ୍ପାଦକ, ପ୍ରଧାନାଚାର୍ଯ୍ୟ ମିଶ୍ର ଭାଇନା ଏବଂ ବିଦ୍ୟାଧର ଭାଇ ଓ ବୁଲାଭାଇ ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ଗସ୍ତକରି ବିଭିନ୍ନ ସତ୍‌ସଙ୍ଗ ଅନୁଷ୍ଠାନରେ ଯୋଗଦେଇ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ପ୍ରଚାର ପ୍ରସାରରେ ସହଯୋଗ କରିଛନ୍ତି । ତନ୍ମଧ୍ୟରେ ତା୨୧।୧।୯୫ରିଖ ଶନିବାର ବାରିପଦା ଶାଖା ଆନୁକୂଲ୍ୟରେ ଖ୍ରିଚିଂର ଗୁରୁଭାଇ କୃଷ୍ଣଭାଇଙ୍କ ବାସଭବନରେ ପାରିବାରିକ ସତ୍‌ସଙ୍ଗ, ତା୨୨।୧।୯୫ରିଖ ରବିବାର ସନ୍ଧ୍ୟାରେ ବାରିପଦା ଶାଖାର ସାପ୍ତାହିକ ସତ୍‌ସଙ୍ଗ ବୈଠକ, ତା୨୩।୧।୯୫ରିଖ ଅପରାହ୍ଣ ବାରିପଦା ପୋଲିସ ହାଇସ୍କୁଲରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷିକାଙ୍କ ମିଳିତ ଅଧିବେଶନରେ ବିଶ୍ୱଭ୍ରାତୃତ୍ୱ ଛାତ୍ର ପରିଷଦ୍ ଗଠନର ପ୍ରାରମ୍ଭିକ ଆଲୋଚନା, ତା୨୩।୧।୯୫ରିଖ ସନ୍ଧ୍ୟାରେ ବଡ଼ସାହି ପଞ୍ଚାୟତ ଅନ୍ତର୍ଗତ ତାଳପଦାରେ ସରପଞ୍ଚ ମହେଶ୍ୱର ଭାଇଙ୍କ ପ୍ରଚେଷ୍ଟାରେ ସାଧାରଣ ସତ୍‌ସଙ୍ଗ ଅନୁଷ୍ଠାନ, ତା ତା୨୪।୧।୯୫ରିଖ ସନ୍ଧ୍ୟାରେ ବୁଲାଦିଦି ଓ ସରଳଭାଇଙ୍କ ବାସଭବନରେ ପାରିବାରିକ ସତ୍‌ସଙ୍ଗ ପ୍ରଧାନ ଅଟେ । ତା୨୬।୧।୯୫ରିଖ ସନ୍ଧ୍ୟାରେ କେନ୍ଦୁଝର ଟାଉନ ଶାଖାର ସାପ୍ତାହିକ ସତ୍‌ସଙ୍ଗ ବୈଠକ, ତା୨୭।୧।୯୫ରିଖ ସନ୍ଧ୍ୟାରେ ଗୁରୁଭାଇ

ନିତ୍ୟାନନ୍ଦଭାଇଙ୍କ କେନ୍ଦୁଝରସ୍ଥିତ, ବାସଭବନରେ ପାରିବାରିକ ସତ୍‌ସଙ୍ଗ ଅନୁଷ୍ଠାନରେ କେନ୍ଦ୍ରୀୟ କର୍ମୀବୃନ୍ଦ ଯୋଗଦାନ କରି ସଫଳ କରିଥିଲେ ।

**ତା୩୦।୧।୯୫ରିଖ - ସୋମବାର-**ଗୋବିନ୍ଦପୁର ଶାଖାର ବାର୍ଷିକୋତ୍ସବ ଓ ଅଚ୍ୟୁତଗୁପ୍ତ ବ୍ରହ୍ମସଂଘର ୪୩ତମ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଛି ।

**ତା୩୧।୧।୯୫ରିଖ - ମଙ୍ଗଳବାର-**ଝାଡ଼େଶ୍ୱରପୁର ହାଇସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷିକାମାନଙ୍କର ମିଳିତ ଅଧିବେଶନରେ ବିଶ୍ୱଭ୍ରାତୃତ୍ୱ ଛାତ୍ର ପରିଷଦ୍ ଗଠନ ନିମନ୍ତେ ପ୍ରାରମ୍ଭିକ ଆଲୋଚନା ହୋଇଯାଇଛି ।

**ତା୪।୨।୯୫ରିଖ - ଶନିବାର- (ସରସ୍ୱତୀ ପୂଜା)-** ପଣ୍ଡିତ ଶ୍ରୀପରିଡ଼ାଙ୍କ ବାସଭବନକୁ ଶ୍ରୀଶ୍ରୀଠାକୁର ଗସ୍ତକରି ପରିବାରବର୍ଗଙ୍କୁ କଲ୍ୟାଣ ଦେଇଥିଲେ ।

**ତା୫।୨।୯୫ରିଖ - ରବିବାର-**ବେଲରପାର ଶ୍ରୀଚନ୍ଦ୍ରମଣି ତିୱାରୀଙ୍କ ବାସଭବନରେ ତାଙ୍କ କନିଷ୍ଠ ପୁତ୍ରଦ୍ୱୟଙ୍କର ବ୍ରତୋପନୟନ ଉପଲକ୍ଷରେ ପାରିବାରିକ ସତ୍‌ସଙ୍ଗ ତଥା ୪୪ତମ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

**ତା୬।୨।୯୫ରିଖ - ସୋମବାର-ପଶୁକୁଣ୍ଡା ମଧ୍ୟଇଂରାଜୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷିକାଙ୍କ ମିଳିତ** ଅଧିବେଶନରେ **ବିଶ୍ୱଭାତୃତ୍ୱ ଛାତ୍ର ପରିଷଦ୍ ଗଠନର ପ୍ରାରମ୍ଭିକ ଆଲୋଚନା** ହୋଇଛି ।

**ତା୧୮।୨।୯୫ରିଖ - ଶନିବାର-ପଶୁକୁଣ୍ଡା ଗ୍ରାମର ଗ୍ରାମବାସୀ ଭାଇଭଉଣୀ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ** ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମାବେଶରେ ସାଧାରଣ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ କୁନ୍ଦଳ ପ୍ରସ୍ତାବିତ ଶାଖାରେ ବିଶେଷ ସତ୍‌ସଙ୍ଗ ବୈଠକରେ କେନ୍ଦୀୟ କର୍ମୀ ସାଙ୍ଗଠନିକ ମୁଖ୍ୟ, ସାଧାରଣ ସମ୍ପାଦକ, ପ୍ରଧାନାଚାର୍ଯ୍ୟ ଓ କେଶବ ବୃନ୍ଦାବନ ଯୋଗଦେଇ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ବ୍ୟାଖ୍ୟା କରିଅଛନ୍ତି ।

**ତା୧୯।୨।୯୫ରିଖ - ରବିବାର-** ମାଣ୍ଡୁକାଠାରେ ଅଚ୍ୟୁତଗୁପ୍ତବ୍ରହ୍ମ ସଂଘର ୪୫ତମ ସତ୍‌ସଙ୍ଗ ଅଧିବେଶନ ସର୍ବଶୁଭରେ ଅନୁଷ୍ଠିତ ହୋଇଛି ।

**ତା୨୭।୨।୯୫ରିଖ - ସୋମବାର- (ଶିବ ଚତୁର୍ଦ୍ଦଶୀ)-**ମାତୃବନ୍ଦନା ସଂଗଠନ ଦ୍ୱାରା କପିଳାସଠାରେ ମହାମନ୍ତ୍ର ନାମ ସଂକୀର୍ତ୍ତନ, ଚେତନା ଜାଗୃତି ଓ ସେବା ଶିବିର ସ୍ଥାପନ ହୋଇଥିଲା । କ୍ଷିତିଜ୍ୟୋତି ଆଶ୍ରମର ବାପୁଜୀ ଶିଶୁ ମନ୍ଦିରର ଅନାଥ ବାଳକମାନଙ୍କ ବ୍ୟବହାର ନିମନ୍ତେ ସାହିତ୍ୟ ସଂସଦ୍ ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁରଙ୍କ ଆଶୀର୍ବାଦରୁ ଯଦୁନାଥ ସ୍ମୃତି ପାଠାଗାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

**ତା୧।୩।୯୫ରିଖ - ବୁଧବାରଠାରୁ ତା୭।୩।୯୫ରିଖ ମଙ୍ଗଳବାର ପର୍ଯ୍ୟନ୍ତ** -ଏକ ସପ୍ତାହବ୍ୟାପୀ ଭିକ୍ଷାଗସ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କର୍ମୀମାନେ ବିଭିନ୍ନ ଶାଖା ଗସ୍ତ କରି ଭାଇଭଉଣୀଙ୍କ ମନରେ ଦାନ ଓ ତ୍ୟାଗର ମନ୍ତ୍ର ବପନ କରି ଆଶ୍ରମ ନିମନ୍ତେ ଭିକ୍ଷା କରିଅଛନ୍ତି ।

**ତା୫।୩।୯୫ରିଖ - ରବିବାର-** ମାଳଶାସନ (ରାମେଶ୍ୱର) ଠାରେ ଅଚ୍ୟୁତଗୁପ୍ତବ୍ରହ୍ମ ସଂଘର ୪୬ତମ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠାନ କାଳରେ ବର୍ଷାହେତୁ ବାଧାପ୍ରାପ୍ତ ହୋଇଅଛି ।

**ତା୧୨।୩।୯୫ରିଖ - ରବିବାର - (ଫଗୁଦଶମୀ)-** ବେଲରପା ଶାଖାର ତୃତୀୟ ବାର୍ଷିକୋତ୍ସବ ଏବଂ ଅଚ୍ୟୁତଗୁପ୍ତବ୍ରହ୍ମ ସଂଘର ୪୭ତମ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

**ତା୧୫।୩।୯୫ରିଖ - ବୁଧବାର -(ଚୈତ୍ର ସଂକ୍ରାନ୍ତି)** - ମାଳିହତାଠାରେ ସତ୍‌ସଙ୍ଗର ୪୮ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।

## ବିଜ୍ଞପ୍ତି

**"ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନ"** ମାଧ୍ୟମରେ ସାମ୍ପ୍ରତିକ ଅବକ୍ଷୟମାଣ ଓ ଧ୍ୱଂସାଭିମୁଖୀ ବ୍ୟକ୍ତି, ଦମ୍ପତି, ପରିବାର, ସମାଜ ଓ ରାଷ୍ଟ୍ରର ଆଧ୍ୟାତ୍ମିକ ବିକାଶ ନିମନ୍ତେ ଶିକ୍ଷା ପ୍ରଦାନ କରାଯାଉଅଛି, ଆଗ୍ରହୀ ବ୍ୟକ୍ତିମାନେ ବୟସ ନିର୍ବିଶେଷରେ ଏହାର ସୁଯୋଗ ନେବା ନିମନ୍ତେ ପରିଷଦ୍ ତରଫରୁ ଆହ୍ୱାନ କରାଯାଉଅଛି ।

ଯୋଗାଯୋଗ : ସମ୍ପାଦକ

ଆମର ଲକ୍ଷ୍ୟ : ଚରମପ୍ରାପ୍ତି